CMYK

• Vol.- 46, Issue No. 187
• Tuesday, 06 October 2026
• ମଙ୍ଗଳବାର, ୦୬ ଅକ୍ଟୋବର ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



କାର୍ଲ ଡିସେରୋଥ     ପିଟର ହେଗେମାନ     ଜର୍ଜ ନାଗେଲ

## ଚିକିତ୍ସା କ୍ଷେତ୍ରରେ ଶ୍ରେଷ୍ଠ ଅବଦାନ,୩ ଜଣଙ୍କୁ ନୋବେଲ

### ଅପଟୋଜେନେଟିକ୍ସ ଆବିଷ୍କାର : ପୁରସ୍କାର ପାଇବେ କାର୍ଲ ଡିସେରୋଥ, ପିଟର ହେଗେମ୍ୟାନ୍, ଜର୍ଜ ନାଗେଲ

ଅସଲୋ,୫।୧୦: ପୂର୍ବବର୍ଷ ପରି ଚଳିତ ବର୍ଷ ନୋବେଲ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଚିକିତ୍ସା କ୍ଷେତ୍ରରେ ୨୦୨୬ ମସିହା ପାଇଁ ନୋବେଲ ପୁରସ୍କାର ୩ ଜଣ ଯଥା: କାର୍ଲ ଡିସେରୋଥ, ପିଟର ହେଗେମାନ ଓ ଜର୍ଜ ନାଗେଲଙ୍କୁ ମିଳିତ ଭାବେ ମିଳିବ। ଆଲୋକ-ନିୟନ୍ତ୍ରିତ ଆୟନ୍ ଚ୍ୟାନେଲ୍ ଓ ଅପଟୋଜେନେଟିକ୍ସ ସମ୍ପର୍କିତ ଆବିଷ୍କାର ପାଇଁ ସେମାନଙ୍କୁ କାରୋଲିନସ୍କିକା ଇନ୍‌ଷ୍ଟିଚ୍ୟୁଟ୍‌ର ନୋବେଲ୍ ଆସେମ୍ବଲି ଏହି ପୁରସ୍କାର ପ୍ରଦାନ ପାଇଁ ନିଷ୍ପତ୍ତି ନେଇଥିବା ସୋମବାର ଘୋଷଣା କରିଛି।ଏହି ୩ ବୈଜ୍ଞାନିକଙ୍କ ଗବେଷଣା ଯୋଗୁଁ ଅପଟୋଜେନେଟିକ୍ସର ମୂଳଦୁଆ ପଡ଼ିଥିଲା। ଏହା ଏକ ଏଭଳି ପଦ୍ଧତି, ଯାହା ଆଲୋକ ବ୍ୟବହାର କରି ସ୍ନାୟୁର କୋଷଗୁଡ଼ିକୁ ନିୟନ୍ତ୍ରଣ କରିପାରେ। ଏହା ମାଧ୍ୟମରେ ବୈଜ୍ଞାନିକମାନେ ମସ୍ତିଷ୍କର ନିର୍ଦ୍ଦିଷ୍ଟ ସ୍ନାୟୁ କିପରି ସ୍ମୃତି, ଭାବନା ଓ ଆଚରଣକୁ ପ୍ରଭାବିତ କରେ, ତାହା ଜାଣିବାକୁ ସକ୍ଷମ ହୋଇଛନ୍ତି। ଅପଟୋଜେନେଟିକ୍ସର ଏହି ବୈପ୍ଳବିକ ପରିବର୍ତ୍ତନର ଆରମ୍ଭ ପିଟର୍ ହେଗେମାନ୍ ଓ ଜର୍ଜ ନାଗେଲଙ୍କ ଏକକୋଷୀ ଏଲଜିଏ ଗବେଷଣାରୁ ହୋଇଥିଲା। ଏହା ଚ୍ୟାନେଲରୋଡପ୍ସିନ୍ ଗବେଷଣା ଭାବେ ମଧ୍ୟ ବେଶ୍ ପରିଚିତ। ସେମାନେ ଏହି ଏଲଜିଏରୁ ଚ୍ୟାନେଲରୋଡପ୍ସିନ୍ ନାମକ ଗୋଟିଏ ପ୍ରୋଟିନ୍ ଆବିଷ୍କାର କରିଥିଲେ। ଏହି ପ୍ରୋଟିନ୍ ନୀଳ ଆଲୋକର ସଂସ୍ପର୍ଶରେ ଆସିଲେ ଏହାର ଗୋଟିଏ ଚ୍ୟାନେଲ୍ ଖୋଲିଥାଏ।ଏହା ମାଧ୍ୟମରେ ଚାର୍ଜଯୁକ୍ତ କଣିକା ପ୍ରବାହିତ ହୋଇ ଏକ ବିଦ୍ୟୁତ୍ ସଙ୍କେତ ସୃଷ୍ଟି କରିଥାଏ। ପରେ କାର୍ଲ ଡିସେରୋଥ୍ ଚ୍ୟାନେଲରୋଡପ୍ସିନ୍‌ର ଜିନ୍‌କୁ ମୂଷାର ସ୍ନାୟୁ କୋଷରେ ପ୍ରବେଶ କରାଇଥିଲେ। ସେହି ସ୍ନାୟୁକୋଷଗୁଡ଼ିକ ଉପରେ ନୀଳ ଆଲୋକ ପକାଇ ସେ ନର୍ଭ ସିଗ୍ନାଲ୍‌କୁ ସକ୍ରିୟ କରିପାରିଥିଲେ। ସେ ୨୦୦୫ ମସିହାରେ ଏହି ଗୁରୁତ୍ୱପୂର୍ଣ୍ଣ ଗବେଷଣା ପ୍ରକାଶ କରିଥିଲେ। ଏହାର ଦୁଇ ବର୍ଷ ପରେ ଅର୍ଥାତ ୨୦୦୭ରେ ସେ ଜୀବନ୍ତ ମୂଷାର ମସ୍ତିଷ୍କରେ ମଧ୍ୟ ଏହି ଆଲୋକ-ନିୟନ୍ତ୍ରିତ ସ୍ୱିଚ୍ କାମ କରିପାରେ ବୋଲି ପ୍ରମାଣ କରିଥିଲେ। ଏହି ପ୍ରଯୁକ୍ତି ପରେ ଅପଟୋଜେନେଟିକ୍ସ ନାମରେ ପରିଚିତ ହୋଇଥିଲା। ଏହି ପଦ୍ଧତି ମସ୍ତିଷ୍କ ସମ୍ପର୍କିତ ଗବେଷଣାରେ ବଡ଼ ପରିବର୍ତ୍ତନ ଆଣିଛି। ବୈଜ୍ଞାନିକମାନେ ଆଲୋକ ବ୍ୟବହାର କରି ନିର୍ଦ୍ଦିଷ୍ଟ ସ୍ନାୟୁକୁ ସକ୍ରିୟ କରିପାରନ୍ତି। ଏବେ ଦୃଷ୍ଟିଶକ୍ତି ହରାଇଥିବା ଲୋକଙ୍କ ଦୃଷ୍ଟି ଫେରାଇବା ପାଇଁ ମଧ୍ୟ ଏହି ପ୍ରଯୁକ୍ତିର ବ୍ୟବହାର ନେଇ ଗବେଷଣା ଚାଲିଛି।ଏହି ଉଲ୍ଲେଖନୀୟ ପ୍ରଯୁକ୍ତିବିଦ୍ୟା ନ୍ୟୁରୋବାୟୋଲୋଜି ଓ ଭେଷଜ କ୍ଷେତ୍ରରେ ନୂତନ ସମ୍ଭାବନା ଖୋଲିଛି। ଆଠ ଦିନ ମଧ୍ୟରେ ଘୋଷଣା ହେବାକୁ ଥିବା ଛଅଟି ନୋବେଲ୍ ପୁରସ୍କାର ମଧ୍ୟରୁ ଏହା ହେଉଛି ପ୍ରଥମ; ଏହା ମାନବଜାତି ପାଇଁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଥିବା ଆବିଷ୍କାର, ଚିନ୍ତାଧାରା ଏବଂ ଅବଦାନ ଉପରେ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥାଏ । ଏହି ପୁରସ୍କାରରେ ଏକ ପଦକ, ପ୍ରମାଣପତ୍ର ଏବଂ ନଗଦ ଅର୍ଥରାଶି ଅନ୍ତର୍ଭୁକ୍ତ ଥାଏ । ସମ୍ପୂର୍ଣ୍ଣ ନୋବେଲ୍ ପୁରସ୍କାର ପାଇଁ ୨୦୨୬ ମସିହାର ପୁରସ୍କାର ରାଶି ୧୨ ନିୟୁତ ସ୍ୱିଡିଶ୍ କ୍ରୋନର୍ ନିର୍ଦ୍ଧାରିତ କରାଯାଇଛି। ଡିସେମ୍ବର ମାସରେ ଏହି ପୁରସ୍କାର ଗୁଡ଼ିକ ଆନୁଷ୍ଠାନିକ ଭାବେ ପ୍ରଦାନ କରାଯିବ ।

### ସଂଶୋଧିତ ଫର୍ମ-୬ ନେଇ 'ସୁପ୍ରିମ' ଟିପ୍ପଣୀ

## ନିୟମ ଭାଙ୍ଗିଥିଲେ, ନିଷ୍ପତ୍ତି ହେବ ରଦ୍ଦ

ନୂଆଦିଲ୍ଲୀ,୫।୧୦: ଭାରତୀୟ ନିର୍ବାଚନ କମିଶନ(ଇସିଆଇ)ର ଅନ୍ୟ ଦୁଇ ନିର୍ବାଚନ କମିଶନରଙ୍କ ସହମତି ବିନା ମୁଖ୍ୟ ନିର୍ବାଚନ କମିଶନର(ସିଇସି) ଜ୍ଞାନେଶ କୁମାର ଏକତରଫା ଭାବେ ନିଷ୍ପତ୍ତି ନେଉଥିବା ଅଭିଯୋଗ ଆଧାରରେ ଦାଖଲ ହୋଇଥିବା ଆବେଦନ ଉପରେ ସୋମବାର ସୁପ୍ରିମକୋର୍ଟ ନିର୍ବାଚନ କମିଶନ ଓ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ବିଚାରପତି ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି. ମୋହନାଙ୍କ ଖଣ୍ଡପୀଠ ଆବେଦନରେ ଉଠାଯାଇଥିବା ଅଭିଯୋଗ ଉପରେ ଏକ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କହିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଇସିଆଇର ଜବାବ ବିଚାର କରିବା ପରେ ଯଦି ଜଣାପଡ଼େ ଯେ;ସିଇସି ଆବଶ୍ୟକ ସର୍ବସମ୍ମତି ବିନା କିଛି ନିଷ୍ପତ୍ତି ନେଇଛନ୍ତି, ତେବେ ସେହି ନିଷ୍ପତ୍ତିଗୁଡ଼ିକୁ ପୁନର୍ବିଚାର କିମ୍ବା ପ୍ରତ୍ୟାହାର କରାଯିବ। ଖଣ୍ଡପୀଠ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଫର୍ମ-୬ରେ କରାଯାଇଥିବା କୌଣସି



■ ନିର୍ବାଚନ କମିଶନ ଓ କେନ୍ଦ୍ରକୁ ଜବାବ ରଖିବାକୁ ନୋଟିସ
■ ଅନ୍ତରୀଣ ନିର୍ଦ୍ଦେଶକୁ ମନା

ସଂଶୋଧନକୁ ଏହା ଅନୁମୋଦନ କରିନାହାନ୍ତି। ଖଣ୍ଡପୀଠ କହିଛନ୍ତି, "ସଂଶୋଧିତ ଫର୍ମ-୬କୁ ଆମେ ଅନୁମୋଦନ କରିନାହୁଁ, ଏହାକୁ ସ୍ପଷ୍ଟ ଭାବେ ବୁଝିନିଅନ୍ତୁ।" ଇସିଆଇ ପକ୍ଷରୁ ଇସିନେଟ୍ ପ୍ଲାଟଫର୍ମରେ ଅନଲାଇନ୍ ଫର୍ମ-୬ ଆବେଦନରେ ଏକ ଅତିରିକ୍ତ ସ୍ପେଶାଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସଆଇଆର୍) ଘୋଷଣା ସାମିଲ କରାଯାଇଥିଲା। ଏହି ବାଧ୍ୟତାମୂଳକ ଅନଲାଇନ୍ ସଂଶୋଧନ ଅନୁସାରେ ନୂଆ ୧୮ ବର୍ଷ ବୟସର ଆବେଦନକାରୀଙ୍କୁ ନିଜେ, ନିଜ ପିତାମାତା କିମ୍ବା ଜେଜେବାପା-ଜେଜେମା'ଙ୍କୁ ପୂର୍ବରୁ ପ୍ରକାଶିତ ଏସଆଇଆର୍ ଭୋଟର ତାଲିକା ସହ ମ୍ୟାପ୍ କରିବାକୁ ପଡୁଥିଲା।ଏହି ପରିବର୍ତ୍ତନକୁ ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରିଥିଲେ। ରିପୋର୍ଟ ଅନୁସାରେ, ନିର୍ବାଚନ କମିଶନ ଭିତରୁ ମଧ୍ୟ ଏହାକୁ ନେଇ ଆପତ୍ତି ଉଠିଥିଲା। ନିର୍ବାଚନ କମିଶନରମାନେ ମତ ଦେଇଥିଲେ ଯେ ଏହାକୁ ବାଧ୍ୟତାମୂଳକ କରାଯିବା ଫଳରେ ନୂଆ ଭୋଟରମାନଙ୍କ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ସଫଳତାର ସହ ସମ୍ପୂର୍ଣ୍ଣ କରିବାରେ ସମସ୍ୟା ସୃଷ୍ଟି ହେଉଛି। ସିଇସି ଓ ନିର୍ବାଚନ କମିଶନରମାନଙ୍କୁ ମିଳିଥିବା ଅଭିଯୋଗରୁ ମାମଲା ଚାଲିବାର ସୁରକ୍ଷାର ବୈଧତା ଏବଂ ନିର୍ବାଚନ ପରିଚାଳନା ସମ୍ପର୍କିତ ବିଷୟରେ ସିଇସି ଏକତରଫା ଭାବେ ନିଷ୍ପତ୍ତି ନେଉଥିବା ଅଭିଯୋଗକୁ ମଧ୍ୟ ସୁପ୍ରିମକୋର୍ଟ ଯାଞ୍ଚ କରିବାକୁ ସମ୍ମତ ହୋଇଛନ୍ତି।ତେବେ ସିଇସି କୌଣସି ନିଷ୍ପତ୍ତି ସର୍ବସମ୍ମତି ବିନା ନେଇପାରିବେ ନାହିଁ ବୋଲି ଏହି ପର୍ଯ୍ୟାୟରେ କୌଣସି ଅନ୍ତରୀଣ ନିର୍ଦ୍ଦେଶ ଦେବାକୁ ସର୍ବୋଚ୍ଚ ଅଦାଲତ ମନା କରିଛନ୍ତି। ରାକେଶ କୁମାର ସିଂହ ଏବଂ ଆଇନଜୀବୀ ଶୈଳେନ୍ଦ୍ର ମଣି ତ୍ରିପାଠୀ ଦାଖଲ କରିଥିବା ଆବେଦନର ଶୁଣାଣି କରି ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି।

### ଭୁଲ୍‌ବଶତଃ ଟେଷ୍ଟ ଟ୍ୟୁବ୍ ଭାଙ୍ଗିବାର ପରିଣାମ

## ରୁଷରେ ବ୍ୟାପିଲା ନ୍ୟୁମୋନିକ୍ ପ୍ଲେଗ୍



★ କ୍ୱାରେଣ୍ଟାଇନ୍‌ରେ ୨୦୦ ରୁ ଅଧିକ ଲୋକ
★ ଲ୍ୟାବ୍ ଟେକ୍ନିସିଆନ୍‌ଙ୍କ ମୃତ୍ୟୁ
★ ପରିସ୍ଥିତି ସ୍ଥିର ଅଛି: ମସ୍କୋ

ମସ୍କୋ/ନୂଆଦିଲ୍ଲୀ,୫।୧୦: ରୁଷର ସାଇବେରୀୟ ଅଞ୍ଚଳ ଅନ୍ତର୍ଗତ ଇରକୁଟସ୍କରେ ନ୍ୟୁମୋନିକ୍ ପ୍ଲେଗ୍‌ରେ ଜଣେ ୨୮ ବର୍ଷୀୟା ମହିଳା ଲ୍ୟାବ୍ ଟେକ୍ନିସିଆନ୍‌ଙ୍କ ମୃତ୍ୟୁ ଘଟିଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପାଞ୍ଚଟି ହସ୍ପିଟାଲକୁ ବନ୍ଦ କରିଦିଆଯାଇଛି ଏବଂ ୨୦୦ ରୁ ଅଧିକ ଲୋକଙ୍କୁ କ୍ୱାରେଣ୍ଟାଇନ୍ କରାଯାଇଛି। ଏହି ମାମଲାଟି ଶେଲେଖଭରେ ଥିବା ଆଣ୍ଟି-ପ୍ଲେଗ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ଘଟିଛି। ମୃତକଙ୍କ ନାମ ଡାରିଆ ସିପିଲୋଭା।ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଶିପିଲୋଭା ହସ୍ପିଟାଲର ଡାକ୍ତରୀ କର୍ମଚାରୀଙ୍କୁ କହିଥିଲେ ଯେ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରିବା ସମୟରେ ସେ ଭୁଲ୍‌ବଶତଃ ଜୀବନ୍ତ ୟର୍ସିନିଆ ପେଷ୍ଟିସ୍ ବ୍ୟାକ୍ଟେରିଆ ଥିବା ଏକ ଟେଷ୍ଟ ଟ୍ୟୁବ୍ ଭାଙ୍ଗି ଦେଇଥିଲେ। ଏହି ସମୟରେ ସେ ନ୍ୟୁମୋନିକ୍ ପ୍ଲେଗ୍‌ରେ ଆକ୍ରାନ୍ତ ହୋଇଥିଲେ ବୋଲି ସନ୍ଦେହ କରାଯାଇଛି। ଡାରିଆ ସିପିଲୋଭାଙ୍କଠାରେ ସେପ୍ଟେମ୍ବର ୨୯ ତାରିଖରେ ଗୁରୁତର ନ୍ୟୁମୋନିକ୍ ପ୍ଲେଗ୍‌ର ଲକ୍ଷଣ ଦେଖାଦେଇଥିଲା। ତାଙ୍କୁ ଚିକିତ୍ସା ଲାଗି ଶେଲେଖଭରେ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ହେବା ପରେ ତାଙ୍କୁ ଭେଣ୍ଟିଲେଟର ସହାୟତାରେ ରଖାଯାଇଥିଲା। କିନ୍ତୁ ଚିକିତ୍ସା ସମୟରେ ତାଙ୍କର ଅକ୍ଟୋବର ୧-୨ ତାରିଖ ରାତିରେ ମୃତ୍ୟୁ ହୋଇଥିଲା। ଶିପିଲୋଭାଙ୍କ ସଂସ୍ପର୍ଶରେ ଆସିଥିବା ୨୦୦ ରୁ ଅଧିକ ଲୋକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ପର୍ଯ୍ୟବେକ୍ଷଣ ଏବଂ କ୍ୱାରେଣ୍ଟାଇନ୍‌ରେ ରଖାଯାଇଛି। ସଂକ୍ରମଣ ବ୍ୟାପିବାକୁ ରୋକିବା ପାଇଁ ଇରକୁଟସ୍କ ଅଞ୍ଚଳରେ ଅନେକ ସାର୍ବଜନୀନ କାର୍ଯ୍ୟକ୍ରମକୁ ମଧ୍ୟ ବାତିଲ କରାଯାଇଛି।ଇରକୁଟସ୍କ ଅଞ୍ଚଳର ରାଜ୍ୟପାଳ ଇଗୋର କୋବଜେଭ କହିଛନ୍ତି ଯେ, ଅଞ୍ଚଳରେ ଅତ୍ୟନ୍ତ ବିପଜ୍ଜନକ ସଂକ୍ରମଣର ଏକ ସନ୍ଦେହଜନକ ମାମଲା ଚିହ୍ନଟ ହୋଇଛି। ସେ ଲୋକମାନଙ୍କୁ ଶାନ୍ତ ରହିବାକୁ ଅପିଲ୍ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଜଣେ ଅଧିକାରୀ ଆକ୍ସିଓସକୁ କହିଛନ୍ତି, ହ୍ୱାଇଟ୍ ହାଉସ୍ ଏହି ମାମଲା ଉପରେ କଡ଼ା ନଜର ରଖିଛି। ରୁଷିଆର ଜନସ୍ୱାସ୍ଥ୍ୟ ସଂସ୍ଥା କହିଛି ଅଞ୍ଚଳର ପରିସ୍ଥିତି ସ୍ଥିର ଅଛି।

### ଦୀର୍ଘ ପ୍ରତୀକ୍ଷାର ଅନ୍ତ

## ୧୫ରେ ଛାତ୍ର ସଂସଦ ନିର୍ବାଚନ, ସରଗରମ କ୍ୟାମ୍ପସ

• ପ୍ରାର୍ଥୀଙ୍କ ଖର୍ଚ୍ଚରେ ଲାଗିଲା କଟକଣା
• ଛାତ୍ର ନିର୍ବାଚନ ଔପଚାରିକତା ନୁହେଁ, ଯୁବପିଢ଼ିଙ୍କ ଗଣତାନ୍ତ୍ରିକ ଅଧିକାର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୧୦: ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଛି। ନିର୍ବାଚନ କାର୍ଯ୍ୟସୂଚୀ ପ୍ରକାଶ ପାଇବା ପରେ ବିଭିନ୍ନ ମହାବିଦ୍ୟାଳୟ ଓ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଚର୍ଚ୍ଚା ଜୋର୍ ଧରିଛି। ନିର୍ବାଚନ କାର୍ଯ୍ୟସୂଚୀ ଅନୁଯାୟୀ, ୭ ତାରିଖରେ ନିର୍ବାଚନୀ ବିଜ୍ଞପ୍ତି ପ୍ରକାଶ



ପାଇବ। ଏହାପରେ ୯ ତାରିଖରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବେ। ନିର୍ବାଚନ ପ୍ରକ୍ରିୟାର ଅନ୍ୟାନ୍ୟ ଔପଚାରିକତା ସମ୍ପନ୍ନ ହେବା ପରେ ୧୫ ତାରିଖରେ ଭୋଟ୍‌ଗ୍ରହଣ କରାଯିବ। ଭୋଟ୍ ଶେଷ ହେବା ପରେ ୧୬ ତାରିଖରେ ନବନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ନିର୍ବାଚନ ତାରିଖ ଘୋଷଣା ହେବା ପରେ କ୍ୟାମ୍ପସ ପରିସରରେ ରାଜନୈତିକ ଓ ଛାତ୍ର ସଂଗଠନଗୁଡ଼ିକର ତତ୍ପରତା ବଢ଼ିଛି। ସମ୍ଭାବ୍ୟ ପ୍ରାର୍ଥୀମାନେ ସମର୍ଥନ ଯୋଗାଡ଼ ପାଇଁ ସହପାଠୀଙ୍କ ସହ ଆଲୋଚନା ଆରମ୍ଭ କରିଥିବାବେଳେ ବିଭିନ୍ନ ଛାତ୍ର ସଂଗଠନ ମଧ୍ୟ ନିଜ ନିଜ ରଣନୀତି ପ୍ରସ୍ତୁତ କରୁଛନ୍ତି। କ୍ୟାମ୍ପସରେ ଦୀର୍ଘ ସମୟ ପରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହାକୁ ନେଇ ବିଶେଷ ଉତ୍ସାହ ଦେଖାଦେଇଛି। ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ଉପରେ କଡ଼ା କଟକଣା ଲାଗୁ କରାଯାଇଛି। ନିର୍ଦ୍ଧାରିତ ନିୟମ ଅନୁଯାୟୀ, ପ୍ରତ୍ୟେକ ପ୍ରାର୍ଥୀ ସର୍ବାଧିକ ୫ ହଜାର ଟଙ୍କା ପର୍ଯ୍ୟନ୍ତ ନିର୍ବାଚନରେ ଖର୍ଚ୍ଚ କରିପାରିବେ। ଏହାଠାରୁ ଅଧିକ ଖର୍ଚ୍ଚ କଲେ ସମ୍ପୃକ୍ତ ପ୍ରାର୍ଥୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯାଇପାରେ। ନିର୍ବାଚନ ଫଳାଫଳ ଘୋଷଣା ହେବାର ଦୁଇ ସପ୍ତାହ ମଧ୍ୟରେ ପ୍ରାର୍ଥୀଙ୍କୁ ନିଜର ସମସ୍ତ ନିର୍ବାଚନୀ ଖର୍ଚ୍ଚର ହିସାବ ସମ୍ପୃକ୍ତ କଲେଜ କିମ୍ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରାଯିବ। ନୂତନ ନେତୃତ୍ୱ ସୃଷ୍ଟିକୁ ଭୟ କରି କ୍ୟାମ୍ପସ ଗଣତନ୍ତ୍ରକୁ ଅଣଦେଖା କରିବା ସହ ଯେଉଁ ଛାତ୍ରସମାଜ ରାଜ୍ୟର ଭାଗ୍ୟ ବଦଳାଇବାର ସାମର୍ଥ୍ୟ ରଖେ, ସେମାନଙ୍କୁ ନିଜ କ୍ୟାମ୍ପସର ପ୍ରତିନିଧି ବାଛିବାର ମୌଳିକ ଅଧିକାରରୁ ଦୂରେଇ ରଖିବା ଥିଲା ଓଡ଼ିଶାର ଯୁବଶକ୍ତି ସହ ସବୁଠାରୁ ବଡ଼ ପ୍ରତାରଣା। ଆଜି ଛାତ୍ର ସଂସଦ ନିର୍ବାଚନ ଘୋଷଣା ହେବା ପରେ ବିଜେଡ଼ିକୁ ନିଶାଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଛାତ୍ର ସଂସଦ ଏକ ଔପଚାରିକତା ନୁହେଁ, ଯୁବପିଢ଼ିଙ୍କ ଗଣତାନ୍ତ୍ରିକ ଅଧିକାର ବୋଲି କହିଛନ୍ତି ଶ୍ରୀ ମାଝୀ । ମୁଖ୍ୟମନ୍ତ୍ରୀ ସୋସିଆଲ୍ ମିଡ଼ିଆ ଏକ୍ସରେ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନ କରେଇବୁ ବୋଲି ଆମେ ଆପଣମାନଙ୍କୁ କଥା ଦେଇଥିଲୁ।

## ଭିଜିଲାନସ ପଞ୍ଝାରେ 'ଜମିଦାର' ଯନ୍ତ୍ରୀ

### ଠାବ ହେଲା ୨ ବହୁତଳୀୟ କୋଠା,୨୦ ଦାମୀ ପ୍ଲଟ



ବାଲେଶ୍ୱର/ଭୁବନେଶ୍ୱର,୫।୧୦: ବିଶାଳ ଫାର୍ମ ହାଉସ୍, ୨୦ଟି ଦାମୀ ପ୍ଲଟ୍। ତା ସାଙ୍ଗକୁ ଦୁଇଟି ବହୁତଳୀୟ କୋଠା। ପୂର୍ତ୍ତ ବିଭାଗର ବେତନଟୀ ସବ ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତିଙ୍କ ଘରେ ଭିଜିଲାନସ ଚଢ଼ଉ ପରେ ବିପୁଳ ସମ୍ପତ୍ତି ଠାବ କରାଯାଇଛି। ବାଲେଶ୍ୱରର ଅଙ୍ଗାରଗଡ଼ିଆଠାରେ ତାଙ୍କର ୩,୫୦୦ ବର୍ଗଫୁଟ୍ ଅଞ୍ଚଳର ଏକ ତିନି ମହଲା କୋଠା ରହିଥିବାବେଳେ ଖୋର୍ଦ୍ଧାର ବାଲିଅନ୍ତାଠାରେ ରହିଛି ୧,୮୦୦ ବର୍ଗଫୁଟ୍ ଅଞ୍ଚଳର ଦୁଇ ମହଲା କୋଠା। ବାଲେଶ୍ୱର ବସନ୍ତପୁରଠାରେ ପ୍ରାୟ ୫ ଏକର ଜମିରେ ଫାର୍ମହାଉସ୍ କରିଛନ୍ତି ଅରବିନ୍ଦ । ଯେଉଁଠାରେ ୨ଟି ମାଛ ଚାଷ ପୋଖରୀ ଏବଂ ଏକ କୁକୁଡ଼ା ଫାର୍ମ ରହିଛି। ବାଲେଶ୍ୱର ସହର ଓ ଏହାର ଆଖପାଖ ଅଞ୍ଚଳରେ ରହିଛି ୨୦ଟି ଦାମୀ ପ୍ଲଟ୍ । ଏହାଛଡ଼ା ତାଙ୍କଠାରୁ ନଗଦ ୨.୭୭ ଲକ୍ଷ ଟଙ୍କା, ବ୍ୟାଙ୍କ ଜମା ଓ ଅନ୍ୟାନ୍ୟ ଆର୍ଥିକ ନିବେଶ ଠାବ କରିଛି ଭିଜିଲାନ୍ସ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକକାଳୀନ ୧୦ଟି ସ୍ଥାନରେ ଚଢାଉ ଜାରି ରଖିଛି ଭିଜିଲାନ୍ସ।

## ଆଜି ଓଡ଼ିଶା ଗସ୍ତରେ ଗୃହ ମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ



ଭୁବନେଶ୍ୱର,୫।୧୦: ମଙ୍ଗଳବାର ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଉଭୟେ ସୁନାବେଡ଼ାଠାରେ ଥିବା ହିନ୍ଦୁସ୍ତାନ୍ ଏରୋନେଟିକ୍ସ ଲିମିଟେଡ୍(ହାଲ୍) ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବେ ବୋଲି ଏକ ସୂତ୍ରରୁ ସୂଚନା ରହିଛି।ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ ବୋଲି ଜଣାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଗସ୍ତକୁ ଆଖି ଆଗରେ ରଖି କୋରାପୁଟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

### ପୁନର୍ବିକଶିତ କଳିଙ୍ଗ ଷ୍ଟୁଡିଓ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

## ମୌଳିକ କାହାଣୀରେ ସିନେମା ନିର୍ମାଣ କରନ୍ତୁ



ଭୁବନେଶ୍ୱର,୫।୧୦: ଓଡ଼ିଆ ସିନେମାର ଗୌରବଜ୍ଜ୍ୱଳ ଅତୀତକୁ ପୁନର୍ଜୀବିତ କରିବା ଏବଂ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜଧାନୀ ଭୁବନେଶ୍ୱରରେ ନବକଳେବର ପ୍ରାପ୍ତ ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡ଼ିଓ'ର ସୋମବାର ଭବ୍ୟ ଲୋକାର୍ପଣ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁନର୍ବିକଶିତ ଓ ନବୀକୃତ ବିଶ୍ୱସ୍ତରୀୟ ଷ୍ଟୁଡ଼ିଓକୁ ଲୋକାର୍ପିତ କରିଛନ୍ତି। ଏହା ସହିତ ସିନେମା ଐତିହ୍ୟର ସୁରକ୍ଷା ପାଇଁ କଳିଙ୍ଗ ଷ୍ଟୁଡିଓରେ ନିର୍ମିତ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏଣିକି ଓଡ଼ିଆ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବୈଷୟିକ କାର୍ଯ୍ୟ ପାଇଁ ଆଉ ଅନ୍ୟ ରାଜ୍ୟମୁହାଁ ହେବାକୁ ପଡ଼ିବ ନାହିଁ। ଏଥିରେ ଅନେକ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଇଛି। ଆଗାମୀ ଦିନରେ ଆହୁରି ଅନେକ ଅତ୍ୟାଧୁନିକ ସୁବିଧାର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ ନୂତନ କଳିଙ୍ଗ ଷ୍ଟୁଡ଼ିଓ ବଦଳୁଥିବା ସମୟ ଏବଂ ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଆଖି ଆଗରେ ରଖି କଳିଙ୍ଗ ଷ୍ଟୁଡ଼ିଓକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଇକୋସିଷ୍ଟମ ଭାବେ ବିକଶିତ କରାଯାଇଛି। ଏଠାରେ ଇନଡୋର୍ ଶୁଟିଂ ଫ୍ଲୋର୍, ସ୍ନୋ-ହାଉସ୍, କ୍ରୋମା ଫ୍ଲୋର୍, ଟେକ୍-ଜୋନ୍, ସାଉଣ୍ଡ ରେକର୍ଡିଂ, ଡବିଂ, ଏଡିଟିଂ ଏବଂ ପୋଷ୍ଟ-ପ୍ରଡକ୍ସନ୍ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ଚଳଚ୍ଚିତ୍ର ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଏକ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମ ମଧ୍ୟ ସ୍ଥାପନ କରାଯାଇଛି, ଯେଉଁଠାରେ ପୁରୁଣା ଫିଲ୍ମ, ପୋଷ୍ଟର, ଫଟୋଗ୍ରାଫ୍ ଏବଂ ଐତିହାସିକ ଦଲିଲଗୁଡ଼ିକୁ ସଂରକ୍ଷିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟୁଡ଼ିଓ ଏବଂ ଓଡ଼ିଆ ସିନେମାର ପୁରୁଣା ଇତିହାସକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ, ପଚାଶ ଓ ଷାଠିଏ ଦଶକରେ 'ମା', 'ଅମଡ଼ାବାଟ', 'ମାଟିର ମଣିଷ' ପରି କାଳଜୟୀ ଚଳଚ୍ଚିତ୍ରଗୁଡ଼ିକ ଓଡ଼ିଆ ସାହିତ୍ୟ ସହିତ ସିନେମାର ଏକ ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରିଥିଲା। ଓଡିଶାରେ ସିନେମା ନିର୍ମାଣ କରିବା ପାଇଁ ୧୯୮୦ ମସିହାରେ କଳିଙ୍ଗ ଷ୍ଟୁଡ଼ିଓ ପ୍ରତିଷ୍ଠା ହୋଇଥିଲେ ମଧ୍ୟ, ସମୟକ୍ରମେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ପ୍ରଯୁକ୍ତିବିଦ୍ୟାରେ ଆସିଥିବା ଦ୍ରୁତ ପରିବର୍ତନ କାରଣରୁ ଏହାର ନବୀକରଣ ଅନିବାର୍ଯ୍ୟ ହୋଇପଡ଼ିଥିଲା।ରାଜ୍ୟର ପ୍ରତିଭାବାନ ଯୁବପିଢ଼ିଙ୍କ ପ୍ରତି ଗଭୀର ଆଶା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଯୁବବର୍ଗ ଅଭିନୟ, ନିର୍ଦ୍ଦେଶନା, ସିନେମାଟୋଗ୍ରାଫି, ଆନିମେସନ୍, ସାଉଣ୍ଡ ଡିଜାଇନ୍ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ପାଇଁ କାହାଣୀ ଲେଖିବାରେ ବେଶ୍ ଆଗୁଆ ଅଛନ୍ତି। କଳିଙ୍ଗ ଷ୍ଟୁଡ଼ିଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବାର ଏକ ପ୍ରମୁଖ ମାଧ୍ୟମ ପାଲଟିବ। ନିଜର ମୌଳିକ କାହାଣୀ, ଲୋକକଥା, ଇତିହାସ ଏବଂ ସାଂସ୍କୃତିକ ପୃଷ୍ଠଭୂମିକୁ ଆଧାର କରି ସିନେମା ନିର୍ମାଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଲୋକାର୍ପଣ ଅବସରରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାର ରୂପାନ୍ତରଣ ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମତବ୍ୟକ୍ତ କରିଛନ୍ତି।

### ଐତିହ୍ୟ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ଶୁଭାରମ୍ଭ



## ଏକାଦଶୀ ଶ୍ରାଦ୍ଧ

### ବିଧି-ବିଧାନ:

ଏକାଦଶୀ ତିଥିରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ଶ୍ରାଦ୍ଧକୁ ଏକାଦଶୀ ଶ୍ରାଦ୍ଧ କୁହାଯାଏ। ପରମ୍ପରା ଓ ପରିବାରର ଆଚାର ଅନୁସାରେ ବିଧିରେ ଭିନ୍ନତା ଥାଇପାରେ।

### ମୁଖ୍ୟ ବିଧିଗୁଡ଼ିକ:

**ସଙ୍କଳ୍ପ:** ସ୍ନାନ କରି ଶୁଦ୍ଧ ବସ୍ତ୍ର ପରିଧାନ କରି ପିତୃଙ୍କ ନାମ, ଗୋତ୍ର ଓ ତିଥି ସ୍ମରଣ କରି ସଙ୍କଳ୍ପ କରାଯାଏ।

**ପିତୃ ତର୍ପଣ:** ତିଳ ଓ ଜଳରେ ପିତୃପୁରୁଷଙ୍କୁ ତର୍ପଣ ଦିଆଯାଏ।

**ପିଣ୍ଡଦାନ:** ପରିବାରର ପ୍ରଚଳିତ ରୀତି ଅନୁସାରେ ପିତୃଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଅର୍ପଣ କରାଯାଏ।

**ଦେବ-ପିତୃ ପୂଜା:** ଭଗବାନ ବିଷ୍ଣୁ ଓ ପିତୃପୁରୁଷଙ୍କୁ ସ୍ମରଣ କରି ପୂଜା କରାଯାଏ।

**ବ୍ରାହ୍ମଣ ଭୋଜନ/ଦାନ:** ପରମ୍ପରା ଅନୁସାରେ ବ୍ରାହ୍ମଣ କିମ୍ବା ଆବଶ୍ୟକତାବୋଧ କରୁଥିବା ବ୍ୟକ୍ତିଙ୍କୁ ଭୋଜନ, ବସ୍ତ୍ର, ଅନ୍ନ ଆଦି ଦାନ କରାଯାଏ।

**ସାତ୍ତ୍ୱିକ ଆହାର:** ଏକାଦଶୀ ବ୍ରତ ପାଳନ କରୁଥିଲେ ଅନ୍ନ ଓ ନିଷିଦ୍ଧ ଖାଦ୍ୟ ଏଡ଼ାଇ ଫଳାହାର କିମ୍ବା ପରିବାରର ଧାର୍ମିକ ପରମ୍ପରା ଅନୁସାରେ ଆହାର ଗ୍ରହଣ କରାଯାଏ।

**ଗୁରୁତ୍ୱପୂର୍ଣ୍ଣ:** ଏକାଦଶୀ ଦିନ ଶ୍ରାଦ୍ଧ କରିବା ଓ ଏକାଦଶୀ ବ୍ରତ ପାଳନ ସମ୍ପର୍କରେ ବିଭିନ୍ନ ସମ୍ପ୍ରଦାୟର ନିୟମ ଭିନ୍ନ ହୋଇପାରେ। ତେଣୁ ନିଜ ପରିବାରର ପୁରୋହିତଙ୍କ ପରାମର୍ଶ ଅନୁସାରେ ପିଣ୍ଡଦାନ ଓ ଭୋଜନର ବିଧି କରିବା ଉଚିତ।

ହିନ୍ଦୁ ଧର୍ମରେ ବର୍ଣ୍ଣନା ଅଛିଯେ, ପିତାମାତାଙ୍କର ପୂଜା ସର୍ବଶ୍ରେଷ୍ଠ ପୂଜା , ପିତାମାତାଙ୍କ ସେବା ହିଁ ଶ୍ରେଷ୍ଠ ସେବା । ସେଇଥିପାଇଁ ସେମାନଙ୍କର ଆବର୍ତ୍ତମାନରେ ସେ ମୃତ୍ୟୁବରଣ କରି ସ୍ୱର୍ଗାଲୋକ ଗମନ କଲାପରେ ସେମାନଙ୍କୁ ଯେପରି ଆମେ ମନରୁ ପାସୋରି ନଦେଉ , ନିଜ ପାଖରେ ସେମାନେ ଜୀବିତାବସ୍ଥାରେ ଯେଭଳି ଭାବରେ ଆମ ସହିତ ବସବାସ କରୁଥିଲେ , ସେହିଭଳି ଭାବରେ ତାଙ୍କ ସ୍ମରଣାର୍ଥେ ବା ତାଙ୍କରି ଉଦ୍ଦେଶ୍ୟରେ ଏଇ ପିତୃପକ୍ଷ/ ଅପରପକ୍ଷ ପାଳନ କରାଯାଇଥାଏ । ଏହିଦିନ ସେମାନଙ୍କୁ ଶ୍ରଦ୍ଧାରେ ପିଣ୍ଡଦାନ କରାଯାଏ । ଶ୍ରଦ୍ଧାରେ ଏହା ଅର୍ପିତ ହେଉଥିବାରୁ ଏହାକୁ 'ଶ୍ରାଦ୍ଧ' ବୋଲି କୁହାଯାଏ।



## କେବେ ଆରମ୍ଭ ହୋଇଥିଲା ଦୁର୍ଗାପୂଜା ?





## ମାଟି... ମୂର୍ତ୍ତି... ମା'...









ଦୁର୍ଗା ପୂଜା ଓଡ଼ିଶାର ଏକ ପ୍ରମୁଖ ପର୍ବ। ଏହି ପର୍ବର ଶେଷ ଦିନଟିକୁ ଦଶହରା ବା ବିଜୟା ଦଶମୀ କୁହାଯାଏ। ଦୁର୍ଗା ପୂଜା ଶକ୍ତି ଉପାସନାର ପର୍ବ। ଏହା ବିଭିନ୍ନ ମତେ ଷୋଳଦିନ, ନଅଦିନ ବା ତିନିଦିନ ଧରି ପାଳିତ ହୁଏ । ତେବେ କୁହାଯାଏ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣରେ ମୁଖ୍ୟତଃ ୪ଟି ବସ୍ତୁ ବ୍ୟବହାର କରାଯାଇଥାଏ। ଗୋଟିଏ ହେଲା ଗଙ୍ଗା କୂଳର ମାଟି, ଗୋମୟ, ଗୋମୂତ୍ର ଓ ବେଶ୍ୟାଳୟର ମାଟି। ହେଲେ ଏହି ବେଶ୍ୟାଳୟର ମାଟି କାହିଁକି ବ୍ୟବହାର କରାଯାଏ ତାହା ହୁଏତ ଅନେକଙ୍କୁ ଜଣା ନ ଥିବ। ପରମ୍ପରା କୁହେ ଜଣେ ବେଶ୍ୟା ମା' ଦୁର୍ଗାଙ୍କର ପରମ ଭକ୍ତ ଥିଲେ। ତାଙ୍କୁ ତିରସ୍କାରରୁ ମୁକ୍ତ କରିବାକୁ ମା' ନିଜେ ଆଦେଶ ଦେଇଥିଲେ କି ଯେତେବେଳେ ତାଙ୍କର ପ୍ରତିମା ପୂଜା କରିବା ପାଇଁ ନିର୍ମାଣ କରାଯିବ ସେଥିରେ ବେଶ୍ୟାଳୟର ମାଟି ବ୍ୟବହାର କରାଯିବ। ମା' ଦୁର୍ଗାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରଥାକୁ ପାଳନ କରାଯାଇଥାଏ ବୋଲି କୁହାଯାଏ। ଆହୁରି କୁହାଯାଏ କି ଯେତେବେଳେ ଜଣେ ବ୍ୟକ୍ତି ବେଶ୍ୟାଳୟ ଯାଇଥାଆନ୍ତି ସେତେବେଳେ ସେ ତାଙ୍କର ପବିତ୍ରତାକୁ ବେଶ୍ୟାଳୟର ଦ୍ୱାରରେ ଛାଡି ଦେଇ ଯାଇଥାଆନ୍ତି। ତାଙ୍କର ସମସ୍ତ ଭଲ କର୍ମ ଓ ଶୁଦ୍ଧତା ବେଶ୍ୟାଳୟ ବାହାରେ ହିଁ ରହିଯାଇଥାଏ। ସେଥିପାଇଁ ବେଶ୍ୟାଳୟର ମାଟିକୁ ମା'ଙ୍କ ମୂର୍ତ୍ତି ନିର୍ମାଣରେ ବ୍ୟବହାର କରାଯାଏ। ଆହୁରି ମଧ୍ୟ କେହି କେହି ମତ ଦିଅନ୍ତି ଯେ ବେଶ୍ୟାବୃତ୍ତି ସବୁଠାରୁ ବଡ ଅପରାଧ। ତେଣୁ ଏମାନଙ୍କୁ ମନ୍ତ୍ର ଉଚ୍ଚାରଣ ମାଧ୍ୟମରେ ମୋକ୍ଷ ପ୍ରାପ୍ତି କରିବାକୁ ବେଶ୍ୟାଳୟର ମାଟିକୁ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣରେ ବ୍ୟବହାର କରାଯାଇଥାଏ। ଆହୁରି ବେଶ୍ୟାମାନଙ୍କୁ ସାମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ନ ଥାଏ ହେଲେ ଏହି ଦୁର୍ଗାପୂଜା ଅବସରରେ ତାଙ୍କୁ ସମାଜର ମୁଖ୍ୟ ଧାରାରେ ସାମିଲ କରିବାକୁ ଏମିତି ପ୍ରୟାସ କରାଯାଏ ବୋଲି କୁହାଯାଏ।



ଦୁର୍ଗାପୂଜା ଓଡ଼ିଶାର ଏକ ପ୍ରମୁଖ ପର୍ବ। ଏହି ପର୍ବର ଶେଷ ଦିନଟିକୁ ଦଶହରା ବା ବିଜୟା ଦଶମୀ କୁହାଯାଏ। ଦୁର୍ଗା ପୂଜା ଶକ୍ତି ଉପାସନାର ପର୍ବ। ଏହା ବିଭିନ୍ନ ମତେ ଷୋଳଦିନ, ନଅଦିନ ବା ତିନିଦିନ ଧରି ପାଳିତ ହୁଏ। ମୁଖ୍ୟତଃ ଶରତ ଋତୁର ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦଠାରୁ ନବମୀ ବିଶେଷଭାବେ ଦେବୀଙ୍କ ପୂଜନର ପ୍ରକୃଷ୍ଟ ସମୟ ହୋଇଥିଲେ ହେଁ ଚୈତ୍ର ଶୁକ୍ଳ ପକ୍ଷରେ ମଧ୍ୟ ଏହା ବାସନ୍ତୀ ନବରାତ୍ର ରୂପେ ପାଳନ କରାଯାଇଥାଏ। ଦେବୀ ପୁରାଣ ଓ କାଳିକା ପୁରାଣରେ ଦୁର୍ଗାପୂଜାକୁ ଶାରଦୀୟ ପାର୍ବଣ କୁହାଯାଉଥିବା ବେଳେ ମାର୍କଣ୍ଡେୟ ପୁରାଣରେ ବାର୍ଷିକୀ ଶାରଦ ପୂଜା କୁହାଯାଏ। ଶାରଦୀୟ ନବରାତ୍ରୀ କାଳରେ ବ୍ରହ୍ମାଣ୍ଡର ସମସ୍ତ ଗ୍ରହ ସକ୍ରିୟ ଥିବାରୁ ଶକ୍ତି ଉପାସକଙ୍କର କୌଣସି ଅନିଷ୍ଟ ହୁଏ ନାହିଁ। ମାର୍କଣ୍ଡେୟ ପୁରାଣ ଅନୁସାରେ ଚେଦି ସାମ୍ରାଜ୍ୟର ରାଜା ଖ୍ରୀ:ପୂ ୩୦୦ରେ ଦୁର୍ଗାପୂଜା ଆରମ୍ଭ କରିଥିଲେ। କିନ୍ତୁ ଐତିହାସିକ ଉଦାହରଣରୁ ଜାଣିବାକୁ ମିଳେ ଯେ ଚୈତନ୍ୟ ମହାପ୍ରଭୁ ପ୍ରାୟ ୪୦୦ ବର୍ଷ ପୂର୍ବେ କଟକରେ ଏହି ପୂଜା ଆରମ୍ଭ କରିଥିଲେ। ଚୈତନ୍ୟଦେବ ନଦିଆଠାରୁ ବାହାରି ବାଟରେ ରହି ରହି ଆସୁଥିଲେ। କଟକ ରହଣି କାଳରେ ସେ ସ୍ଥାନୀୟ ବିନୋଦବିହାରୀ ପୀଠରେ ରହି ୧୫୦୯ ମସିହାରେ ପ୍ରଥମେ ମା'ଙ୍କ ଘଟପୂଜା ଆରମ୍ଭ କରିଥିଲେ। ଚୈତନ୍ୟ ଦେବଙ୍କ ସହିତ ଆସିଥିବା ଅନୁଗାମୀମାନଙ୍କ ମଧ୍ୟରୁ କେତେଜଣ ଏହି ପୂଜାକୁ ସାର୍ବଜନୀନ କରିବା ପାଇଁ ମା'ଙ୍କ ମୂର୍ତ୍ତି ପୂଜା ଆରମ୍ଭ କଲେ। ୧୮୩୨ ମସିହାରେ କାଜିବଜାରର କେତେକ ଓଡ଼ିଆ ଓ ବେଙ୍ଗଲୀ କର୍ମଜୀବୀ ଯେଉଁମାନେ ଇଂରେଜ ସରକାରଙ୍କ ଇଷ୍ଟ୍ ଇଣ୍ଡିଆ କମ୍ପାନୀରେ କାମ କରୁଥିଲେ ସାର୍ବଜନୀନ ଭାବେ ମା'ଙ୍କ ମୂର୍ତ୍ତି ପୂଜାକଲେ। ଦେବୀ ପୁରାଣ ଓ କାଳିକା ପୁରାଣରେ ଦୁର୍ଗା ପୂଜାକୁ ବିଜୟାଦଶମୀ କୁହାଯାଉଥିବା ବେଳେ ମାର୍କଣ୍ଡେୟ ପୁରାଣରେ ଦଶହରା ବୋଲି କୁହାଯାଏ।



## ରାମ-ସୀତାଙ୍କ ଚାରି ଚକ୍ଷୁର ମିଳନ





**ରାମ ସୀତାଙ୍କର ଚାରି ଚକ୍ଷୁର ମିଳନ ହେଲା। ହର୍ଷ, ପୁଲକ ଓ ରୋମାଞ୍ଚରେ ଉଭୟଙ୍କର ଗତି ସ୍ଥିର ହୋଇଗଲା। ଚକୋର ସତେ ଚନ୍ଦ୍ରଙ୍କୁ ଦେଖିଲା, ସୂର୍ଯ୍ୟ ଦର୍ଶନରେ ସତେକି କମଳ ପ୍ରସ୍ଫୁଟିତ ହେଲା। ଉଭୟେ ଉଭୟଙ୍କୁ ପ୍ରେମପୂର୍ଣ୍ଣ ଅପଲକ ନେତ୍ରରେ ଚାହିଁ ରହିଲେ। କିଛି ସମୟ ପରେ ସଖୀମାନେ ରାମ ଲକ୍ଷ୍ମଣଙ୍କ ପରିଚୟ ପ୍ରାପ୍ତ ହୋଇ ସୀତାଙ୍କୁ ଜଣାନ୍ତେ, ସୀତା ଲଜ୍ଜା ହରଷରେ ମଥା ପୋତି ସେଠାରୁ ଚାଲିଗଲେ।**

ଦେବୀ ସୀତା, କୁମାରୀ ଅବସ୍ଥାରୁ ଯୁବତୀ ହେଲେ। ତାଙ୍କ ରୂପଲାବଣ୍ୟ ଦିନକୁ ଦିନ ବୃଦ୍ଧି ପାଉଥିଲା। ପିତା ଜନକ ଓ ମାତା ସୀତାଙ୍କ ବିବାହ ପାଇଁ କୁଳଗୁରୁଙ୍କ ସହ ପରାମର୍ଶ କଲେ। କୁଳଗୁରୁଙ୍କ ପରାମର୍ଶ ଅନୁସାରେ, ରାଜା ସ୍ୱୟଂବର ସଭାର ଆୟୋଜନ କରି ସମସ୍ତ ରାଜା ଓ ବୀରଙ୍କୁ ନିମନ୍ତ୍ରଣ କଲେ। ରାଜ୍ୟରେ ଡେଙ୍ଗୁରା ଦେଇ ଏ କଥା ଜଣାଇ ଦିଆଗଲା। ପ୍ରଜାବର୍ଗ ଖୁସି ହେଲେ। ମାତ୍ର ସ୍ୱୟଂବରର ସର୍ତ୍ତ ଶିବଧନୁରେ ଗୁଣଦେବା ମନରେ ସଂଶୟ ଆଣୁଥାଏ। ଏ ସମୟରେ ନଗରରେ ପ୍ରବେଶ କରି, ଗୁରୁ ବିଶ୍ୱାମିତ୍ରଙ୍କ ସହିତ ରାମ ଲକ୍ଷ୍ମଣ ନଗରସଜ୍ଜା ପରିଷ୍କାର, ପରିଛନ୍ନତା, ମନ୍ଦିର ଅଟ୍ଟାଳିକା, ପୁଷ୍କରିଣୀ, ପୁଷ୍ପୋଦ୍ୟାନ, ବିପଣୀ ଇତ୍ୟାଦି ଦେଖି ଅତ୍ୟଧିକ ଆନନ୍ଦିତ ହେଲେ। ସତେ ଯେପରି ବିଶ୍ୱାମିତ୍ର ରୂପି ବ୍ରହ୍ମା ନବୀନ ଦୁର୍ବାଦଳ ଶ୍ୟାମଳ, ନବ ଯୌବନ ସମ୍ପନ୍ନ ଶାନ୍ତ, କାନ୍ତ ରୂପୀ ଶ୍ରୀରାମ ବିଷ୍ଣୁ ଓ ତେଜ ଓ ଯଶ ସମ୍ପନ୍ନ ଧନୁର୍ଦ୍ଧାରୀ ଗୌରବର୍ଣ୍ଣ ରୂପୀ ଲକ୍ଷ୍ମଣ– ଶିବ, ଏ ବିଦେହ ନଗରରେ ସ୍ୱଦେହ ଧାରଣ କରି ସମସ୍ତଙ୍କୁ ଦର୍ଶନ ଦେଇ ଧନ୍ୟ କରିଦେଇଛନ୍ତି। ଋଷି ବିଶ୍ୱାମିତ୍ର ଓ ଅପୂର୍ବ ସୁନ୍ଦର ତେଜୋମୟ ଦୁଇ ରାଜକୁମାରଙ୍କ ଆଗମନ ସମ୍ବାଦ ପାଇ ରାଜର୍ଷି ଜନକ ତାଙ୍କୁ ସାଦର ସ୍ୱାଗତ କଲେ ଓ ଉପଯୁକ୍ତ ଚର୍ଚ୍ଚା କରିବା ସହିତ ରାଜଭବନର ଅତିଥିଶାଳାରେ ରଖାଇଲେ। ଜନକ ଦୁଇ ରାଜକୁମାରଙ୍କ ପରିଚୟ ଓ ଯଜ୍ଞ ରକ୍ଷାଦି କର୍ମ, ଅସୁର ବିନାଶ, ଅହଲ୍ୟା ଉଦ୍ଧାର ଆଦି ବିଷୟରେ ଜାଣି ଆନନ୍ଦ ତଥା ବିସ୍ମିତ ହୋଇଥିଲେ। ପରଦିନ ପ୍ରଭାତରେ ପ୍ରଭାତ ବନ୍ଦନା ଓ ଗୁରୁଙ୍କ ଚରଣରେ ପ୍ରଣାମ କରି ଗୁରୁଙ୍କ ଆଦେଶରେ ଦେବପୂଜା ପାଇଁ ରାଜ ଉଦ୍ୟାନରୁ ଫୁଲ ତୋଳିବା ପାଇଁ ରାମ ଲକ୍ଷ୍ମଣ ପୁଷ୍ପବାଟିକାକୁ ଗଲେ। ନିଜର ପରିଚୟ ଓ ଉଦ୍ଦେଶ୍ୟ ଜଣାଇ ଉଦ୍ୟାନ ରକ୍ଷକର ଅନୁମତି ନେଇ ପ୍ରବେଶ କଲେ ଓ ଉଦ୍ୟାନରେ ବୁଲି ବୁଲି ରାମ ଲକ୍ଷ୍ମଣ ବିବିଧ ପୁଷ୍ପ ସଂଗ୍ରହ କରିବାରେ ଲାଗିଲେ। ଏହି ସମୟରେ ଜନକ ନନ୍ଦିନୀ ସୀତା ନିଜ ପରିଚାରିକା ସଖୀ ଗହଣରେ, ତାରାଙ୍କ ମେଳରେ ଚନ୍ଦ୍ରମା ସଦୃଶ ସୀତାଙ୍କର ଶୋଭା ଦିଶୁଥାଏ। ଉଦ୍ୟାନରେ ଭ୍ରମଣ ଓ ହାସ୍ୟରସ ବାକ୍ୟାଳାପ ମଧ୍ୟରେ ହଠାତ୍ ସଖୀଗଣ ଦୁଇ ସୁନ୍ଦର ଯୁବା ପୁରୁଷଙ୍କୁ ଦେଖି ସୀତାଙ୍କୁ ଜଣାଇଲେ। ରାମ ସୀତାଙ୍କର ଚାରି ଚକ୍ଷୁର ମିଳନ ହେଲା। ହର୍ଷ, ପୁଲକ ଓ ରୋମାଞ୍ଚରେ ଉଭୟଙ୍କର ଗତି ସ୍ଥିର ହୋଇଗଲା। ଚକୋର ସତେ ଚନ୍ଦ୍ରଙ୍କୁ ଦେଖିଲା, ସୂର୍ଯ୍ୟ ଦର୍ଶନରେ ସତେକି କମଳ ପ୍ରସ୍ଫୁଟିତ ହେଲା। ଉଭୟେ ଉଭୟଙ୍କୁ ପ୍ରେମପୂର୍ଣ୍ଣ ଅପଲକ ନେତ୍ରରେ ଚାହିଁ ରହିଲେ। କିଛି ସମୟ ପରେ ସଖୀମାନେ ରାମ ଲକ୍ଷ୍ମଣଙ୍କ ପରିଚୟ ପ୍ରାପ୍ତ ହୋଇ ସୀତାଙ୍କୁ ଜଣାନ୍ତେ, ସୀତା ଲଜ୍ଜା ହରଷରେ ମଥା ପୋତି ସେଠାରୁ ଚାଲିଗଲେ। ରାମଚନ୍ଦ୍ରଙ୍କ ପ୍ରତି ପ୍ରେମଭାବ, ତାଙ୍କୁ ସ୍ୱୟଂବରରେ ପତି ରୂପରେ ପାଇବାର ଲାଳସା, ହୃଦୟରେ ଦୃଢ ଭାବରେ ଜାଗ୍ରତ କରାଇଲା। ଇଷ୍ଟଦେବୀ ମାଆ ଭବାନୀଙ୍କ ନିକଟରୁ ସେ ଆଶିଷ ପ୍ରାର୍ଥନା କଲେ।

## 'ସେବା ସଂକଳ୍ପ ଅଭିଯାନ'

ହିଞ୍ଜିଳିକାଟୁ,(ନି.ପ୍ର): ଭାରତୀୟ ଜନତା ପାର୍ଟି, ଘୁମୁସର ଆସିକା ସାଙ୍ଗଠନିକ ଜିଲ୍ଲା ଅନ୍ତର୍ଗତ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ହିଞ୍ଜିଳି ନଗର ମଣ୍ଡଳର ମାସିକ ବୃତ୍ତ ବୈଠକ ରବିବାର ମଣ୍ଡଳ ସଭାପତି ସୁଧାଂଶୁ ଶେଖର ସାବତଙ୍କ ସଭାପତିତ୍ୱରେ ହିଞ୍ଜିଳି ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ଘୁମୁସର ଆସିକା ସାଙ୍ଗଠନିକ ଜିଲ୍ଲା ପ୍ରଭାରୀ ପ୍ରକାଶ ମଙ୍ଗରାଜ, ରାଜ୍ୟ ପରିଷଦ ସଦସ୍ୟ ମାଧବ ଗୌଡ଼,ଜିଲ୍ଲା ଉପସଭାପତି ସନ୍ତୋଷ ପାଣିଗ୍ରାହୀ, ଜିଲ୍ଲା ସମ୍ପାଦକ ଇ . ଅନ୍ତର୍ଯ୍ୟାମୀ ପାତ୍ର, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ,ମଣ୍ଡଳ ପଦାଧିକାରୀ, ବିଭିନ୍ନ ମୋର୍ଚ୍ଚାର ସଭାପତିବୃନ୍ଦ ଏବଂ ଶକ୍ତିକେନ୍ଦ୍ର ପ୍ରମୁଖ ଓ ବିଜେପି କାର୍ଯ୍ୟକର୍ତ୍ତା ଗଣ ଆଦି ଉପସ୍ଥିତ ଥିଲେ। ବୈଠକରେ ଆଗାମୀ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମକୁ ସଫଳ କରିବା ସହିତ ଆଗାମୀ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକକୁ ସୁଚାରୁରୂପେ ଆୟୋଜନ କରିବା ନିମନ୍ତେ ବିସ୍ତୃତ ଆଲୋଚନା ଓ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଥିଲା। ଏଥିସହ ଆଗାମୀ ଦିନରେ ଶକ୍ତିକେନ୍ଦ୍ର ବୈଠକ, ବୁଥ ବୈଠକ ଏବଂ 'ମନ କି ବାତ' କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ ଓ ସଫଳ କରିବା ପାଇଁ ସାଙ୍ଗଠାନିକ ଦାୟିତ୍ୱ, କାର୍ଯ୍ୟପଦ୍ଧତି ଏବଂ ଆଗାମୀ କାର୍ଯ୍ୟଯୋଜନା ଉପରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା।

## ଷୋଡ଼ଶ ଉପଚାର ପୂଜାର ଦ୍ୱିତୀୟ ଦିବସରେ ବଟେଶ୍ୱର ମା'ଭଗବତୀଙ୍କର ମାତଙ୍ଗିନୀ ବେଶ

ସାଲେପୁର,(ନିପ୍ର): ପାର୍ବଣ ଋତୁ ଅବସରରେ ମାଳିକା ବର୍ଣ୍ଣିତ ଚିତ୍ରୋତ୍ପଳା ଗୁପ୍ତଗଙ୍ଗା କୂଳରେ ପ୍ରତିଷ୍ଠିତ ପ୍ରସିଦ୍ଧ ଶକ୍ତିପୀଠ ମା'ଭଗବତୀଙ୍କ ପୀଠରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଦ୍ୱିତୀୟ ଦିନରେ ମା'ଙ୍କୁ ସ୍ୱତନ୍ତ୍ର ସ୍ନାନ କରାଯାଇ ସ୍ୱତନ୍ତ୍ର ବେଶରେ ସୁସଜ୍ଜିତ କରାଯାଇଥିଲା। ମା'ଙ୍କୁ ପଖାଳ ଭୋଗ, ଚୁଡ଼ାଘସା, ବିଭିନ୍ନ ପ୍ରକାର ଫଳ ଭୋଗ ଅର୍ପଣ କରାଯାଇଥିଲା। ଦ୍ୱିତୀୟ ଦିନର ଷୋଡ଼ଶ ଉପଚାର ପୂଜାରେ ମା'ଙ୍କ ମାତଙ୍ଗିନୀ ବେଶ ଅନୁଷ୍ଠିତ ହୋଇଥିଲା। ବହୁ ଦୂରଦୂରାନ୍ତରରୁ ଶ୍ରଦ୍ଧାଳୁମାନେ ଆସି ମା'ଙ୍କୁ ପୂଜାର୍ଚ୍ଚନା କରି କୃପାଲାଭ କରିଥିଲେ।



ମା'ଙ୍କର ପୂଜା ନୀତିକୁ ପୂଜକ ପର୍ଶୁରାମ ଦୀକ୍ଷିତ, ସନାତନ ପଣ୍ଡା, ପଦ୍ମଲାଭ ଦୀକ୍ଷିତ, ସରୋଜ କୁମାର ଦୀକ୍ଷିତ, ଜିତେନ୍ଦ୍ର ଦୀକ୍ଷିତ, ଦେବାଶିଷ ଦୀକ୍ଷିତ, କରୁଣାକର ଦୀକ୍ଷିତ, ପ୍ରମୋଦ ଚରଣ ଦୀକ୍ଷିତ, ଯୁଗଳ ଦୀକ୍ଷିତ, ବିଚିତ୍ରାନନ୍ଦ ଦୀକ୍ଷିତ, ରବିନ୍ଦ୍ର ଦୀକ୍ଷିତ ମା'ଙ୍କର ସ୍ୱତନ୍ତ୍ର ଷୋଡ଼ଶ ଉପଚାର ପୂଜାରେ ସାମିଲ ହୋଇ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ।

## ୧୨୦ ଅଭିଯୋଗର ଶୁଣାଣି

ପୁରୀ(ନିପ୍ର): ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା।ଏଥିରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅଧ୍ୟକ୍ଷତା କରିଥିଲେ।ଏହି ଶୁଣାଣିରେ ମୋଟ ୧୨୦ ଗୋଟି ଅଭିଯୋଗ ପତ୍ର ମିଳିଥିଲା। ସେଥିରୁ ବ୍ୟକ୍ତିଗତ ୧୦୦ ଗୋଟି, ସାମୂହିକ ୯ ଗୋଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧୧ ଗୋଟି ଆବେଦନ ପତ୍ର ମିଳିଥିଲା। ତନ୍ମଧ୍ୟରୁ ୧୪ ଟି ଆବାସ ଯୋଜନା ସମ୍ପର୍କରେ ଆବେଦନ ରହିଥିଲା। ତତ୍‌କ୍ଷଣାତ ୧୨ ଗୋଟିର ସମାଧାନ ହୋଇଥିଲା। ଚିକିତ୍ସା ସୁବିଧା ପାଇଁ ସିଏମଆରଏଫରୁ ତତକ୍ଷଣାତ ୪ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଅନ୍ୟ ଗୁଡିକୁ ଆଇନ ଅନୁସାରେ ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପଠାଯାଇଥିଲା।

## ଚର୍ଚ୍ଚିକାଙ୍କ ଷୋଳପୂଜାର ତୃତୀୟ ଦିନ



ବାଙ୍କୀ, (ନିପ୍ର): ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା' ଚର୍ଚ୍ଚିକାଙ୍କ ଶାରଦୀୟ ଦୁର୍ଗାପୂଜାର ଆଜି ତୃତୀୟ ଦିବସ ପାଳିତ ହୋଇଛି। ପ୍ରାତଃକାଳରୁ ସେବାୟତମାନେ ମହାନଦୀର ରେଣୁକା ଘାଟରୁ ୧୦୮ କଳସ ଜଳ ଆଣି ମା'ଙ୍କ ସ୍ନାନ ଓ ମାର୍ଜଣା କାର୍ଯ୍ୟ ସମ୍ପନ୍ନ କରିଥିଲେ। ପରେ ସୂର୍ଯ୍ୟପୂଜା, ମଙ୍ଗଳ ଆଳତୀ ଓ ପହିଲି ଧୂପ ଭୋଗ ଅର୍ପଣ କରାଯାଇଥିଲା। ମଧ୍ୟାହ୍ନ ଧୂପରେ ସାଧାଅନ୍ନ, ଖେଚୁଡ଼ି, ବ୍ୟଞ୍ଜନ, ଡାଲ୍‌ମା, ଖଟା, ଶାଗ, କ୍ଷୀରି ଓ କାକରା ଆଦି ଭୋଗ ଲାଗି ପରେ ପହଡ଼ ବନ୍ଦ ହୋଇଥିଲା। ସନ୍ଧ୍ୟାରେ ପହଡ଼ ଖୋଲାଯିବା ପରେ ସନ୍ଧ୍ୟାଧୂପ ଓ ଆଳତୀ ଦର୍ଶନ ପାଇଁ ବାଙ୍କୀ ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ରାୟଗଡ଼ା ବିଭିନ୍ନ ୱାର୍ଡର କାଉନସିଲରମାନେ ଜିଲ୍ଲାପାଳଙ୍କୁ ଦେଲେ ଦାବିପତ୍ର




ରାୟଗଡା,(ନିପ୍ର): ଶ୍ମଶାନଘାଟର ଉନ୍ନତିକରଣ ଓ ନବୀକରଣ ସହ ଆବଶ୍ୟକ ନାଗରିକ ସୁବିଧା, ବିଶ୍ରାମ କକ୍ଷ, ପାନୀୟଜଳ ବ୍ୟବସ୍ଥା, ଲକର କୋଠାରି,କ୍ଲକ ରୁମ୍, ଛାୟାପ୍ରଦ ବୃକ୍ଷରୋପଣ, ସ୍ନାନାଘାଟ, ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର କକ୍ଷର ବ୍ୟବସ୍ଥା, ଅଳିଆ, ଆବର୍ଜନା ଖଲାସ ବ୍ୟବସ୍ଥା, ପରିସରରେ ପରିଷ୍କାର ପରିଚ୍ଛନ୍ନତା, ସ୍ୱଚ୍ଛତା ପରିଚାଳନା ବନ୍ଦୋବସ୍ତ, ଏବଂ ଷ୍ଟୋର ରୁମ ସହ ଶ୍ମଶାନଘାଟକୁ ବନ୍ୟା ଦାଉରୁ ସୁରକ୍ଷିତ ରଖିବା ପାଇଁ ସୁରକ୍ଷା ପ୍ରାଚୀର ନିର୍ମାଣ ଆଦି ଦାବିକୁ ନେଇ ବ୍ରାହ୍ମଣ ସାହିବାସିନ୍ଦା (ୱାର୍ଡ ୩ର) ବାସିନ୍ଦା ଅଭିଯୋଗ ଶୁଣାଣି କକ୍ଷରେ ଜିଲ୍ଲାପାଳଙ୍କୁ ଭେଟି ୧୧ଦଫା ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ବ୍ରାହ୍ମଣସାହି ବାସିନ୍ଦା,ରାୟଗଡା, ବ୍ରାହ୍ମଣ ସାହିକୁ ଲାଗି ରହିଥିବା ତଥା ଲାଙ୍ଗୁଳିଆ ନଦୀ କୂଳରେ ଅବସ୍ଥିତ ଥିବା ଜିଲ୍ଲାର ସର୍ବ ପୁରାତନ ଶ୍ମଶାନଘାଟରେ ଶବ ବାହକ,ତଥା ଆତ୍ମୀୟ ସ୍ୱଜନ, ବନ୍ଧୁ ପରିଜନମାନେ ଭୋଗୁଥିବା କେତେକ ଅସୁବିଧା ଓ ସମସ୍ୟା ସମ୍ପର୍କିତ କେତକ ବିଷୟ ପ୍ରତି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ କେତେକ ଦାବି ଉପସ୍ଥାପନ କରି ନିବେଦନ କରିଛନ୍ତି ଯେ, ଏହି ସବୁ ସମସ୍ୟାର ଆଶୁ ସମାଧାନ କରାଗଲେ ଅନେକ ଲୋକ ଉପକୃତ ହୋଇପାରିଥାନ୍ତେ ବୋଲି ଅବଗତ କରାଇଛନ୍ତି। ଏହା ଏକ ସର୍ବ ପୁରାତନ ଶ୍ମଶାନଘାଟ ହୋଇଥିବାରୁ ଏହି ଘାଟକୁ କେବଳ ରାୟଗଡା ସହର ବାସିନ୍ଦା ନୁହନ୍ତି ଆଖପାଖ ଅଞ୍ଚଳରୁ ମଧ୍ୟ ଅନେକ ଲୋକ ଏଠାକୁ ଶବ ସଂସ୍କାର ପାଇଁ ଆସିଥାଆନ୍ତି। ସଂସ୍କାର ପାଇଁ ଦୂରଦୂରାନ୍ତରୁ ଆସୁଥିବା ଶୋକ ସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ, ବନ୍ଧୁ ପରିଜନ,ବନ୍ଧୁ ବାନ୍ଧବ, ସାଙ୍ଗ ସାଥି, ପିଲାମାନେ, ମହିଳାମାନେ ସାଧାରଣତଃ ଗ୍ରୀଷ୍ମ ଋତୁର ପ୍ରବଳ ରୌଦ୍ର ତାପରେ ଆଉଟୁପାଉଟୁ ହେଉ ଥିବା ବେଳେ ବର୍ଷା ଦିନେ ବର୍ଷାରେ ଭିଜି କ୍ରିୟା କର୍ମ ଆଦି କରିଥାଆନ୍ତି। ଉକ୍ତ ସ୍ଥାନରେ କେତେକ ସୁବିଧା ଯୋଗାଇ ଦେବା ପାଇଁ ସେମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ମହିଳାମାନଙ୍କ ଅସୁବିଧାକୁ ଦୃଷ୍ଟିରେ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କୋଠରି ନିର୍ମାଣ କରିବା ସହ ଛାୟାପ୍ରଦ ବୃକ୍ଷରୋପଣ, ବିଶ୍ରାମ କକ୍ଷ, ପାନୀୟ ଜଳ ବ୍ୟବସ୍ଥା, ସୁରକ୍ଷା ପ୍ରାଚୀର, ଷ୍ଟୋର ରୁମ, ଲକର, କ୍ଲକ ରୁମ୍, ବସିବା ପାଇଁ ବେଞ୍ଚ, ବର୍ଜ୍ୟବସ୍ତୁ ରଖିବା ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ,ନଦୀ କୂଳରେ ଏକ ସୁରକ୍ଷା ପ୍ରାଚୀର, ସ୍ନାନଘାଟ ଉଭୟ ମହିଳା ଓ ପୁରୁଷଙ୍କ ପାଇଁ, ନିର୍ମାଣ କରାଇବା ପାଇଁ ନିବେଦନ କରିଛନ୍ତି।ଏହି ସବୁ ନିର୍ମାଣ କାର୍ଯ୍ୟ ସହ କେତେକ ଅପରିହାର୍ଯ୍ୟ ନବୀକରଣ କାର୍ଯ୍ୟ କରିବା ନିମନ୍ତେ ନିବେଦନ କରି ଏକ ଆବେଦନ ପତ୍ର ପ୍ରଦାନ କରିଛନ୍ତି।

## ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ୍ ଆସୋସିଏସନ୍ ପକ୍ଷରୁ ଭାରତୀୟ ରେଳ କ୍ରିକେଟ୍ ଦଳ ଚୂଡ଼ାନ୍ତ

ଜଟଣୀ,(ନିପ୍ର): ଖୋର୍ଦ୍ଧାରୋଡ ମଣ୍ଡଳ ଅଧୀନସ୍ଥ ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ୍ ଆସୋସିଏସନ୍ ପକ୍ଷରୁ ଖୋର୍ଦ୍ଧାରୋଡ ରେଳବାଇ ଷ୍ଟାଡିୟମ୍‌ରେ ଭାରତୀୟ ରେଳ ପୁରୁଷ କ୍ରିକେଟ୍ ଦଳର ଚୟନ ପ୍ରକ୍ରିୟା ଓ ପ୍ରଶିକ୍ଷଣ ଶିବିର ସଫଳତାର ସହ ସମ୍ପନ୍ନ ହୋଇଛି।




ଏହି ଅବସରରେ ଚୟନିତ ଖେଳାଳିମାନଙ୍କୁ ଉତ୍ସାହିତ କରିବା ଓ ତାଙ୍କର ମନୋବଳ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଷ୍ଟାଡିୟମ୍ ପରିସରରେ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଆୟୋଜିତ ହୋଇଥିଲା।

ଖୋର୍ଦ୍ଧାରୋଡ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ ଚୟନିତ ଖେଳାଳିମାନଙ୍କୁ ସମ୍ମାନିତ କରିଥିଲେ। ଏହି ସମାରୋହରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ/ ଇନ୍‌ଫ୍ରା ରାଜଧାରୀ ଯାଦବ, ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ତଥା ମଣ୍ଡଳ କ୍ରୀଡ଼ା ଅଧିକାରୀ ଅନିଲ କୁମାର ଏସ୍., ବରିଷ୍ଠ ମଣ୍ଡଳ ସମନ୍ୱୟ ପଙ୍କଜ ନାଗୱାନୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀ ଉପସ୍ଥିତ ଥିଲେ। ଡି. ସୁନୀଲ ଚୟନିତ ଖେଳାଳିମାନଙ୍କୁ ଆଗାମୀ ରଣଜୀ ଟ୍ରଫି ପାଇଁ ଶୁଭେଚ୍ଛା ଜଣାଇବା ସହ ଦଳର ସଫଳତା ପାଇଁ ଉତ୍ସାହ ଓ ଆତ୍ମବିଶ୍ୱାସର ସହ ଖେଳିବାକୁ ପ୍ରେରଣା ଦେଇଥିଲେ। ସେ ଖୋର୍ଦ୍ଧାରୋଡ ମଣ୍ଡଳ ପକ୍ଷରୁ କ୍ରୀଡ଼ା ପ୍ରତିଭାର ବିକାଶ ଓ ପ୍ରୋତ୍ସାହନ ନିମନ୍ତେ ନିରନ୍ତର ପ୍ରୟାସ ଜାରି ରହିବ ବୋଲି ପ୍ରକାଶ କରିଥିଲେ।

ରଣଜୀ ଟ୍ରଫିରେ ଅଂଶଗ୍ରହଣ ପାଇଁ ଚୂଡ଼ାନ୍ତ ଦଳ ଖୁବଶୀଘ୍ର ଯାତ୍ରା କରିବ। ଭାରତୀୟ ରେଳ ଦଳ ଆସନ୍ତା ୧୧ ଅକ୍ଟୋବର ୨୦୨୬ରେ ଉତ୍ତରାଖଣ୍ଡ ବିପକ୍ଷରେ ଉତ୍ତରାଖଣ୍ଡରେ ନିଜର ପ୍ରଥମ ରଣଜୀ ଟ୍ରଫି ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ।

## ବାଙ୍କୀର ୮ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ରାଷ୍ଟ୍ର ନିର୍ମାଣ ପୁରସ୍କାର

ବାଙ୍କୀ,(ନିପ୍ର): ରୋଟାରୀ କ୍ଲବ କଟକ ସେଣ୍ଟ୍ରାଲ୍ ଆନୁକୂଲ୍ୟରେ କଟକସ୍ଥିତ ଷ୍ଟୁଆର୍ଟ ବିଦ୍ୟାଳୟ ପରିସରରେ ଓଡ଼ିଶାର କୃତବିଦ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ରାଷ୍ଟ୍ର ନିର୍ମାଣ ପୁରସ୍କାର ପ୍ରଦାନ କରାଯାଇଛି। ରୋଟାରୀ ଜିଲ୍ଲା ଗଭର୍ଣ୍ଣର ଅନୀଲ କୁମାର ସାମଲ ମୁଖ୍ୟଅତିଥି ଓ ପ୍ରଫେସର ମନୋଜ କୁମାର ସାଦୁଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ ଓଡ଼ିଶାର ୪୦ରୁ ଊର୍ଦ୍ଧ୍ୱ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ରାଷ୍ଟ୍ର ନିର୍ମାଣରେ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ବାଙ୍କୀ ଉପଖଣ୍ଡର ୮ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଏହି ସମ୍ମାନ ପାଇଛନ୍ତି। ସମ୍ମାନିତ ହେଲେ ସାହାଡ଼ାପଦାର ଶ୍ରୁତିକୀର୍ତ୍ତି ନାୟକ, ରାମଚଣ୍ଡୀ ପ୍ରାଥମିକ ବିଦ୍ୟାଳୟର ସୁଜାତା ସ୍ୱାଇଁ, ମହାବେରଣା ବିଦ୍ୟାପୀଠର ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ମକୁନ୍ଦପୁରର ଗୟାଧର ନାୟକ, ବାଆଁରାର ଶଶଧର ନାୟକ ଓ ସନ୍ତୋଷ କୁମାର ମୁଦୁଲି, ରାମଚଣ୍ଡୀର ଅର୍ଚ୍ଚନା ସାହୁ ଏବଂ ନିଶ୍ଚିପୁରର ଦିଲ୍ଲୀପ କୁମାର ବେହେରା। ସେମାନଙ୍କୁ ଉପଢ୍ୌକନ, ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ୧୦୨ ଅଭିଯୋଗର ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଡେରାବିଶ(ନିପ୍ର): ଡେରାବିଶ ପଞ୍ଚାୟତ ସମିତି ସଭାଗୃହରେ ସୋମବାର କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣୀ ରେ ୧୦୨ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୧୮ ଗୋଟି ସାମୁହିକ ଓ ୮୪ ଗୋଟି ବ୍ୟକ୍ତିଗତ ରହିଥିଲା। ସାମୁହିକ ଅଭିଯୋଗ ମଧ୍ୟରୁ ବାଲିଆ ପଞ୍ଚାୟତ ୧୦ ନମ୍ବର ୱାର୍ଡ ଯଶୋର ଗ୍ରାମର ଅଧିବାସୀମାନେ ପାନୀୟ ଜଳ ପାଉନଥିବା ଅଭିଯୋଗ କରିଥିଲେ। ଏହି ଗ୍ରାମର କୈଳାସ ପ୍ରଧାନ ଓ ପୀତାମ୍ବର ବେହେରାଙ୍କ ଘର ନିକଟରେ ଥିବା ୨ ଟି ଗଭୀର ନଳକୂପ ଅଚଳ ହେବା ଯୋଗୁଁ ଗ୍ରାମବାସୀ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା।ସେହିପରି ଏହି ଗ୍ରାମକୁ ଯାତାୟତ ପାଇଁ ସବୁଦିନିଆ ରାସ୍ତା ନଥିବା ନେଇ ଗ୍ରାମବାସୀ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଗ୍ରାମକୁ ଯାଉଥିବା ରାସ୍ତାକୁ ଦୁଇ ଜଣ ଜବରଦଖଲ କରି ରଖିଥିବାରୁ ଗ୍ରାମବାସୀମାନେ ଯାତାୟାତ କରି ପାରୁନଥିବା ସମ୍ପର୍କରେ ଅଭିଯୋଗ କରିଥିଲେ। କାଉପଡା ପଞ୍ଚାୟତରେ ଏକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ୨ ବର୍ଷ ହେବ ଅର୍ଥ ମଞ୍ଜୁର କରାଯାଇଥିଲେ ମଧ୍ୟ ଏଯାବତ ଏହା ନିର୍ମାଣ ନହେବା ନେଇ ଗ୍ରାମବାସୀ ଦୃଷ୍ଟି ଆକର୍ଷଣ କରିଥିଲେ।

## ଢିଙ୍କିଆ ଓ ମାହାଳରେ ଗ୍ରାମ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କଲା ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍



ଭୁବନେଶ୍ୱର(ନିପ୍ର): ତିନିଟି ଗ୍ରାମ ପଞ୍ଚାୟତରେ ଯୋଗାଯୋଗ ବ୍ୟବସ୍ଥା ଓ ଜୀବନଧାରଣର ମାନ ବୃଦ୍ଧି ପାଇଁ ସମୁଦାୟର ପ୍ରାଥମିକତା ଆଧାରରେ ବିକାଶମୂଳକ କାର୍ଯ୍ୟ ଆରମ୍ଭ।ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍‌ର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତର ସମୁଦାୟଗୁଡ଼ିକର ସାମାଜିକ-ଆର୍ଥିକ ସ୍ଥିତି ଓ ଜୀବନଧାରଣର ମାନରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସ୍ଥାନୀୟ ସମୁଦାୟ ସହ ବ୍ୟାପକ ଆଲୋଚନା ଓ ପରାମର୍ଶ ମାଧ୍ୟମରେ ଚିହ୍ନଟ ଏବଂ ପ୍ରାଥମିକତା ଦିଆଯାଇଥିବା ଗ୍ରାମ ବିକାଶ କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଆରମ୍ଭ କରିଛି। ଗତ କିଛି ମାସ ଧରି ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ଏରସମା ବ୍ଲକର ଉକ୍ତ ତିନିଟି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ସାହିରେ ସ୍ଥାନୀୟ ସମୁଦାୟ ସହ ପରାମର୍ଶ ବୈଠକ ଆୟୋଜନ କରାଯାଇଥିଲା। ଢ଼ିଙ୍କିଆ, ମାହାଳ, ପଟଣା, ଗୋବିନ୍ଦପୁର, ନୂଆଗାଁ, ଗଡ଼କୁଜଙ୍ଗ, ନୋଳିଆ ସାହି ଓ ପୋଲଙ୍ଗ ସମେତ ବିଭିନ୍ନ ଗ୍ରାମ ଓ ହାମ୍ଲେଟ୍‌ରେ ଅନୁଷ୍ଠିତ ଏହି ବୈଠକଗୁଡ଼ିକରେ ମହିଳା, ଯୁବବର୍ଗ ଓ ବରିଷ୍ଠ ନାଗରିକଙ୍କ ସମେତ ଶତାଧିକ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଏହି ପରାମର୍ଶ ବୈଠକଗୁଡ଼ିକରେ ଗ୍ରାମବାସୀମାନେ ବିଭିନ୍ନ ବିକାଶମୂଳକ ଆବଶ୍ୟକତା ଓ ପ୍ରାଥମିକତା ଚିହ୍ନଟ କରିଥିଲେ।

# ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକଙ୍କ ଦୁଇଦିନିଆ କଳାହାଣ୍ଡି ଗସ୍ତ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା ସହ କ୍ଷେତ୍ର ପରିଦର୍ଶନ




ଭବାନୀପାଟଣା, (ନି.ପ୍ର): ଦୁଇଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସିଛନ୍ତି ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା। ଜିଲ୍ଲାରେ ପହଞ୍ଚିବା ପରେ ପ୍ରଥମେ ଜିଲ୍ଲା ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲାରେ ମୃତ୍ତିକା ଓ ଜଳ ସଂରକ୍ଷଣ ସହିତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଓ କାର୍ଯ୍ୟକାରିତା ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା। ସମୀକ୍ଷା ପରେ ଶ୍ରୀ ପଣ୍ଡା ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳ ପରିଦର୍ଶନ କରିଥିଲେ। ସେଠାରେ ଜଳଧାରା ଯୋଜନା ମାଧ୍ୟମରେ ନିର୍ମିତ କ୍ଷେତ ପୋଖରୀଗୁଡ଼ିକର କାର୍ଯ୍ୟକାରିତା ବୁଲି ଦେଖିବା ସହ ଏହାର ଉପଯୋଗିତା ସମ୍ପର୍କରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ପୋଖରୀ ହୁଡ଼ାରେ ପଇଡ ଚାରା ରୋପଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ଚାଷୀ ଅନନ୍ତ ବେହେରା ଓ ଲଳିତ ବେହେରାଙ୍କୁ ସମନ୍ୱିତ କୃଷି ପଦ୍ଧତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ବିସ୍ତୃତ ଭାବେ ବୁଝାଇଥିଲେ। କୃଷି ସହ ଜଳ ଓ ମୃତ୍ତିକା ସଂରକ୍ଷଣକୁ ଯୋଡ଼ି ଚାଷୀମାନଙ୍କ ଆୟ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗସ୍ତର ଦ୍ୱିତୀୟ ଦିନରେ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ଥୁଆମୂଳ ରାମପୁର ବ୍ଲକର କାଣୀଗୁଣା ଓ ତୁଡୁକାଗୁଡ଼ା ଗାଁ ପରିଦର୍ଶନ କରିଥିଲେ। ଏଠାରେ କାର୍ଯ୍ୟକାରୀ ହୋଇଥିବା କଫି ବଗିଚା ପରିଦର୍ଶନ କରିବା ସହ କଫି ଚାଷର ଅଗ୍ରଗତି ଓ ଚାଷୀମାନଙ୍କ ଲାଭ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପରେ ଜୟପାଟଣା ବ୍ଲକରେ ପହଞ୍ଚି ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ପ୍ରକଳ୍ପଗୁଡ଼ିକର ସ୍ଥିତି, ଚାଷୀମାନଙ୍କୁ ମିଳୁଥିବା ସୁବିଧା ଓ ଜଳସେଚନ ବ୍ୟବସ୍ଥା ସମ୍ପର୍କରେ ଅଧିକାରୀଙ୍କଠାରୁ ସୂଚନା ନେଇଥିଲେ। ମୃତ୍ତିକା ଓ ଜଳ ସଂରକ୍ଷଣ ସହ ଆଧୁନିକ ଓ ସମନ୍ୱିତ କୃଷି ପଦ୍ଧତି ମାଧ୍ୟମରେ ଚାଷୀଙ୍କ ଆୟ ବୃଦ୍ଧି ଏବଂ ଜଳସେଚନ ସୁବିଧାକୁ ଅଧିକ ସୁଦୃଢ଼ କରିବା ଉପରେ ଏହି ଗସ୍ତ ସମୟରେ ଗୁରୁତ୍ୱ ଦିଆଯାଇଥିଲା।

# ଆଖୁଚାଷୀ ମହାସଂଘର ସାଧାରଣ ସଭା

### ସରକାରୀ ପ୍ରୋତ୍ସାହନ ଓ ୧୫ ହଜାର ଟଙ୍କା ଇନ୍‌ପୁଟ ସବସିଡ୍ ଦାବି

ବାଲିଚନ୍ଦ୍ରପୁର,(ନିପ୍ର): ଓଡ଼ିଶା ଆଖୁଚାଷୀ ମହାସଂଘର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ସଭା ସ୍ଥାନୀୟ ଲଙ୍ଗୁଳୀ ମଠ ପରିସରରେ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ରାଜ୍ୟର ୬ଟି ଜିଲ୍ଲାରୁ ଶତାଧିକ ଆଖୁଚାଷୀ ଯୋଗଦେଇ ନିଜ ନିଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଗଭୀର ଆଲୋଚନା କରିଥିଲେ। ସଭାରେ ଉପସ୍ଥିତ ଚାଷୀମାନେ ପ୍ରକାଶ କରିଥିଲେ ଯେ, ସରକାରୀ ସହଯୋଗ ଓ ପ୍ରୋତ୍ସାହନର ଅଭାବ ଯୋଗୁଁ ଚାଷୀମାନେ ନିରୁତ୍ସାହିତ ହୋଇ ଆଖୁଚାଷରୁ ମୁହଁ ଫେରାଇବାରେ ଲାଗିଛନ୍ତି। ବିଭିନ୍ନ ସମୟରେ ଆଖୁଚାଷୀମାନେ ଅନେକ ଆର୍ଥିକ ଓ ପ୍ରଶାସନିକ ସମସ୍ୟାର ସମ୍ମୁଖୀନ ହେଉଥିଲେ ହେଁ ସେମାନଙ୍କୁ କୌଣସି ପ୍ରକାର ସରକାରୀ ସହାୟତା ମିଳୁନାହିଁ। ଧାନ ଚାଷ ଭଳି ଆଖୁଚାଷକୁ ମଧ୍ୟ ସରକାରୀ ସ୍ତରରେ ଉଚିତ ପ୍ରୋତ୍ସାହନ ଯୋଗାଇ ଦେବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏହା ସହିତ ପ୍ରତି ଆଖୁଚାଷୀଙ୍କୁ ୧୫,୦୦୦ ଟଙ୍କାର ଇନପୁଟ ସବସିଡି ପ୍ରଦାନ କରିବାକୁ ସରକାରଙ୍କ ନିକଟରେ ଜୋରଦାର ଦାବି ଉପସ୍ଥାପନ କରାଯାଇଛି। ଓଡ଼ିଶା ଆଖୁଚାଷୀ ମହାସଂଘର ସଭାପତି ରବି ନାରାୟଣ ପ୍ରଧାନ, ସଂଘର ପ୍ରମୁଖ କର୍ମକର୍ତ୍ତା ବିରବର ସାହୁ ଓ ସୁବ୍ରତ ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦ ଏହି ଦାବିସମୂହକୁ ସରକାର ତୁରନ୍ତ ବିଚାରକୁ ନେଇ ଆଖୁଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ନିବେଦନ କରିଛନ୍ତି।




## ଦୁର୍ଗାପୂଜା ଶାନ୍ତିଶୃଙ୍ଖଳା ପାଇଁ ପ୍ରସ୍ତୁତି

ଭାପୁର,(ନିପ୍ର): ଫତେଗଡ଼ ଥାନା ଅଞ୍ଚଳରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ଦୁର୍ଗାପୂଜା କିପରି ଭାବରେ ଶାନ୍ତିଶୃଙ୍ଖଳାର ସହିତ ସମାପ୍ତ ହେବ ସେ ସମ୍ପର୍କରେ ଫତେଗଡ଼ ଥାନା ଅଧିକାରୀଙ୍କ ଅଧ୍ୟକ୍ଷତାରେ ରବିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ, ଖଣ୍ଡପଡା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସରୋଜ କୁମାର ସାହୁ ଯୋଗଦେଇ ପୂଜା ପ୍ରାରମ୍ଭରୁ ରାବଣ ପୋଡି ଏବଂ ବିସର୍ଜନ ପର୍ଯ୍ୟନ୍ତ ଶାନ୍ତି ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ଭାପୁର ଗ୍ରାମର ପୂଜା କମିଟି,ପଦ୍ମାବତୀ ଗ୍ରାମର ପୂଜା କମିଟି, ବାଇଗୁଣିଆ ଗ୍ରାମ୍ୟ ପୂଜା କମିଟି,ବାଘୁଆପଲ୍ଲୀ ଗ୍ରାମ୍ୟ ପୂଜାକମିଟି,ବିଜିପୁର,କାଚେରାସାହି, ଗୋଳାପୋଖରୀ ଆଦି ପୂଜା କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।



## ଛାତ୍ର ସଂସଦ ନିର୍ବାଚନ ବିଗୁଲ୍ : ଚଳଚଞ୍ଚଳ କଲେଜ ପରିସର

କାଶୀନଗର,(ନିପ୍ର): ୨୦୧୭ ମସିହାରୁ ବନ୍ଦ ହୋଇ ଯାଇଥିବା ଛାତ୍ର ସଂସଦ ନିର୍ବାଚନ ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ରାଜ୍ୟରେ ପୁଣି ହେବାକୁ ଯାଉଥିବାରୁ କାଶୀନଗର ଠାରେ ଥିବା ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟ ପରିସର ଚଳଚଞ୍ଚଳ ହୋଇଉଠିଛି। ଆସନ୍ତା ୭ ତାରିଖରେ ନିର୍ବାଚନ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବ। ୯ ତାରିଖରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବେ। ୧୦ ତାରିଖରେ ନାମାଙ୍କନ ପ୍ରତ୍ୟାହାର ପରେ ପ୍ରଚାର ଓ ଅନ୍ୟାନ୍ୟ ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ ହେବ। ୧୫ ତାରିଖରେ ଭୋଟଗ୍ରହଣ ଓ ଭୋଟ ଗଣତି ହେବ। ୧୬ ତାରିଖରେ ନବନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ।

## ରାଜସୁନାଖଳା କଲେଜ ଏବି.ଭି ପି ତରଫରୁ ବାଚସ୍ପତିଙ୍କୁ ସମ୍ବର୍ଦ୍ଧନା



ବୋଲଗଡ଼,(ନିପ୍ର): ଓଡ଼ିଶାର କଲେଜମାନଙ୍କରେ ଛାତ୍ର ସଂସଦ ନିର୍ବାଚନ ପ୍ରକ୍ରିୟା ଦୀର୍ଘ ୮ ବର୍ଷ ଧରି ବନ୍ଦ ରହିବା ପରେ ବର୍ତ୍ତମାନ ଏହାକୁ ନେଇ ରାଜ୍ୟ ବିଜେପି ସରକାର କଲେଜ ଗୁଡିକରେ ଛାତ୍ର ସଂସଦ ନିର୍ବାଚନ ଚଳିତ ମାସ ୯ ତାରିଖରେ ନାମାଙ୍କନ ପତ୍ର ଦାଖଲ ଓ ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ଘୋଷଣା କରିଅଛନ୍ତି ! ଏହି ଅବସରରେ ନୟାଗଡ଼ ଜିଲ୍ଲା ରଣପୁର ଶିକ୍ଷା ବ୍ଲକ ଅନ୍ତର୍ଗତ ରାଜସୁନାଖଳା କଲେଜର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଦସ୍ୟ ଚିନ୍ମୟ କୁମାର ପାତାଳସିଂହଙ୍କ ନେତୃତ୍ୱରେ ସୋମବାର ଦିନ ରଣପୁର ବିଜେପି କାର୍ଯ୍ୟାଳୟଠାରେ ରାଜ୍ୟ ବାଚସ୍ପତି ସୁରମା ପାଢ଼ୀଙ୍କୁ ସ୍ୱଜନ୍ୟ ମୂଳକ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମ ରାଜସୁନାଖଳା କଲେଜ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପୂର୍ବତନ ଛାତ୍ର ସଭାପତି ଆକାଶ କୁମାର ନାୟକ,ଅଭିଜିତ ମାଝୀ, ଆଦିତ୍ୟ ସୁନ୍ଦରା, ଦୀପକ କୁମାର ମାର୍ଥା, ପବିତ୍ର ପ୍ରଧାନ, ଚନ୍ଦ୍ରକାନ୍ତ ରାଉତରାୟ, ଆଦିତ୍ୟ ପାଇକରାୟ, ଶୁଭଜିତ ମାଝୀ, ପ୍ରିତମ ଲେଙ୍କା, ଶ୍ରୀତମ ମହାପାତ୍ର ଓ ଶିବପ୍ରସାଦ ସାହୁଙ୍କ ସମେତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବହୁ ସଦସ୍ୟମାନେ ଯୋଗଦେଇଥିଲେ।

## ବିଦ୍ୟୁତ୍ ବିଭାଗରେ କର୍ମଚାରୀଙ୍କ ସୁରକ୍ଷା ଓ ସେବା ବ୍ୟବସ୍ଥା ସୁଦୃଢ଼ ପାଇଁ ୬ ଦଫା ଦାବି

କାକଟପୁର, (ନିପ୍ର): କାକଟପୁର ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ କ୍ଷେତ୍ର କର୍ମଚାରୀଙ୍କ ସୁରକ୍ଷା ଓ କାର୍ଯ୍ୟ ପରିବେଶରେ ଉନ୍ନତି ଆଣିବା ଦାବିରେ ଟିପିସିଓଡିଏଲ୍ କାକଟପୁର ସବ୍‌ଡିଭିଜନ୍‌ର ଏସ୍‌ଡିଓଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ରାତ୍ରିକାଳୀନ ବ୍ରେକ୍‌ଡାଉନ୍ ଓ ଫଲ୍ଟ ଆଟେଣ୍ଡିଂ ପାଇଁ ପର୍ଯ୍ୟାପ୍ତ ମାନବସମ୍ବଳ ଓ ଆବଶ୍ୟକ ଯାନବାହନ ଯୋଗାଇବା, ନିର୍ଦ୍ଧାରିତ ଡ୍ୟୁଟି ଆୱାର ଅନୁଯାୟୀ କର୍ମଚାରୀ ନିୟୋଜନ କରିବା, ପୂର୍ବ ନିର୍ଦ୍ଧାରିତ ନାଇଟ୍ ଡ୍ୟୁଟି ରୋଷ୍ଟର ପ୍ରସ୍ତୁତ କରିବା ଏବଂ ପର୍ଯ୍ୟାପ୍ତ ପିପିଇ ଓ ସୁରକ୍ଷା ସାମଗ୍ରୀ ଯୋଗାଇବା ଭଳି ଦାବି ରହିଛି। ଏଥିସହ ଗ୍ରାହକଙ୍କ ଅଭିଯୋଗ ଗ୍ରହଣ ପାଇଁ ଥିବା କଲ୍ ହ୍ୟାଣ୍ଡଲିଂ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା, କର୍ମଚାରୀଙ୍କ ରୋଲ୍ ଓ ରେସପନ୍ସିବିଲିଟି ସ୍ପଷ୍ଟ କରିବା, ଆବଶ୍ୟକ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବା ସହ ଫଲ୍ଟ ରେସପନ୍ସ ଟାଇମ୍ କମାଇବାକୁ ଦାବି କରାଯାଇଛି। ଏହାଦ୍ୱାରା ବିଦ୍ୟୁତ ଗ୍ରାହକଙ୍କୁ ତ୍ୱରିତ ଓ ଉନ୍ନତମାନର ସେବା ମିଳିପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ବର୍ତ୍ତମାନ ବିଦ୍ୟୁତ ବିଭାଗରେ କର୍ମଚାରୀ ଅଭାବ, ରାତ୍ରିକାଳୀନ ଫଲ୍ଟ ଆଟେଣ୍ଡିଂ ଓ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନେଇ ଯେଉଁ ସମସ୍ୟା ରହିଛି, ତାହାର ସମାଧାନ ପାଇଁ ଦାବିଗୁଡ଼ିକ ତୁରନ୍ତ ପୂରଣ କରିବାକୁ ରାକେଶ ସାହୁ,ଉଲ୍ଲାସ ମଲ୍ଲ, ଅଖିଳ ନାୟକ,ସଞ୍ଜୟ ମହାନ୍ତି, ପ୍ରଶାନ୍ତ ତରାଇ,ସଦାନନ୍ଦ ଜେନା,ରାଜେଶ ପାତ୍ର, ବିଶ୍ୱଜିତ ଲେଙ୍କାଙ୍କ ସମେତ ସମସ୍ତ କର୍ମଚାରୀମାନେ ଅନୁରୋଧ କରିଛନ୍ତି।

ତିଥି :(ଏକାଦଶୀ): (ଅଶ୍ଳେଷା କର୍କଟ)
ଅମୃତ ବେଳା: ଦିବା ଘ ୬।୩୦ ମଧ୍ୟେ ଘ୭।୧୫ ଗତେ

## ଆଜିର ଅନୁଚିନ୍ତନ

ସର୍ବତ୍ର ଅନାସକ୍ତ ଯେଉଁ ମନୁଷ୍ୟ ସେହି ସେହି ଶୁଭ-ଅଶୁଭଙ୍କୁ ପ୍ରାପ୍ତ କରି ହର୍ଷିତ ହୁଏ ନାହିଁ କି ଦ୍ୱେଷ କରେ ନାହିଁ, ତାହାର ବୁଦ୍ଧି ସ୍ଥିର।।

- ଶ୍ରୀମଦ୍ ଭଗବଦ୍ ଗୀତା

# ଛନକା ନୁହେଁ ପୂର୍ବ ପ୍ରସ୍ତୁତି ଲୋଡ଼ା

ଅକ୍ଟୋବର ୧୩ରୁ ୧୫ ତାରିଖ ମଧ୍ୟରେ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଏହା ଘନୀଭୂତ ହେବା ପାଇଁ ବାତାବରଣ ଅନୁକୂଳ ରହିଛି ସତ ଏହାର ତୀବ୍ରତା, ପ୍ରଭାବ ଓ ଗତିପଥ ନେଇ ଏବେଠାରୁ ନିଶ୍ଚିତ ଭାବେ କିଛି କହିବା ସମ୍ଭବ ନୁହେଁ । ପାଣିପାଗ ବିଜ୍ଞାନୀମାନେ ଏପରି ଆକଳନ କରିଛନ୍ତି। ୭ରୁ ୮ ତାରିଖ ବେଳକୁ ଏହି ସମ୍ଭାବ୍ୟ ସିଷ୍ଟମ୍‌ର ଚିତ୍ର ଅଧିକ ସ୍ପଷ୍ଟ ହୋଇପାରେ।ଆନ୍ତର୍ଜାତିକ ପାଣିପାଗ ମଡେଲ୍ ଜିଏଫଏସ(ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ) ଓ ଇସିଏମଡବଲୁଏଫ( ଇୟୁରୋପିଆନ ସେଣ୍ଟର ଫର ମିଡିୟମ ରେଂଜ ଓଇଦର ଫୋରକାଷ୍ଟ) ମଧ୍ୟ ଏଭଳି ଏକ ସିଷ୍ଟମ୍‌ର ସଙ୍କେତ ଦେଇଛନ୍ତି । ତେବେ ଜିଏଫଏସର ସଦ୍ୟ ଆକଳନ ଅନୁସାରେ ଏହି ପ୍ରଣାଳୀ ସୃଷ୍ଟି ହେବାରେ କିଛି ବିଳମ୍ୱ ହୋଇପାରେ । କିନ୍ତୁ ଇସିଏମଡବଲୁଏଫ ଆକଳନ ଅନୁସାରେ, ୧୬ ତାରିଖ ବେଳକୁ ସିଷ୍ଟମ୍‌ଟି ଆନ୍ଧ୍ର ଉପକୂଳ ନିକଟରେ ରହିପାରେ। ତେବେ ଏବେ ସୁଦ୍ଧା କୌଣସି ମଡେଲ୍ ଏହାର ନିଶ୍ଚିତ ଗତିପଥ ସମ୍ପର୍କରେ ସ୍ପଷ୍ଟ ସଙ୍କେତ ଦେଇନାହିଁ।

ଆଗକୁ ଆସୁଛି ଦୁର୍ଗାପୂଜା। ତେଣୁ ପୂଜା ମାହୋଲ ଉପରେ ବର୍ଷାର ପ୍ରଭାବ ପଡ଼ିବା ହୁଏତ ପଡ଼ିପାରେ।ରାଜ୍ୟବାସୀ ବିଭିନ୍ନ ସମୟରେ ଏକାଧିକ ବାତ୍ୟାର ସମ୍ମୁଖୀନ ହୋଇଆସିଛନ୍ତି। ବହୁ ସମୟରେ ଲକ୍ଷ୍ୟ କରାଯାଇଛି ଯେ ଅକ୍ଟୋବର ଯେପରି ବାତ୍ୟାର ମାସ, ଏହି ମାସ ଆସିଲେ ଛନକା ହିଁ ବଢ଼ିଯାଏ। ବାତ୍ୟାର ପ୍ରଭାବିତ ହେଉଥିବା ଲୋକ ଅଧିକ ଭାବରେ ଗରିବ ଶ୍ରେଣୀର। ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଯେପରି ସହଚର। ଅତୀତରେ ଫନି,ତିତିଲି,ଫାଇଲିନ ଆଦି ବାତ୍ୟାକୁ ଲୋକେ ସାମ୍ନା କରିଛନ୍ତି। ବାତ୍ୟାକୁ ସାମ୍ନା କରିବା ପାଇଁ ଯେପରି ଭିତ୍ତିଭୂମିରେ ଉନ୍ନତି ଲୋଡ଼ା ସେପରି ପ୍ରାକ୍‌ସୂଚନା ପାଇଁ ପ୍ରଯୁକ୍ତିର ଉପଯୋଗିତା ଗୁରୁତ୍ୱପୂର୍ଣ୍ଣ। ଏ ବାବଦରେ ଆମ ରାଜ୍ୟ କେତେ ଆଗୁଆ ରହିଛି ତାହାର ସମୀକ୍ଷା ନିତାନ୍ତ ଆବଶ୍ୟକ। ନିକଟରେ ବନ୍ୟା ବିପର୍ଯ୍ୟୟ ଜନିତ ଦୁର୍ଦ୍ଦଶା ଓ କଷଣ ପ୍ରଭାବିତ ଅଞ୍ଚଳରୁ ହଟିନାହିଁ, ଏପରି ସମୟରେ ବାତ୍ୟା ଆଶଙ୍କା ଚିନ୍ତା ବଢ଼ାଇବା ଥୟ । ତେବେ ଏହା ସତ୍ୟ ଯେ ଭୟ ବା ଆଶଙ୍କା ଅପେକ୍ଷା ପୂର୍ବ ପ୍ରସ୍ତୁତିକୁ ଉପେକ୍ଷା କରାଯାଇ ନ ପାରେ। ବିଶେଷ କରି ପ୍ରଶାସନ ଓ ଲୋକ ପ୍ରତିନିଧିମାନେ ଯେତେ ସଜାଗ ରହିବେ ତଥା କାର୍ଯ୍ୟକାରିତାରେ ଆଗେଇବେ ତାହା ଦ୍ୱାରା ଲୋକେ ଉପକୃତ ହେବେ ବା ଭୟ ଦୂର ହୋଇପାରିବ।

# ପାରିବାରିକ ପର୍ବରୁ ସାମାଜିକ ମହୋତ୍ସବ

**ସୌର ଚନ୍ଦ୍ର ମହାପାତ୍ର**

ଓଡ଼ିଶାରେ ଦଶହରାରେ ମୃଣ୍ମୟୀ ପୂଜାର ପରମ୍ପରା ଖୁବ ଲୋକପ୍ରିୟ। କିନ୍ତୁ ଏହା ସ୍ୱକୀୟ ଉତ୍କଳୀୟ ପରମ୍ପରା ନୁହେଁ। ରାଜ୍ୟର ପ୍ରାଚୀନ ସହର କଟକର ବଙ୍ଗୀୟ ଅଧିବାସୀ ଏହାର ମୂଳଦୁଆ ପକାଇଥିଲେ ବୋଲି କୁହାଯାଏ। ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ବଙ୍ଗରେ ଦୁର୍ଗାପୂଜା ଧନୀ ଜମିଦାରଙ୍କ ପାରିବାରିକ ପର୍ବ ଭାବେ ପାଳନ କରାଯାଉଥିଲା। ତେବେ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗ ବେଳକୁ ଦୁର୍ଗାପୂଜା ଏକ ଗଣପର୍ବରେ ପରିଣତ ହୋଇ ଗୋଷ୍ଠୀଭିତ୍ତିକ ଉତ୍ସବ ଭାବେ ଆଦୃତ ହୋଇଥିଲା। ୧୭୯୦ ମସିହାରେ ତତ୍କାଳୀନ ବଙ୍ଗ ପ୍ରଦେଶର ହୁଗୁଳି ଜିଲ୍ଲାରେ ପ୍ରଥମଥର ପାଇଁ ସାର୍ବଜନୀନ ଦୁର୍ଗାପୂଜା ଆୟୋଜନ କରାଯାଇଥିଲା। ଏହାକୁ ସ୍ଥାନୀୟ ଭାଷାରେ ବାରୋବାରୀ ପୂଜା କୁହାଯାଉଥିଲା। ବାରୋବାରୀ ଶବ୍ଦଟି ବାରୋ ବାରଜଣ ଏବଂ ୟାରି ବନ୍ଧୁରୁ ଆସିଛି। ବାରଜଣ ବନ୍ଧୁ ଜଣେ ଜମିଦାରଙ୍କ ଦାସତ୍ୱରୁ ମୁକ୍ତ ହୋଇ ସାର୍ବଜନୀନ ଦୁର୍ଗାପୂଜା ଆୟୋଜନ କରିଥିଲେ। ସାମୂହିକ ପୂଜାର ଏହି ପରିକଳ୍ପନା ସେ ସମୟରେ ବୈପ୍ଳବିକ ଥିଲା ଏବଂ ସାର୍ବଜନୀନ ଉତ୍ସବ ପାଳନର ମୂଳଦୁଆ ପକାଇଥିଲା। ପରେ ଏହି ଧାରା ସମଗ୍ର ବଙ୍ଗଳା ଓ ବଙ୍ଗୀୟମାନଙ୍କ ଦ୍ୱାରା ବାହାର ରାଜ୍ୟକୁ ପ୍ରସାରିତ ହୋଇଥିଲା।

ଏହାପରେ କୋଲକାତାର ଶୋଭାବଜାର ରାଜବାଡ଼ିର ଜଣେ ପ୍ରଭାବଶାଳୀ ଜମିଦାର ରାଜା ନବକୃଷ୍ଣ ଦେବ ସମ୍ଭ୍ରାନ୍ତ ପରିବାରର ପରିଧିରୁ ଊର୍ଦ୍ଧ୍ୱକୁ ଆସି ସାର୍ବଜନୀନ ଦୁର୍ଗାପୂଜାକୁ ଲୋକପ୍ରିୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୧୭୫୭ରେ ପଲାସି ଯୁଦ୍ଧରେ ବ୍ରିଟିସ ବିଜୟ ପରେ ନବକୃଷ୍ଣ ଦେବ ତାଙ୍କ ଦୁର୍ଗାପୂଜା ଉତ୍ସବକୁ ରବର୍ଟ କ୍ଲାଇଭଙ୍କ ସମେତ କେତେକ ବ୍ରିଟିସ ଅଧିକାରୀମାନଙ୍କୁ ନିମନ୍ତ୍ରଣ କରି ଭାରତୀୟ ପରମ୍ପରା ଓ ଉପନିବେଶକ ପ୍ରଭାବର ଏକ ମିଶ୍ରଣ ସୃଷ୍ଟି କରିଥିଲେ। ଊନବିଂଶ ଶତାବ୍ଦୀର ଶେଷ ଭାଗରେ ସ୍ୱାମୀ ବିବେକାନନ୍ଦଙ୍କ ମାର୍ଗଦର୍ଶନରେ ରାମକୃଷ୍ଣ ମିଶନ ମଧ୍ୟ ଦୁର୍ଗାପୂଜାକୁ ବ୍ୟାପକ ଓ ସାର୍ବଜନୀନ ରୂପ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ବୋଲି ଜଣାଯାଏ। ରାମକୃଷ୍ଣ ମିଶନ ମାଧ୍ୟମରେ ଦୁର୍ଗାପୂଜା ଜାତୀୟତାବାଦୀ ଚେତନା ଓ ସାଂସ୍କୃତିକ ପରିଚୟ ସହ ଯୋଡ଼ି ହୋଇ ସମାଜ ସେବା ଓ ଜନକଲ୍ୟାଣ ଉପରେ ଗୁରୁତ୍ୱାରୋପ କରିଥିଲା। ସ୍ୱାମୀ ବିବେକାନନ୍ଦ ନିଜେ ୧୯୦୧ ମସିହାରେ ବେଲୁର ମଠରେ ଦୁର୍ଗାପୂଜା କରିଥିଲେ ଏବଂ ଏହି ଉତ୍ସବକୁ ଉଭୟ ଆଧ୍ୟାତ୍ମିକ ଏବଂ ପାରମ୍ପରିକ କାର୍ଯ୍ୟକ୍ରମ ଭାବେ ଅଭିହିତ କରାଇଥିଲେ।

କଟକରେ ଦୁର୍ଗାପୂଜା ଓ ସୁନାଚାନ୍ଦି ମେଢ଼। ପଡ଼ୋଶୀ ପଶ୍ଚିମବଙ୍ଗର ଅଧିବାସୀ ଓଡ଼ିଶାର ପୁରୁଣା ରାଜଧାନୀ କଟକରେ ଅବସ୍ଥାନ କରିବା ପରେ ଧୀରେ ଧୀରେ ସାର୍ବଜନୀନ ଦୁର୍ଗାପୂଜା ସେଠାରେ ପ୍ରସାର ଲାଭ କରିଥିଲା। ଶୁଣିବାକୁ ମିଳେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ମାଆ ପୁତ୍ର ସନ୍ତାନ ଲାଭ ଲାଗି ମା'ଦୁର୍ଗାଙ୍କ ନିକଟରେ ମାନସିକ କରିଥିଲେ। ଏହି ମାନସିକ ସ୍ୱରୂପ ନେତାଜୀ ସୁଭାଷ ଜନ୍ମ ହେବା ପରେ ତାଙ୍କ ପରିବାରରେ ସାର୍ବଜନୀନ ଦୁର୍ଗାପୂଜା ପାଳନ କରାଯାଇଥିଲା। ଆଜି ବି କଟକ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଘରେ ସେହି ପୂଜା ମଣ୍ଡପ ରହିଛି। ତେବେ କଟକର ବାଲୁବଜାର ଅନ୍ତର୍ଗତ ବିନୋଦବିହାରୀ ଦୁର୍ଗାପୂଜା ବହୁ ପ୍ରାଚୀନ ବୋଲି କୁହାଯାଏ। ଅନ୍ୟପକ୍ଷରେ ଚୌଧୁରୀ ବଜାରରେ ଦୁର୍ଗାପୂଜା ଓ ଚାନ୍ଦିମେଢ଼ ସଂସ୍ଥାପନ ୧୯୫୬ ମସିହାରେ ହେବାର ଇତିହାସ କଟକ ଦୁର୍ଗାପୂଜାର ପ୍ରାଚୀନତା ଏବଂ ସମୃଦ୍ଧ ଇତିହାସ ବୟାନ କରେ।

ସମୟ ସହିତ ତାଳ ଦେଇ କଟକର ଇତିହାସ ପ୍ରସିଦ୍ଧ ଦୁର୍ଗାପୂଜା ଏବେ ସମଗ୍ର ଦେଶରେ ଭିନ୍ନ ପରିଚିତି ହାସଲ କରିଛି। ଏକଦା କେବଳ ଚୌଧୁରୀ ବଜାରରେ ଚାନ୍ଦିମେଢ଼ ଥିବା ବେଳେ ବର୍ତ୍ତମାନ କଟକ ଚାନ୍ଦିମେଢ଼ର ସହର ପାଲଟିଛି। ଏତିକିରେ ଅଟକି ଯାଇନାହିଁ କଟକ। ଆଉ ଏକ ପାଦ ଆଗକୁ ଯାଇ ଇତିମଧ୍ୟରେ କଟକର ୯ଟି ପୂଜା ମଣ୍ଡପରେ ମା'ଦୁର୍ଗା ଓ ପାର୍ଶ୍ୱ ଦେବାଦେବୀଙ୍କ ଗଣେଶ, କାର୍ତ୍ତିକ, ସରସ୍ୱତୀ ଓ ଲକ୍ଷ୍ମୀ ମୁକୁଟ ସଙ୍ଗକୁ ଗହଣା ସବୁ ସୁନାରେ ଗଢ଼ା ହୋଇଛି। ସେହିପରି ଚୌଧୁରୀ ବଜାର, ଶେଖ ବଜାର ଓ ମଙ୍ଗଳାବାଗ ନିଜର ଦୁର୍ଗାମେଢ଼ ସୁନାର କରିବାକୁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ପ୍ରତି ବର୍ଷ ଦଶହରାରେ ବ୍ୟବହାର ହେଉଥିବା ସୁନା ମୁକୁଟ, ଅଳଙ୍କାର ଓ ମେଢ଼ରେ ବ୍ୟବହୃତ ସୁନାକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପୂଜା କମିଟିମାନେ ନିଜସ୍ୱ ଲକରରେ ସୁରକ୍ଷିତ କରି ରଖିଥାଆନ୍ତି। ଏଥିଲାଗି ଚବିଶ ଘଣ୍ଟିଆ ସୁରକ୍ଷାକର୍ମୀ, ସାଇରନ ଓ କ୍ୟାମେରା ଖଞ୍ଜା ଯାଇଛି। ଜନୈକ ପୂଜା କମିଟିର କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ 'ଭକ୍ତମାନେ ଏହିସବୁ ସୁନା ଦାନ କରିଛନ୍ତି। ମା'ଙ୍କ ସମ୍ପତ୍ତିର ସୁରକ୍ଷାରେ କେବେ ଆଞ୍ଚ ଆସିନି। କିଲୋ କିଲୋ ସୁନାଗହଣା ସବୁର ଇନ୍ସୁରାନ୍ସ କରିବା ସମ୍ଭବ ନୁହେଁ। ଏଥିପାଇଁ ଆଜି ସୁନାଚାନ୍ଦି ତାରକସି ସହର କଟକର ଦୁର୍ଗାପୂଜା ଭାରତରେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ଏଭଳି ଅଳଙ୍କାରପୂର୍ଣ୍ଣ ଦୁର୍ଗାମଣ୍ଡପ ଭାରତରେ ଅନ୍ୟତ୍ର ଦେଖିବାକୁ ମିଳେନାହିଁ।

ସେହିପରି ଆଧୁନିକତାକୁ ଆପଣାଉଥିବା ଦୁର୍ଗାପୂଜାର ଅନନ୍ୟ ଆକର୍ଷଣ ହେଉଛି ତୋରଣ ସାଜସଜ୍ଜା। ଆଜିକାଲି ପରିବେଶ ଅବକ୍ଷୟ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ବିପଦ ସଂକ୍ରାନ୍ତ ସଚେତନତା ସୃଷ୍ଟି ଲାଗି ତୋରଣ ନିର୍ମାଣ ହେଉଛି। ଏହିସବୁ ତୋରଣରେ ଝୋଟ, ବାଉଁଶ, କନା ଭଳି ସହଜରେ ମାଟିରେ ମିଶିପାରୁଥିବା ସାମଗ୍ରୀ ବ୍ୟବହାର କରାଯାଉଛି। ଦୁର୍ଗାପୂଜା ମାଧ୍ୟମରେ ସାମାଜିକ ସମସ୍ୟା ସମାଧାନ କରିବାର ସଚେତନତା ମନ୍ତ୍ର ଦିଆଯାଇଥାଏ।

କଟକ, ମୋ : ୯୪୩୭୦୦୪୪୬୬

# ଭାରତ, ସିନ୍ଧୁ ନଦୀ ଓ ପାକିସ୍ତାନ

**ଡା. ରାଜକିଶୋର ପଣ୍ଡା**

> ସିନ୍ଧୁଜଳ ସନ୍ଧିରୁ ହଟିବା ପାଇଁ ଭାରତର ଫଇସଲା ପରେ ପାକିସ୍ତାନର ନେତୃବୃନ୍ଦ ଓ ସାମରିକ କର୍ତ୍ତୃପକ୍ଷ ଏହି ବିବାଦକୁ ଦେଶର ଅସ୍ତିତ୍ୱ ପାଇଁ ବିପଦ ବୋଲି ଘୋଷଣା କରିଛନ୍ତି। ପୂର୍ବ ବିଦେଶ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ବୟାନ ଦେଇଛନ୍ତି କି, ଏହି ବିବାଦ କୌଣସି ଟେକ୍ନୋଲୋଜି ବିବାଦ ନୁହେଁ। ଏହା ମଧ୍ୟ କୌଣସି ହାଇଡ୍ରୋଲୋଜୀ ବା ପ୍ରଶାସନିକ ବିଳମ୍ୱ ଜନିତ ମାମଲା ନୁହେଁ ବରଂ ଏହା ଜଳକୁ ଅସ୍ତ୍ର ଭାବେ ବ୍ୟବହାର କରିବାର ପ୍ରକ୍ରିୟା ଅଟେ।

ନେଦରଲ୍ୟାଣ୍ଡର ହେଗ୍ ସ୍ଥିତ ସ୍ଥାୟୀ ମଧ୍ୟସ୍ଥତା ନ୍ୟାୟାଳୟ (ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍) ଏହା ମଧ୍ୟରେ ସିନ୍ଧୁ ଜଳ ବିବାଦ ଉପରେ ଏକ ନିଷ୍ପତ୍ତି ନେଇଅଛି ପାକିସ୍ତାନକୁ ସମର୍ଥନ କରି। ନିଜର ଫଇସଲାରେ ଏହି କୋର୍ଟ ପ୍ରକାଶ କରିଛି ଯେ, ଭୁ ବାତିଲ କରିପାରିବ ନାହିଁ। ଆହୁରି ଉକ୍ତ ନ୍ୟାୟାଳୟର ପାଞ୍ଚଜଣିଆ ଖଣ୍ଡପୀଠ ନିଜ ରାୟରେ ଉଲ୍ଲେଖ କରିଛନ୍ତି, ଯେ ଏହି ଚୁକ୍ତି ବର୍ତ୍ତମାନ ପରିସ୍ଥିତିରେ ସମ୍ପୂର୍ଣ୍ଣ ଭାବରେ ଲାଗୁ ରହିଛି ଓ ଏହାକୁ ନେଇ ଭାରତକୁ ନିଜର ଦାୟିତ୍ୱର ପାଳନ କରିବା ପାଇଁ ପଡ଼ିବ। ଏହି ଦାୟିତ୍ୱରେ ଅନ୍ତର୍ଭୁକ୍ତ ଅଛି ପାକିସ୍ତାନ ପଟକୁ ବହୁଥିବା ନଦୀଗୁଡ଼ିକରେ ଜଳବିଦ୍ୟୁତ୍ ପ୍ରକଳ୍ପର ପରିଚାଳନା। ୨୨ ଏପ୍ରିଲ ୨୦୨୫ ରେ ଜାମ୍ମୁ-କାଶ୍ମୀରର ପହେଲ୍‌ଗାମ୍‌ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଛବିଶଜଣ ନିର୍ଦ୍ଦୋଷ ଜନତା ପ୍ରାଣ ହରାଇଥିଲେ। ଆତଙ୍କବାଦୀମାନେ ଗୁଳି ମାରିବା ପୂର୍ବରୁ ମୃତକମାନଙ୍କୁ ସେମାନଙ୍କର ଧର୍ମ ପଚାରିଥିଲେ। ଏହି ନରସଂହାର ପରେ ଭାରତ ତରଫରୁ ବୟାନ ଜାରି କରାଯାଇଥିଲା କି ସିନ୍ଧୁଚୁକ୍ତିକୁ ସେହି ପର୍ଯ୍ୟନ୍ତ ବାତିଲ୍ କରାଯିବ, ଯେତେବେଳ ଯାଏଁ ପାକିସ୍ତାନ ସୀମାପାର ଆତଙ୍କବାଦ ଉପରେ ଅବିଶ୍ୱସନୀୟ ଓ ଅପରିବର୍ତ୍ତନୀୟ ପଦକ୍ଷେପ ନେଇନାହିଁ। ପାକିସ୍ତାନ ଦ୍ୱାରା ହେଗ୍‌ରେ ଅଣାଯାଇଥିବା ସିନ୍ଧୁଜଳ ଚୁକ୍ତି ମାମଲାରେ ଭାରତ ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍‌ର ଅଧିକାର ଓ ରାୟକୁ ମାନିବାକୁ ନାସ୍ତି କରିଦେଇଛି। ସିନ୍ଧୁଜଳ ଚୁକ୍ତି, ଭାରତ ଓ ପାକିସ୍ତାନ ମଧ୍ୟରେ କେବଳ ଏକ ଜଳ ବଣ୍ଟନ ଚୁକ୍ତି ନୁହେଁ। ଏହା ସେହି ସମୟର ସୃଷ୍ଟି ଯେତେବେଳେ ଦୁଇ ଦେଶ ମଧ୍ୟରେ ଗଭୀର ରାଜନୈତିକ ଓ ସୁରକ୍ଷା ସମ୍ପର୍କିତ ମତଭେଦ ଥିବା ସତ୍ତ୍ୱେ ଏଭଳି ଏକ ବିକଳ୍ପର ସନ୍ଧାନ ପାଇଁ ଉଦ୍ୟମ କରାଯାଇଥିଲା, ଯେଉଁଥିରେ ନଦୀର ପାଣିକୁ ଯୁଦ୍ଧରୁ ଅଲଗା ରଖାଯାଇପାରିବ କିନ୍ତୁ ସାତ ଦଶନ୍ଧିରୁ ଅଧିକ ସମୟ ପରେ ପରିସ୍ଥିତି ଏପରି ବଦଳି ଯାଇଛି କି, ଏହି ଚୁକ୍ତି ଏବେ କେବଳ ଜଳ ପରିଚାଳନାର ବିଷୟ ହୋଇ ରହିନାହିଁ। ଏହା ଭାରତର ସୁରକ୍ଷା, ସଂପ୍ରଭୁତା, ସୀମାପାର ଆତଙ୍କବାଦୀ କାର୍ଯ୍ୟକଳାପ ଓ ପରିବର୍ତ୍ତିତ ଭୂ-ରାଜନୈତିକ ସମୀକରଣ ସହ ମଧ୍ୟ ଜଡ଼ିତ ହୋଇଯାଇଛି।

ସିନ୍ଧୁଜଳ ଚୁକ୍ତି ୧୯୬୦ ରେ ଭାରତ ଓ ପାକିସ୍ତାନ ମଧ୍ୟରେ ବିଶ୍ୱବ୍ୟାଙ୍କ୍ ମଧ୍ୟସ୍ଥତାରେ ସ୍ୱାକ୍ଷରିତ ହୋଇଥିଲା। ଏହି ରାଜିନାମାରେ ସିନ୍ଧୁନଦୀ ପ୍ରଣାଳିର ଛଅ ପ୍ରମୁଖ ନଦୀରେ ଜଳ ଉପଯୋଗକୁ ନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି।

ଶତ୍‌ଲେଜ୍, ବ୍ୟାସ ଓ ରାବି ନଦୀର ଅଧିକାଂଶ ଜଳ ଭାରତର ବ୍ୟବହାର ନିମନ୍ତେ ନିର୍ଦ୍ଧାରିତ କରାଗଲା ଯେତେବେଳେ କି ସିନ୍ଧୁ, ଝେଲମ୍ ଓ ଚେନ୍ନାବର ପାଣିର ଉପଯୋଗରେ ପାକିସ୍ତାନକୁ ପ୍ରମୁଖତା ମିଳିଲା। ତତ୍କାଳୀନ ସମୟରେ ଏହି ଚୁକ୍ତିକୁ ଦୁଇ ଦେଶ ମଧ୍ୟରେ ସହଯୋଗ କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ଦୃଷ୍ଟାନ୍ତ ହିସାବରେ ନିଆଗଲା। ଭାରତ, ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେଲା, ସମ୍ପର୍କରେ ଉନ୍ନତି ଅବନ୍ନତି ଆସିଲା, ସୀମାରେ ଉତ୍ତେଜନା ମଧ୍ୟ ବଢ଼ିଲା କିନ୍ତୁ ସିନ୍ଧୁଚୁକ୍ତି ଦୀର୍ଘ ସମୟ ପର୍ଯ୍ୟନ୍ତ ଅବ୍ୟାହତ ରହିଲା। ଏହା ହିଁ ଏହି ଚୁକ୍ତିର ଏକ ବିଶେଷତ୍ୱ। କିନ୍ତୁ ଆଜି ଭାରତ ଏକ ଭିନ୍ନ ସନ୍ଦେଶ ଦେଉଛି କି କୌଣସି ଚୁକ୍ତିର ସ୍ଥିରତା କେବଳ ଏହି ପ୍ରସଙ୍ଗରେ ନିର୍ଣ୍ଣୟ କରାଯାଇପାରିବ ନାହିଁ ଯେ ଏହା କେତେ ବର୍ଷ ଧରି ଅସ୍ତିତ୍ୱରେ ଅଛି। ସମୟ ସହିତ ଯଦି ପରିସ୍ଥିତି ବଦଳିଯାଏ, ତେବେ ଚୁକ୍ତିର ବ୍ୟାଖ୍ୟା ଓ ଏହାର କ୍ରିୟାନ୍ୱୟନ ପ୍ରକ୍ରିୟା ଉପରେ ମଧ୍ୟ ନୂଆ ରୂପରେ ବିଚାର ହେବାର ଆବଶ୍ୟକତା ରହିଛି।

ପାକିସ୍ତାନରେ ଜଳବିଦ୍ୟୁତ୍ ଯୋଜନା ନିର୍ମାଣ କରୁଥିବା ଚୀନ ମଧ୍ୟ ଏହି ବିଷୟରେ ନୀରବତା ଅବଲମ୍ୱନ କରିଛି। ଚୀନ ମଧ୍ୟ ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍‌ର ଏକ ଐତିହାସିକ ରାୟକୁ ଅତୀତରେ ଖାରଜ କରିଥିଲା, ଯାହାକି ଦକ୍ଷିଣ ଚୀନ ସାଗର ବିବାଦ ଉପରେ ଫିଲିପାଇନସ୍ ସପକ୍ଷରେ ଆସିଥିଲା। ହେଗ୍ ସ୍ଥିତ ସ୍ଥାୟୀ ମଧ୍ୟସ୍ଥତା ନ୍ୟାୟାଳୟ ଭାରତ ପାଇଁ କିଛି ନୂଆ ନୁହେଁ। ପ୍ରତ୍ୟକ୍ଷ ବା ଅପ୍ରତ୍ୟକ୍ଷ ଭାବରେ ଆଜି ପର୍ଯ୍ୟନ୍ତ ଭାରତ ତିରିଶ୍ରୁ ଅଧିକ ଅନ୍ତର୍ଜାତିକ ମାମଲାରେ ଜଡ଼ିତ ରହିଛି।

ପ୍ରଶ୍ନ ଉଠୁଛି କି ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଯଦି ବି ପାକିସ୍ତାନ ସପକ୍ଷରେ ରାୟ ଦେଲା, ତେବେ ଏହାକୁ କାର୍ଯ୍ୟକାରୀ କେମିତି କରାଇବ? ଭାରତ କିଛି ଘଣ୍ଟାରେ ହିଁ ଏହି ନିଷ୍ପତ୍ତିକୁ ଖାରଜ କରିଦେଇଛି। ରୋଚକ କଥା ହେଉଛି କି, ୧ ସେପ୍ଟେମ୍ୱର ୨୦୨୬ ରେ କିରଗିଜସ୍ଥାନର ବିଶକେକ୍‌ଠାରେ ଅନୁଷ୍ଠିତ ହୋଇଥିବା ଛବିଶତମ ସାଂଘାଇ ସହଯୋଗ ସଙ୍ଗଠନ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ପାକିସ୍ତାନ ପ୍ରତିପକ୍ଷ ଶେହେବାଜ୍ ସରିଫ୍ ଗୋଟିଏ ମଞ୍ଚରେ ଉପସ୍ଥିତ ଥିଲେ ମଧ୍ୟ ଦୁଇଜଣଙ୍କ ମଧ୍ୟରେ କୌଣସି ପ୍ରକାର ବାର୍ତ୍ତାଳାପ ହେଲା ନାହିଁ (ସିନ୍ଧୁ ଚୁକ୍ତିକୁ ନେଇ ମଧ୍ୟ)।

ଇସ୍‌ଲାମାବାଦରେ ରହୁଥିବା ହାଇଡ୍ରୋଲୋଜି ଓ ଜଳ ପ୍ରବନ୍ଧନ ବିଶେଷଜ୍ଞ "ହସନ୍ ଆବାସ୍"ଙ୍କ ମତାନୁସାରେ ଚୁକ୍ତି ବାତିଲ ହେବା ଯୋଗୁଁ ପାକିସ୍ତାନ ପାଇଁ ତତ୍‌କ୍ଷଣାତ୍ କୌଣସି ବିପଦ ନାହିଁ। ସେ କହିଛନ୍ତି, "ମୋତେ ଲାଗୁନାହିଁ ଏବେ କିଛି ବଡ଼ ବିପଦ ଅଛି। ପଶ୍ଚିମା ନଦୀଗୁଡ଼ିକ ପାକିସ୍ତାନ ପାଇଁ ସୁରକ୍ଷିତ ହେବାର ପ୍ରମୁଖ କାରଣ ହେଉଛି ଏଗୁଡ଼ିକର ଭୌଗୋଳିକ ସ୍ଥିତି। ଭୌଗୋଳିକ ସ୍ଥିତି ତୁଳନାରେ କୌଣସି ଚୁକ୍ତିର ଅବଦାନ ଏଥିରେ ଗୌଣ।" ହସନ ଆବାସ କହିଛନ୍ତି କି, "ଚେନାବ୍ ନଦୀ ଉପରେ ଭାରତର ଜଳ ସଂରକ୍ଷଣ କ୍ଷମତା ପ୍ରାୟ ଏକ ମିଲିଅନ ଏକର ଫୁଟ ଅଟେ, ଯାହାକି ପାକିସ୍ତାନର ଜଳସେଚନ ଆବଶ୍ୟକତା ତୁଳନାରେ ଅତ୍ୟନ୍ତ କମ୍। ଯଦି ଭାରତ ପାକିସ୍ତାନ ପଟକୁ ପାଣି ନ ଛାଡ଼ିବ ତାହାହେଲେ ସେ ନିଜେ ହିଁ ବନ୍ୟାର କବଳିତ ହେବ।" ଆହୁରି ଆବାସ କହିଛନ୍ତି, "ଭାରତର ଜଳଭଣ୍ଡାର ଗୁଡ଼ିକ ରନ୍ ଅଫ୍ ରିଭର୍ ହାଇଡ୍ରୋ ପାୱାର ପ୍ଲାଣ୍ଟ ଅଟେ, ଯେଉଁଥିରେ ପାଣିକୁ ଗଚ୍ଛିତ କରି ରଖିବା ପାଇଁ ସ୍ଥାନ କମ୍ ଥାଏ। ତେଣୁ ଥରେ ଜଳାଶୟ ପୂର୍ଣ୍ଣ ହୋଇଗଲେ ଭାରତ ପାଖରେ ପାକିସ୍ତାନ ପଟକୁ ପାଣି ନିଷ୍କାସନ କରିବା ଛଡ଼ା ଆଉ କୌଣସି ଉପାୟ ନାହିଁ। ପାକିସ୍ତାନରେ ସିନ୍ଧୁ ନଦୀର ମୁଖ୍ୟ ଧାରାରେ ବର୍ତ୍ତମାନ ଅନେକଗୁଡ଼ିକ ଜଳବିଦ୍ୟୁତ୍ ଯୋଜନା ନିର୍ମାଣାଧୀନ ଅଛି।" ଏଥି ମଧ୍ୟରୁ "ଦାସୁ" ଓ "ଦିଆମେର ଭାଶା" ହେଉଛନ୍ତି ବୃହତ୍ ପ୍ରକଳ୍ପ। ଦାସୁ ଜଳବିଦ୍ୟୁତ୍ ଯୋଜନା ଖାଇବର ପାକ୍‌ତୁନ୍‌ଖ୍ୱା ପ୍ରାନ୍ତରେ ସିନ୍ଧୁ ନଦୀରେ ନିର୍ମାଣ କରାଯାଉଥିବା ଏକ ବୃହତ୍ ପ୍ରକଳ୍ପ ଯାହା ୨୦୨୭ ରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି।

ସେହିପରି ଦିଆମେର ଭାଶା ଯୋଜନା ଗିଲଗିଟ୍ ବାଲଟିସ୍ତାନ ଓ ଖାଇବର ପାକ୍‌ତୁନ୍‌ଖ୍ୱା ସୀମାରେ ସିନ୍ଧୁ ନଦୀରେ ନିର୍ମିତ ହେଉଥିବା ୨୭୨ ମିଟର ଉଚ୍ଚ ବିଦ୍ୟୁତ୍ ଓ ଜଳସେଚନ ଯୋଜନା ଅଟେ। ଏହା ଛଡ଼ା ସିନ୍ଧୁ ନଦୀ ବେସିନ ଓ ଏହାର ସହାୟକ ନଦୀମାନଙ୍କରେ ଆହୁରି ଛୋଟ ବଡ଼ ଜଳବିଦ୍ୟୁତ୍ ଓ ଜଳସେଚନ ପ୍ରକଳ୍ପ ନିର୍ମାଣାଧୀନ ଅଛନ୍ତି। ପାକିସ୍ତାନ ନିକଟରେ ପାଣିର ଅଭାବ ଅଛି କିନ୍ତୁ ଜଣାପଡୁନାହିଁ ଏତେ ଜଳବିଦ୍ୟୁତ୍ ଯୋଜନା କାହା ଭରସାରେ ନିର୍ମାଣ କରାଯାଉଛି।

ସିନ୍ଧୁଜଳ ସନ୍ଧିରୁ ହଟିବା ପାଇଁ ଭାରତର ଫଇସଲା ପରେ ପାକିସ୍ତାନର ନେତୃବୃନ୍ଦ ଓ ସାମରିକ କର୍ତ୍ତୃପକ୍ଷ ଏହି ବିବାଦକୁ ଦେଶର ଅସ୍ତିତ୍ୱ ପାଇଁ ବିପଦ ବୋଲି ଘୋଷଣା କରିଛନ୍ତି। ପୂର୍ବ ବିଦେଶ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ବୟାନ ଦେଇଛନ୍ତି କି, ଏହି ବିବାଦ କୌଣସି ଟେକ୍ନୋଲୋଜି ବିବାଦ ନୁହେଁ। ଏହା ମଧ୍ୟ କୌଣସି ହାଇଡ୍ରୋଲୋଜୀ ବା ପ୍ରଶାସନିକ ବିଳମ୍ୱ ଜନିତ ମାମଲା ନୁହେଁ ବରଂ ଏହା ଜଳକୁ ଅସ୍ତ୍ର ଭାବେ ବ୍ୟବହାର କରିବାର ପ୍ରକ୍ରିୟା ଅଟେ।

ପାକିସ୍ତାନ ଡେରିରେ ବୁଝିଲା କି ଭାରତ ତା' ବିରୋଧରେ ୱାଟର ବମ୍‌ର ବ୍ୟବହାର କରିଛି। ଏହା ମଧ୍ୟରେ ଲଦାଖରୁ ଯେଉଁ ଖବର ଆସିଛି, ତାହା ଯଦି ଠିକ୍‌ରେ ପାଳନ କରାଯିବ, ପାକିସ୍ତାନରେ ପାଣି ଟୋପାଏ ପାଇଁ ହାହାକାର ଖେଳିଯିବ। ଲଦାଖ୍ ପ୍ରଶାସନ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛନ୍ତି, ସିନ୍ଧୁ ନଦୀରେ ଏକା ଥରକେ ୩୬ ଟି ଡ୍ୟାମ୍‌ର ଜାଲ ବିଛାଇବା ପାଇଁ। ସେହି ପାଣି ଯାହା ଏ ପର୍ଯ୍ୟନ୍ତ ଦାନ ସୂତ୍ରରେ ସୀମା ଅତିକ୍ରମ କରୁଥିଲା ବର୍ତ୍ତମାନ ଭାରତର ଅନୁର୍ବର ମାଟିରୁ ସୁନା ଉପୁଜାଇବ। ଏଥିରେ ମାତ୍ର ୫୬ କୋଟି ଖର୍ଚ୍ଚ ହେବ ବୋଲି ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରସ୍ତାବକୁ ଲାଦାଖର ଏଲ.ଜି. ବିନୟ କୁମାର ସାକ୍‌ସେନା ଜଳଶକ୍ତି ମନ୍ତ୍ରାଳୟକୁ ବର୍ତ୍ତମାନ ପଠାଇଛନ୍ତି। ଏହି ପ୍ରସ୍ତାବ ଅନୁଯାୟୀ ପ୍ରଥମ ପଦକ୍ଷେପ ସ୍ୱରୂପ ଲେହ୍‌ରେ ସାତୋଟି ଡ୍ୟାମ୍ ତିଆରି କରାଯିବ। ଏହା ହେବ ସିନ୍ଧୁ ନଦୀ ଉପରେ। ଦ୍ୱିତୀୟ ପଦକ୍ଷେପ ସ୍ୱରୂପ କାରଗିଲ୍‌ରେ ୨୯ ଡ୍ୟାମ୍। ଏହା ହେବ ସୁରୁ ନଦୀ ଉପରେ, ଯାହାକି ସିନ୍ଧୁର ସବୁଠାରୁ ଶକ୍ତିଶାଳୀ ଶାଖା ନଦୀ ମଧ୍ୟରେ ଅନ୍ୟତମ। ନୂଆଦିଲ୍ଲୀ କେବେ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରିବ, ତାହା ଦେଖିବାକୁ ବାକି ରହିଲା। ପାକିସ୍ତାନ ଦୀର୍ଘ ସମୟରୁ ସିନ୍ଧୁ ଚୁକ୍ତିକୁ ଭାରତ ସହ ନିଜର ଜଳ ସମ୍ବନ୍ଧରେ ସୁରକ୍ଷା କବଚ ଭାବେ ଦେଖିଆସିଛି। ପାକିସ୍ତାନ ପାଇଁ ସିନ୍ଧୁ ନଦୀ କୃଷି, ଖାଦ୍ୟ ସୁରକ୍ଷା, ବିଦ୍ୟୁତ୍ ଉତ୍ପାଦନ ଓ ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ ଭଳି ଅଟେ, ତେଣୁ ଭାରତ ତରଫରୁ ସନ୍ଧିକୁ ନେଇ ଗ୍ରହଣ କରାଯାଇଥିବା କଠୋର ଆଭିମୁଖ୍ୟ ଇସଲାମାବାଦ୍‌ରେ ସ୍ୱାଭାବିକ ଭାବରେ ଚିନ୍ତା ସୃଷ୍ଟି କରିଛି। ଭାରତ ଦୃଷ୍ଟିକୋଣରୁ ପ୍ରଶ୍ନ ହେଉଛି କି, ପାଣି ପାଇଁ ସହଯୋଗର ଅପେକ୍ଷା କ'ଣ ସେହି ସମୟରେ ମଧ୍ୟ କରାଯାଇପାରିବ, ଯେତେବେଳେ କି ସୀମାରେ ଆତଙ୍କବାଦର ବିବାଦ ଜାରି ରହିଥିବ? ଭାରତ ଏହି ବିରୋଧାଭାସକୁ ନିଜର ନୀତିର ଆଧାର କରିଛି। ଗୋଟିଏ ପଟେ ଆତଙ୍କବାଦକୁ ଭାରତ ବିରୋଧରେ ବ୍ୟବହାର କରିବା ଓ ଅନ୍ୟ ପଟେ ଜଳ ସମ୍ବନ୍ଧକୁ ସାମାନ୍ୟ ଦ୍ୱିପାକ୍ଷୀୟ ସମ୍ବନ୍ଧରୁ ଅଲଗା ରଖିବାର ଆଶା କରିବା, ଏହା କେବେ କି ଗ୍ରହଣୀୟ ନୁହେଁ।

ଭାରତ, ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଉଛି କି, ରକ୍ତ ଓ ଜଳ କଦାପି ଏକା ସାଙ୍ଗରେ ବହମାନ ହୋଇପାରିବେ ନାହିଁ।

ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋ- ୮୧୪୪୦୪୨୯୯୭

# ଜୀବନ ଠାରୁ ବଡ଼ ନୁହେଁ ଡିଜେର ଧ୍ୱନି

**ସୌଭାଗ୍ୟ ରଂଜନ ମହାନ୍ତି**

> ଅନେକ ସମୟରେ ଅତ୍ୟଧିକ ଧ୍ୱନି ସହ ଯାନବାହନର ଅନିୟନ୍ତ୍ରିତ ଚଳାଚଳ, ରାସ୍ତା ଅବରୋଧ ଓ ଅସୁରକ୍ଷିତ ଭିଡ ଯୋଡିଯାଏ। ତାହାର ପରିଣାମ ଦୁର୍ଘଟଣାର ଆଶଙ୍କା ବଢାଏ। ଏକ ମୁହୂର୍ତ୍ତର ଅସାବଧାନତା ଜଣେ ପରିବାରର ସମଗ୍ର ଜୀବନକୁ ଅନ୍ଧକାର କରିପାରେ। ଆମେ ଘଟଣା ଘଟିବା ପରେ ଶୋକ ପ୍ରକାଶ କରୁ, ପରିବାରକୁ ସାନ୍ତ୍ୱନା ଦେଉ, କିଛିଦିନ ଚର୍ଚ୍ଚା କରୁ ଏବଂ ପରେ ସବୁ ଭୁଲିଯାଉ। ଏହି ଚକ୍ର କେବେ ଭାଙ୍ଗିବ? ଜୀବନ ହରାଇବା ପରେ କାର୍ଯ୍ୟାନୁଷ୍ଠାନ ନେବା ଠାରୁ ଜୀବନ ହରାଇବା ପୂର୍ବରୁ ନିୟମ ପାଳନ କରାଇବା ଅଧିକ ଜରୁରୀ। ପ୍ରଶାସନକୁ ମଧ୍ୟ ଏଠାରେ କଠୋର ହେବାକୁ ପଡିବ। ଅନୁମତି ଯେଉଁଠାରେ ଆବଶ୍ୟକ, ସେଠାରେ ଅନୁମତି ବିନା ଉଚ୍ଚଧ୍ୱନିରେ ବାଦ୍ୟ ବଜାଇବା ବନ୍ଦ ଦରକାର। ନିୟମ ଭାଙ୍ଗିଲେ ଆଇନ ଅନୁଯାୟୀ ଦଣ୍ଡ ହେବା ଦରକାର।

ଉତ୍ସବ ହେଉ, ଆନନ୍ଦ ହେଉ, ବିଜୟ ଉତ୍ସବ ହେଉ କି ବିବାହ ଶୋଭାଯାତ୍ରା -ମଣିଷ ଖୁସି ପାଳନ କରିବ, ଏହା ସ୍ୱାଭାବିକ, କିନ୍ତୁ କାହାର ଖୁସି ଯଦି ଅନ୍ୟ ଜଣଙ୍କ ଜୀବନରେ ଯନ୍ତ୍ରଣା, ରୋଗ, ନିଦ୍ରାହୀନତା, ଭୟ କିମ୍ବା ମୃତ୍ୟୁର କାରଣ ହୁଏ, ତେବେ ସେହି ଖୁସିକୁ ଉତ୍ସବ କୁହାଯାଇପାରିବ କି ? ଆଜି ଓଡ଼ିଶାର ଅନେକ ସ୍ଥାନରେ ଉଚ୍ଚଶବ୍ଦରେ ଡିଜେ ବଜାଇବା ଏକ ଏପରି ସାମାଜିକ ସମସ୍ୟାର ରୂପ ନେଉଛି, ଯାହାକୁ କେବଳ ମନୋରଞ୍ଜନର ପ୍ରଶ୍ନ ଭାବେ ଦେଖିଲେ ଚାଲିବ ନାହିଁ। ଏହା ମଣିଷର ଶାନ୍ତି, ସ୍ୱାସ୍ଥ୍ୟ, ନିରାପତ୍ତା ଓ ଜୀବନର ଅଧିକାର ସହ ଜଡିତ ପ୍ରଶ୍ନ। ଭାରତୀୟ ସମ୍ବିଧାନ ପ୍ରତ୍ୟେକ ମଣିଷକୁ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ଦେଇଛି। ଏହି ଜୀବନ କେବଳ ଶ୍ୱାସ ନେବାର ନାମ ନୁହେଁ, ମର୍ଯ୍ୟାଦା, ଶାନ୍ତି ଓ ସୁସ୍ଥ ପରିବେଶରେ ବଂଚିବା ମଧ୍ୟ ଏହାର ଅଂଶ। ତେଣୁ କାହାର ଉତ୍ସବର ଶବ୍ଦ ଯଦି ଅନ୍ୟ ଜଣଙ୍କ ଘରର ଶିଶୁର ନିଦ୍ରା ଛଡାଇଦିଏ, ବୃଦ୍ଧଙ୍କ ରାତିକୁ ଯନ୍ତ୍ରଣାମୟ କରେ, ଅସୁସ୍ଥ ବ୍ୟକ୍ତିଙ୍କ କଷ୍ଟ ବଢାଏ ଛାତ୍ରଛାତ୍ରୀଙ୍କ ପଢାଶୁଣା ନଷ୍ଟ କିମ୍ବା ରାସ୍ତାରେ ଯାତାୟାତକୁ ବିପଦପୂର୍ଣ୍ଣ କରେ, ତେବେ ସେହି ଶବ୍ଦ ବିରୋଧରେ ପ୍ରଶ୍ନ ଉଠିବା ଦରକାର। ଆଜି ସବୁଠାରୁ ବଡ ପ୍ରଶ୍ନ ହେଉଛି - ଆମେ କାହିଁକି ଆନନ୍ଦ ପାଇଁ ଅନ୍ୟର ଅଧିକାରକୁ ଦଳିଦେବା ? ଧର୍ମୀୟ କାର୍ଯ୍ୟକ୍ରମ ହେଉ, ବିବାହ ହେଉ, ପୂଜା ହେଉ, ବିଜୟ ଉତ୍ସବ ହେଉ କି ଅନ୍ୟ କୌଣସି ସାମାଜିକ ଆୟୋଜନ-କୌଣସି ଉତ୍ସବ ମଣିଷର ଜୀବନଠାରୁ ବଡ ହୋଇପାରେ ନାହିଁ। ଡିଜେର ଅତ୍ୟଧିକ ଧ୍ୱନିକୁ ନେଇ ଅଭିଯୋଗ ନୂଆ ନୁହେଁ। କିନ୍ତୁ ସମସ୍ୟା ତେବେ ଗୁରୁତର ହୁଏ, ଯେତେବେଳେ ଅଭିଯୋଗ ପରେ ମଧ୍ୟ ଧ୍ୱନି କମେ ନାହିଁ, ନିୟମ ଭାଙ୍ଗିବା ବନ୍ଦ ହୁଏ ଏବଂ ଦାୟିତ୍ୱଶୀଳ ସଂସ୍ଥାମାନଙ୍କ ଉପସ୍ଥିତି ଥିଲେ ମଧ୍ୟ ନିୟମର ପ୍ରଭାବୀ ପ୍ରୟୋଗ ଦେଖାଯାଏ ନାହିଁ। ଆଇନ ଯଦି କାଗଜରେ ରହିଯାଏ ଏବଂ ରାସ୍ତାରେ ତାହାର ପ୍ରଭାବ ଦେଖାଯାଏ ନାହିଁ, ତେବେ ଆଇନ ପ୍ରତି ଲୋକଙ୍କ ବିଶ୍ୱାସ କିପରି ରହିବ? ଏଠାରେ କେବଳ ଡିଜେ ଚାଳକଙ୍କ ଦାୟିତ୍ୱ ନୁହେଁ, ଆୟୋଜକ, ଶୋଭାଯାତ୍ରାର ଦାୟିତ୍ୱରେ ଥିବା ବ୍ୟକ୍ତି, ସ୍ଥାନୀୟ ପ୍ରଶାସନ, ପୁଲିସ ଏବଂ ସମାଜ-ସମସ୍ତଙ୍କର ଦାୟିତ୍ୱ ରହିଛି। ଶବ୍ଦର ସୀମା ଅଛି, ସମୟର ସୀମା ଅଛି, ସ୍ଥାନର ସୀମା ଅଛି। ଏହି ସୀମାକୁ ଅଣଦେଖା କରି ରାତି ଗଭୀର ପର୍ଯ୍ୟନ୍ତ ଉଚ୍ଚଶବ୍ଦରେ ବାଦ୍ୟ ବଜାଇବାକୁ ଯଦି ସାଧାରଣ ଘଟଣା ବୋଲି ମାନିନିଆଯାଏ ତେବେ ଆମେ ଧୀରେ ଧୀରେ ଏପରି ସମାଜ ଗଢୁଛୁ, ଯେଉଁଠାରେ ଅନ୍ୟର ଅସୁବିଧା ପ୍ରତି ଆମର ସମ୍ବେଦନା ଶେଷ ହୋଇଯାଉଛି। ଏହାଠାରୁ ବଡ ବିପଦ ଆଉ କ'ଣ ହୋଇପାରେ? ଜଣେ ମାଆ ନିଜ ଅସୁସ୍ଥ ଶିଶୁକୁ ନେଇ ରାତିରେ ଶାନ୍ତି ଖୋଜୁଥିବା ବେଳେ ବାହାରେ ଅବିରତ ଗର୍ଜନ କରୁଥିବା ଧ୍ୱନି ଶୁଣିବାକୁ ବାଧ ହେଲେ, ତାଙ୍କ କଷ୍ଟକୁ ଆମେ କେଉଁ ଉତ୍ସବର ନାମ ଦେବୁ ? ଜଣେ ବୃଦ୍ଧ ରାତିରେ ନିଦ୍ରା ପାଇପାରୁନଥିଲେ, ଜଣେ ଛାତ୍ର ପରୀକ୍ଷା ପାଇଁ ପଢିପାରୁନଥିଲେ, ଜଣେ ରୋଗୀ ଚିକିତ୍ସା ପରେ ବିଶ୍ରାମ ପାଇପାରୁନଥିଲେ-ଏମାନଙ୍କ ଅଧିକାର କ'ଣ କମ୍ ନୁହେଁ। ଆନନ୍ଦର ଅଧିକାର ଯେପରି ଅଛି, ଶାନ୍ତିରେ ବଂଚିବାର ଅଧିକାର ମଧ୍ୟ ସେପରି ଅଛି। ତେଣୁ ଉତ୍ସବ ଓ ଅଧିକାର ମଧ୍ୟରେ ସନ୍ତୁଳନ ରଖିବା ସଭ୍ୟ ସମାଜର ପରିଚୟ। ସବୁଠାରୁ ଚିନ୍ତାଜନକ ଦିଗ ହେଉଛି, ଅନେକ ସମୟରେ ଅତ୍ୟଧିକ ଶବ୍ଦ ସହ ଯାନବାହନର ଅନିୟନ୍ତ୍ରିତ ଚଳାଚଳ, ରାସ୍ତା ଅବରୋଧ ଓ ଅସୁରକ୍ଷିତ ଭିଡ ଯୋଡିଯାଏ। ତାହାର ପରିଣାମ ଦୁର୍ଘଟଣାର ଆଶଙ୍କା ବଢାଏ। ଏକ ମୁହୂର୍ତ୍ତର ଅସାବଧାନତା ଜଣେ ପରିବାରର ସମଗ୍ର ଜୀବନକୁ ଅନ୍ଧକାର କରିପାରେ। ଆମେ ଘଟଣା ଘଟିବା ପରେ ଶୋକ ପ୍ରକାଶ କରୁ, ପରିବାରକୁ ସାନ୍ତ୍ୱନା ଦେଉ, କିଛିଦିନ ଚର୍ଚ୍ଚା କରୁ ଏବଂ ପରେ ସବୁ ଭୁଲିଯାଉ। ଏହି ଚକ୍ର କେବେ ଭାଙ୍ଗିବ? ଜୀବନ ହରାଇବା ପରେ କାର୍ଯ୍ୟାନୁଷ୍ଠାନ ନେବା ଠାରୁ ଜୀବନ ହରାଇବା ପୂର୍ବରୁ ନିୟମ ପାଳନ କରାଇବା ଅଧିକ ଜରୁରୀ। ପ୍ରଶାସନକୁ ମଧ୍ୟ ଏଠାରେ କଠୋର ହେବାକୁ ପଡିବ। ଅନୁମତି ଯେଉଁଠାରେ ଆବଶ୍ୟକ, ସେଠାରେ ଅନୁମତି ବିନା ଉଚ୍ଚଶବ୍ଦରେ ବାଦ୍ୟ ବଜାଇବା ବନ୍ଦ ଦରକାର। ନିୟମ ଭାଙ୍ଗିଲେ ଆଇନ ଅନୁଯାୟୀ ଦଣ୍ଡ ହେବା ଦରକାର। ଏହି କଠୋରତା କୌଣସି ଉତ୍ସବ ବିରୋଧୀ ମନୋଭାବ ନୁହେଁ, ବରଂ ଜୀବନ ସୁରକ୍ଷା ପାଇଁ ଆବଶ୍ୟକ ଶୃଙ୍ଖଳା। ସମାଜକୁ ମଧ୍ୟ ବୁଝିବାକୁ ହେବ ଯେ ଶବ୍ଦ ଯେତେ ଅଧିକ, ଉତ୍ସବ ସେତେ ବଡ-ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ। ଉତ୍ସବର ମାନ ଧ୍ୱନିରେ ନୁହେଁ, ଆନନ୍ଦରେ, ଆନନ୍ଦର ମାନ ଅନ୍ୟକୁ କଷ୍ଟ ଦେବାରେ ନୁହେଁ, ସମସ୍ତଙ୍କୁ ସାମିଲ କରିବାରେ ଯେଉଁ ଉତ୍ସବାରୁ ଜଣେ ରୋଗୀ କାନ୍ଦନ୍ତି, ଜଣେ ଶିଶୁ ଭୟଭୀତ ହୁଏ, ଜଣେ ବୃଦ୍ଧ ରାତିସାରା ଜାଗନ୍ତି କିମ୍ବା କାହାର ଜୀବନ ବିପଦରେ ପଡେ, ସେଠାରେ ଆମକୁ ନିଜକୁ ପଚାରିବାକୁ ହେବ – ଏହା କି ସତରେ ଉତ୍ସବ? ଆଜି ଆବଶ୍ୟକ ଏକ ସ୍ପଷ୍ଟ ସାମାଜିକ ସନ୍ଦେଶ- ଜୀବନ ପ୍ରଥମ, ଉତ୍ସବ ପରେ। ମଣିଷ ପ୍ରଥମ, ଶବ୍ଦ ପରେ। ଅଧିକାର ପ୍ରଥମ, ଅସାବଧାନ ମନୋରଞ୍ଜନ ପରେ। ଏହି ସରଳ ସତ୍ୟକୁ ଯଦି ଆମେ ଗ୍ରହଣ କରିପାରୁନାହୁଁ, ତେବେ ଆମର ବିକାଶ, ଆମର ଶିକ୍ଷା ଓ ଆମର ସଭ୍ୟତା ଉପରେ ପ୍ରଶ୍ନ ଉଠିବ। ଡିଜେ ଯନ୍ତ୍ର ନିଜେ ଅପରାଧୀ ନୁହେଁ, ତାହାର ଅନିୟନ୍ତ୍ରିତ ଓ ନିୟମବିରୋଧୀ ବ୍ୟବହାର ହିଁ ସମସ୍ୟା। ତେଣୁ ନିଷେଧର ନାମରେ ସମସ୍ତ ଆନନ୍ଦକୁ ବନ୍ଦ କରିବା ନୁହେଁ, ନିୟମର ସୀମାରେ ଆନନ୍ଦକୁ ରଖିବା ହିଁ ସାବଧାନ। ଅଭିଭାବକମାନେ ନିଜ ସନ୍ତାନକୁ ବୁଝାନ୍ତୁ, ଆୟୋଜକମାନେ ନିଜ ଦାୟିତ୍ୱ ବୁଝନ୍ତୁ ଯୁବମାନେ ଉତ୍ସାହ ସହିତ ଦାୟିତ୍ୱ ଦେଖାନ୍ତୁ ଏବଂ ପ୍ରଶାସନ ନିୟମକୁ ନିର୍ବିକାର ଭାବରେ ପ୍ରୟୋଗ କରୁ। କୌଣସି ଦଳ, ସଂଗଠନ, ପ୍ରଭାବଶାଳୀ ବ୍ୟକ୍ତି କିମ୍ବା ଆୟୋଜକ ପାଇଁ ନିୟମ ଅଲଗା ହେବା ଉଚିତ ନୁହେଁ। ଆଇନ ସମସ୍ତଙ୍କ ପାଇଁ ସମାନ-ଏହି ବିଶ୍ୱାସ ହିଁ ଶୃଙ୍ଖଳିତ ସମାଜର ମୂଳ ଆଧାର। ଶବ୍ଦ ପ୍ରଦୂଷଣକୁ ନେଇ ଅଭିଯୋଗ କରୁଥିବା ଲୋକଙ୍କୁ ମଧ୍ୟ ଅନାବଶ୍ୟକ ଭାବେ ଉତ୍ସବ ବିରୋଧୀ ବୋଲି ଚିହ୍ନିତ କରିବା ଠିକ୍ ନୁହେଁ। ସେମାନେ ନିଜ ଘର, ନିଜ ଶରୀର, ନିଜ ଶିଶୁ ଓ ନିଜ ଶାନ୍ତି ପାଇଁ କହୁଛନ୍ତି। ତାଙ୍କ ଅଭିଯୋଗ ଶୁଣିବା ମଧ୍ୟ ପ୍ରଶାସନର ଦାୟିତ୍ୱ। ଯେଉଁଠାରେ ନିୟମ ଉଲ୍ଲଂଘନ ହେଉଛି, ସେଠାରେ ତ୍ୱରିତ ଯାଞ୍ଚ, ଆବଶ୍ୟକ ମାପ, ଦାୟୀ ବ୍ୟକ୍ତିଙ୍କ ଚିହ୍ନଟ ଓ ଆଇନସମ୍ମତ ପଦକ୍ଷେପ ହେବା ଦରକାର। ଏହା ସହିତ ସ୍ଥାନୀୟ ସ୍ତରରେ ସଚେତନତା ଅଭିଯାନ ମଧ୍ୟ ଚାଲିବା ଦରକାର। କାରଣ କେବଳ ଦଣ୍ଡ ଦେଇ ସମାଜ ବଦଳେ ନାହିଁ, ଦାୟିତ୍ୱବୋଧ ଜାଗ୍ରତ କରିବା ମଧ୍ୟ ଆବଶ୍ୟକ। ଆମେ ଭୁଲିଯିବା ଉଚିତ ନୁହେଁ-ଏକ ଜୀବନ ଫେରାଇ ଆଣିହେବ ନାହିଁ। ଏକ ପରିବାରର ହସ ଥରେ ନିଭିଗଲେ କୌଣସି ଉତ୍ସବର ଧ୍ୱନି ତାହାକୁ ଫେରାଇପାରିବ ନାହିଁ। ତେଣୁ ଆଜି ଆମକୁ ନିଜ ମନରେ ଏକ ପ୍ରତିଜ୍ଞା କରିବାକୁ ହେବ- ଆମର ଆନନ୍ଦ କାହାର ଅଶ୍ରୁର କାରଣ ହେବ ନାହିଁ, ଆମର ଉତ୍ସବ କାହାର ଜୀବନକୁ ବିପଦରେ ପକାଇବ ନାହିଁ, ଆମର ଶବ୍ଦ କାହାର ଅଧିକାରକୁ ଦଳିଦେବ ନାହିଁ। ଓଡ଼ିଶାର ମାଟି ଉତ୍ସବର ମାଟି, କିନ୍ତୁ ଏହା ମାନବିକତାର ମାଟି ମଧ୍ୟ। ଏଠାରେ ଆନନ୍ଦ ରହୁ, ଢୋଲ ବାଜୁ, ସଙ୍ଗୀତ ହେଉ, ଉତ୍ସବ ହେଉ, କିନ୍ତୁ ସେହି ଆନନ୍ଦର ସୀମା ଯେଉଁଠାରେ ଅନ୍ୟର ଜୀବନ ଓ ଶାନ୍ତି ଆରମ୍ଭ ହୁଏ, ସେଠାରେ ଆମକୁ ଥମିବାକୁ ହେବ। କାରଣ ଜୀବନ ଥିଲେ ହିଁ ଉତ୍ସବ ଅଛି, ମଣିଷ ଥିଲେ ହିଁ ଆନନ୍ଦ ଅଛି, ପରିବାର ହସିଲେ ହିଁ ପର୍ବର ଅର୍ଥ ଅଛି। ତେଣୁ ଡିଜେର ଧ୍ୱନି ଯେତେ ଉଚ୍ଚ ହେଉନା କାହିଁକି, ତାହାଠାରୁ ଉଚ୍ଚ ହେବା ଦରକାର ମଣିଷର ଜୀବନ ପ୍ରତି ସମ୍ମାନ। ଆଜି ନିୟମ ମାନିବା, ଆସନ୍ତାକାଲୀ ଜୀବନ ବଂଚାଇବା। ଏହି ସନ୍ଦେଶ ଘରେ ଘରେ ପହଂଚୁ-ଜୀବନ ମୌଳିକ ଅଧିକାର, ଜୀବନଠାରୁ ବଡ କୌଣସି ଉତ୍ସବ ନୁହେଁ।

ମୋ -୯୪୩୭୯୯୪୩୭୯

06..10.2026.pmd 1 9/22/2026, 6:31 AM

# ପୂର୍ତ୍ତ ବିଭାଗ ରାସ୍ତା ଉପରେ ପାଚେରୀ

ଭାପୁର,୫।୧୦ (ନିପ୍ର); କଳାପଥର - ଭାପୁର ବାଇପାସ ପୂର୍ତ୍ତ ବିଭାଗ ରାସ୍ତା ଉପରେ ପାଚେରୀ,ଘଟଣା ଟି ମିଥ୍ୟା ଲାଗୁଥିଲେ ବି ସତ। ଘଟଣାରୁ ପ୍ରକାଶ,କଳାପଥର - ଭାପୁର ବାଇପାସ ରାସ୍ତା ଖଣ୍ଡପଡା ଓ ଗଣିଆ ବ୍ଲକର ମୁଖ୍ୟ ସଂଯୋଗକାରୀ ରାସ୍ତା ମାତ୍ର ଏହି ବାଇପାସ ରାସ୍ତା ଉପରେ ବର୍ତ୍ତମାନ ୪ ଫୁଟର ପଥର ପାଚେରୀ ନିର୍ମାଣ ହୋଇ ରାସ୍ତା ବନ୍ଦ ଛିଣ୍ଡାଇଦେଇଛନ୍ତି ହଜାର ଲୋକ ସବୁଦିନିଆ ଭୁବନେଶ୍ୱର




ବନ୍ଦ ହୋଇଥିବାରୁ ଉତ୍ତେଜନା ଦେଖାଦେଇଛି । ଭାପୁର - ଫତେଗଡ-କଳାପଥର ବଜାର ଦେଇ ଯିବାଆସିବା କରିବା ସମୟରେ କଳାପଥର ବଜାର ଗହଳିରେ ଫସି ଘଣ୍ଟାଘଣ୍ଟା ସମୟ ନଷ୍ଟ ହୋଇଥାଏ ଓ କଷ୍ଟ ପାଇଥାନ୍ତି। ସେଥିପାଇଁ ଭାପୁର କୋଦବେରେଣୀ ବାଇପାସକୁ ପ୍ରଶସ୍ତ ଓ ଉନ୍ନତ କରାଯାଇଛି। ବର୍ତ୍ତମାନ ଏହି ବାଇପାସ ରାସ୍ତାର କାଳିଗିରି ନଦୀର ପୋଲକୁ ଉଚ୍ଚା କରିବା ପାଇଁ ୧୫ କୋଟି ଟଙ୍କା ମଞ୍ଜୁର ହୋଇଛି ମାତ୍ର, ବାଇପାସ ରାସ୍ତାର ଶେଷ ସ୍ଥାନଟି କୋଦବେରେଣୀ ଗ୍ରାମ ଠାରେ ଜଣେ ବ୍ୟକ୍ତିଙ୍କ ମାଲିକାନା ଜମି ଉପରେ ଏହି ରାସ୍ତା ଯାଇଛି। ସେଥିପାଇଁ ସେ ଦୀର୍ଘ ବର୍ଷ ହେଲା ସେହି ଶହେ ଫୁଟ ରାସ୍ତା ଉପରେ ନିର୍ମାଣ କାର୍ଯ୍ୟ କରିବାକୁ ବିରୋଧ କରି ଆସୁଥିଲେ ଏବଂ କୋର୍ଟରେ କେସ ଚାଲିଥିଲା। କେସରେ ଜିତିବା ପରେ ଜମି ମାଲିକ ଉକ୍ତ ରାସ୍ତାର ଦୁଇ ପାଖେ ପ୍ରାଚୀର ନିର୍ମାଣ କରି ସେଠାରେ ଘର କାମ ମଧ୍ୟ ଆରମ୍ଭ କରିଛନ୍ତି। ୫୦ ବର୍ଷ ର ଏହି ବାଇପାସ ରାସ୍ତା ଟି ଭାପୁର ଓ ଖଣ୍ଡପଡା ବ୍ଲକର ଜନସାଧାରଣ ଙ୍କ ଜୀବନରେଖା ଥିଲା। ତୁରନ୍ତ ପ୍ରଶାସନିକ ଅଧିକାରୀ ମାନେ ଏହାର ସମାଧାନ କରି ବିକଳ୍ପ ପନ୍ଥା ବାହାର କରିବାକୁ ସାଧାରଣ ରେ ଦାବୀ ହୋଇଛି।

# ତିନି ବର୍ଷ ହେଲାଣି ମୃତ ଯୁବତୀଙ୍କ ପରିଚୟ ନୋହିଲା

ରମ୍ଭା,୫।୧୦ (ନିପ୍ର): ଏଯାବତ ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ମୃତ ଯୁବତୀଙ୍କ ପରିଚୟ ମିଳିନଥିବା ଖବର ମିଳିଛି । ୨୦୨୩ ମସିହା ଏପ୍ରିଲ ୬ ତାରିଖ ରେ ଜୈନେକ ଯୁବତୀଙ୍କ ମୃତ ଦେହ ରମ୍ଭା ଥାନା ଅନ୍ତର୍ଗତ ଆରଓବି ୧୬ନମ୍ବର ଜାତୀୟ ରାଜପଥ ନିକଟସ୍ଥ ରେଳ ଲାଇନ ପାର୍ଶ୍ୱ ରୁ ଉଦ୍ଧାର କରାଯାଇଥିଲା । ମୃତ ଯୁବତୀ ଙ୍କ ବୟସ ପ୍ରାୟ ୨୦ରୁ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଇଥିଲା। ମୃତକଙ୍କ ଉଚ୍ଚତା ପ୍ରାୟ ୫.୨‘ ହେବ ଜଣା ପଡିଥିଲା। ଭାଉଲେଟ ରଙ୍ଗର ଶାଢ଼ୀ ସବୁଜ ରଙ୍ଗର ସାୟା ପିନ୍ଧିଥିବା ଦେଖିବାକୁ ମିଳିଥିଲା । ସେ ସମୟରେ ବ୍ରହ୍ମପୁର ଜିଆରପି ପକ୍ଷରୁ ୫୮୫/୨୩ ରେ ଏକ ଅପମୃତ ମାମଲା ରୁଜୁ କରାଯାଇଥିଲା । ଏନେଇ ବିଭିନ୍ନ ଖବର କାଗଜରେ ଭିନ୍ନ ଭିନ୍ନ ନ୍ୟୁଜ ପ୍ରକାଶ ପାଇବା ସହ ବିଭିନ୍ନ ଥାନାକୁ ଅବଗତ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ମୃତ ଯୁବତୀଙ୍କ ପରିଚୟ ମିଳି ପାରିନାହିଁ । ପୁଣି ଥରେ ବିଭିନ୍ନ ଥାନାକୁ ଅବଗତ କରାଯାଇଥିବା ପୁଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି। କୌଣସି ସହ ଯୋଗ ବ୍ୟକ୍ତି ଫୋଟୋ ଚିତ୍ରର ସତ୍ୟତା ଜାଣନ୍ତି ତାହା ହେଲେ ଏ ସମ୍ପର୍କରେ ରମ୍ଭା ଥାନା ଅଧିକାରୀ କୁମର ମୁଦୁଲି ୬୩୭୨୩୮୧୯୭୧ ନମ୍ବରରେ ଯୋଗାଯୋଗ କରିବା ପାଇଁ ସୂଚନା ଦେଇଛନ୍ତି ।

# ପାର୍ବଣ ପୂର୍ବରୁ ରକ୍ତରଞ୍ଜିତ ବ୍ରହ୍ମପୁର ଗଳାକାଟି ଜଣଙ୍କୁ ହତ୍ୟା

ବ୍ରହ୍ମପୁର,୫।୧୦ (ନିପ୍ର): ପୁଣି ଅଶାନ୍ତ ବ୍ରହ୍ମପୁର,ପାର୍ବଣ ଆରମ୍ଭରୁ ଗଡ଼ିଲା ମୁଣ୍ଡ,ଜଣେ ମୃତ,ଜଣେ ଆହତ। ଶନିବାର ବିଳମ୍ବିତ ରାତ୍ରିରେ ପ୍ରଥମେ ଏକାଠି ମଦ୍ୟପାନ କଲେ,ପରେ ବଚସା ହେଲା ଏବଂ ତା’ପରେ ହାତାହାତି ସ୍ଥିତି ଏବଂ ପରିଶେଷରେ ହତ୍ୟା,ପୁଲିସକୁ ଅପରାଧୀଙ୍କ ଖୋଲା ଚାଲେଞ୍ଜ। ବ୍ରହ୍ମପୁର ଉପକଣ୍ଠ ନିମଖଣ୍ଡିରେ ଘଟିଛି ଏଭଳି ଜଘଣ୍ୟ ହତ୍ୟାକାଣ୍ଡ। କିଛି ଦିନର ବ୍ୟବଧାନ ପରେ ପୁଣି ଅଶାନ୍ତ ବ୍ରହ୍ମପୁର। ବ୍ରହ୍ମପୁର ନିକଟ ନିମଖଣ୍ଡି ଅଙ୍ଗନବାଡି ସମ୍ମୁଖ ବାରଣ୍ଡାରେ ଟୁନା, ବିଟୁ ସାହୁ ଓ ଅନ୍ୟ ଦୁହେଁ ଏକାଠି ହୋଇ ମଦ୍ୟ ପାନ କରୁଥିଲେ। ଟୁନା ଓ ବିଟୁଙ୍କ ମଧ୍ୟରେ ପାଟିତୁଣ୍ଡ ଓ ହାତାହାତି ପରେ ଏକ ଧାରୁଆ ଅସ୍ତ୍ରରେ ଟୁନାର ଗଳା କାଟିଦେଲା ବିଟୁ।ପାଖରେ ଥିବା ଅନ୍ୟ ଦୁହିଁଙ୍କ ମଧ୍ୟରେ ଜଣେ ଅଟକାଇବାକୁ ଯାଇ ଆହତ ହୋଇଛି। ରକ୍ତାକ୍ତ ଅବସ୍ଥାରେ ଟୁନା ସମ୍ପର୍କୀୟ ଭାଇଙ୍କ ଘରକୁ ଯାଇ ସାହାଯ୍ୟ ମାଗିଥିଲେ। ହେଲେ ସେମାନେ କିଛି ସାହାଯ୍ୟ କରିବା ପୂର୍ବରୁ ଟୁନାଙ୍କ ପ୍ରାଣବାୟୁ ଉଡିଯାଇଥିଲା। ଟୁନା ଭଉଣୀ ଘରେ ଶୋଇଥିବା ବେଳେ ତାଙ୍କୁ ଡାକି ନେଇ ଯୋଜନା ବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଖବର ପାଇ ନିମଖଣ୍ଡି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିବା ସହ ମୁଖ୍ୟ ଅଭିଯୁକ୍ତ ବିଟୁ ସାହୁଙ୍କୁ ରବିବାର ଗିରଫ କରିଛି । ପୂର୍ବ ଶତ୍ରୁତାରୁ ହତ୍ୟା ନା ଆଉ କିଛି କାରଣ ରହିଛି ସେ ନେଇ ଛାନଭିନ୍ ଚଳାଇଛି ନିମଖଣ୍ଡି ପୁଲିସ।

# ଦୁଇ ମାନସିକ ବିକୃତଙ୍କୁ ଥଇଥାନ

ରେଢ଼ାଖୋଲ,୫।୧୦ (ନିପ୍ର); ରେଢ଼ାଖୋଲ ବ୍ଲକ ବଡ଼ମାଳ ର ଯୁବ ସମାଜସେବୀ ଷଡ଼ାନନ ପ୍ରଧାନ ଆଜି ଦୁଇଜଣ ମାନସିକ ବିକୃତଙ୍କୁ ଥଇଥାନ କରିଛନ୍ତି। ସମାଜ ସେବୀ ସଂଗଠନ ପରିଚୟ ର ସଭାପତି ବିପିନ ବିହାରୀ ପଣ୍ଡା ସହ ସେ ଯୋଗାଯୋଗ କରି ସୁବର୍ଣ୍ଣପୁର ଜିଲ୍ଲା ସଦର ଅଂଚଳରୁ ଜଣେ ମାନସିକ ବିକୃତ ଯୁବକଙ୍କୁ ସେ ଉଦ୍ଧାର କରି ଛନ୍ତି। ଯୁବକ ଜଣକ ଏଣେତେଣେ ବୁଲୁଥିବା ବେଳେ ଅସଭ୍ୟ ଆଚରଣ କରୁଥିଲେ।ଏହା ସହ ଗୋଡ଼ଭଗା ନିକଟସ୍ଥ ସରଣ୍ଡା ବସ ଷ୍ଟାଣ୍ଡରେ ଦୀର୍ଘଦିନରୁ ଜଣେ ୫୫ ବର୍ଷୀୟ ଅପରିଚିତ ପାଗଳ ଦୟନୀୟ ଅବସ୍ଥା ରେ ରହୁଥିଲେ। ସେ ବସ ଷ୍ଟାଣ୍ଡ କୁ ଅପରିଷ୍କାର କରିବା ସହ ନିଜ ଘର କରି ରହୁଥିଲେ। କେବେଳ ଗାମୁଛା ଖଣ୍ଡେ ପିନ୍ଧି ଖୋଲା ଦେହ ରେ ଅତି ଦୟନୀୟ ଭାବେ ଦିନ କାଟୁଥିଲେ।ତାଙ୍କୁ ମଧ୍ୟ ଶ୍ରୀ ପ୍ରଧାନ ଗୋଶାଳା ର ସମାଜ ସେବୀ ଆଦି ନନ୍ଦ, ବିଶାଳ ମେହେର, ସୁରେନ୍ଦ୍ର ମହାପାତ୍ରଙ୍କ ସହାୟତା ରେ ଆଜି ଉଦ୍ଧାର କରିଥିଲେ। ଆଜି ଶ୍ରୀ ପ୍ରଧାନ ଉଭୟଙ୍କୁ ସୁନ୍ଦରଗଡ଼ ସ୍ଥିତ ‘ସଦଗୁରୁ କୃପା ଅପନା ଘର ’ ରେ ଥଇଥାନ କରିଛନ୍ତି। ଉତ୍ତମ ଚିକିତ୍ସା, ସୁଷମ ଖାଦ୍ୟ ସହ ସୁସ୍ଥ ପରିବେଶ ରେ ଉଭୟଙ୍କୁ ଥଇଥାନ କାରାଯାଇଥିବା ଷଡ଼ାନନ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି।

# ମା’ ଦକ୍ଷିଣକାଳୀଙ୍କ ଭୋଗମଣ୍ଡପ ନିର୍ମାଣରେ ଦୁର୍ନୀତି ଅଭିଯୋଗ
## ଭକ୍ତଙ୍କ ପାଇଁ ନା ଠିକାଦାରଙ୍କ ପକେଟ୍ ଗରମ ପାଇଁ ?

ରେଢ଼ାଖୋଲ,୫।୧୦ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଚାରମାଳ ଅଞ୍ଚଳର ଆରାଧ୍ୟ ଦେବୀ ମା’ ଦକ୍ଷିଣକାଳୀଙ୍କ ପୀଠରେ ଏବେ ମା’ଙ୍କ ଭୋଗମଣ୍ଡପ ନିର୍ମାଣକୁ ନେଇ ଚାଲିଛି ଆଶ୍ଚର୍ଯ୍ୟଜନକ କାଣ୍ଡ। ଭକ୍ତଙ୍କ ଦାନ ଓ ସରକାରୀ ପାଣ୍ଠିରେ ମା’ଙ୍କ ପାଇଁ ନିର୍ମାଣ ହେଉଥିବା ଭୋଗମଣ୍ଡପଟି ଶେଷରେ ଠିକାଦାରଙ୍କ ପାଇଁ ‘ଲାଭ ମଣ୍ଡପ’ ପାଲଟିଛି କି ବୋଲି ପ୍ରଶ୍ନ ଉଠିଛି। ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ହେଉଥିବା ଏହି କାମରେ ଏପରି ନିମ୍ନମାନର କାମ ହୋଇଛି ଯେ, ଦେଖିଲେ ଲାଗୁଛି ଯେପରି ଏହା ମା’ଙ୍କ ଭୋଗ ମଣ୍ଡପ ପାଇଁ ନୁହେଁ, ବରଂ ଦୁର୍ନୀତିର ଏକ ନୂଆ ମନ୍ଦିର ତିଆରି ହେଉଛି !

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ୧୦ ଲକ୍ଷ ଟଙ୍କାର ଏହି ପ୍ରକଳ୍ପରେ ଯେଉଁ ଇଷ୍ଟିମେଟ୍ ରେ କାମ ହେବା କଥା ତାହା ହୋଇନାହିଁ ତାହାଛଡା ଯେଉଁ ସବୁ ସାମଗ୍ରୀ ଓ ଡିଜାଇନ୍ ରହିବା କଥା, ତାହା ମଧ୍ୟ ହୋଇ ନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନିର୍ମାଣରେ ଆବଶ୍ୟକ ବିମ୍ ଓ କଲମ ଗାୟବ ଥିବାବେଳେ ମଣ୍ଡପ ର ଉଚ୍ଚତା ମଧ୍ୟ ଏପରି କମିଯାଇଛି ଯେ, ଭକ୍ତମାନେ ଭିତରକୁ ପଶିବାକୁ ହେଲେ ହୁଏତ ଅଳ୍ପ ବଙ୍କା ହୋଇ ଯିବାକୁ ପଡୁଛି । ଆଉ ଟାଇଲ୍ ପକାଇ ସୌନ୍ଦର୍ଯ୍ୟକରଣ



କରିବା ବଦଳରେ ଚଟାଣରେ ସିମେଣ୍ଟ ଢଳାଇ ମାରି କାମ ସାରିଦିଆଯାଇଛି। ତେଣୁ ନକ୍ସା କୁଆଡ଼େ ଗଲା ଏବଂ ଅନୁମୋଦିତ ଅର୍ଥ କେଉଁଆଡ଼େ ପଳାଇଲା, ତାହା ବର୍ତ୍ତମାନ ବଡ଼ ରହସ୍ୟ। ‘ଜେଇ ସାହେବ କହିଲେ କଣ ହେବ, ଆମେ ତ ପଇସା ହେରଫେର୍ କରିବାରେ ବ୍ୟସ୍ତ !’ ଚାରମାଳ ଅଞ୍ଚଳରେ ଏବେ ଏହି ଚର୍ଚ୍ଚା ଜୋର ଧରିଛି। କାରଣ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କାମ ଠିକ୍ ଭାବେ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ, ଠିକାଦାର ଏହାକୁ ଫୁଁ ମାରି ଉଡ଼ାଇ ଦେଇଛନ୍ତି। ପ୍ରଶାସନର ନିଦ କେବେ ଭାଙ୍ଗିବ ? ମା’ଙ୍କ ମନ୍ଦିର ପରିସରରେ ଏଭଳି ଚାଲିଥିବା ଖାମଖିଆଲି କାମକୁ ନେଇ ପୂଜକ, ସେବାୟତ ଏବଂ ସାଧାରଣ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସରକାରୀ ପାଣ୍ଠିର ଏଭଳି ଅମାନିଆ ବ୍ୟବହାର ଦେଖି ଲାଗୁଛି, ଏଠାରେ ଯାଞ୍ଚ ନୁହେଁ, ବରଂ ଏକ ଉଚ୍ଚସ୍ତରୀୟ ତଦନ୍ତ ମାଧ୍ୟମରେ ସତ୍ୟ ବାହାରକୁ ଆସିବା ଜରୁରୀ। ଯଦି ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନନିଏ, ତେବେ ଆଗାମୀ ଦିନରେ ରାଜ୍ ?ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ କଡ଼ା ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ପ୍ରଶ୍ନ ଉଠୁଛି—ଏହି ଦୁର୍ନୀତିର ପରଦା ପଛରେ କା’ର ହାତ ଅଛି ଏବଂ କେବେ ଖୋଲାଯିବ ଏହି ଅନିୟମିତତାର ଗୁମର ?

# ମିନି ଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କେବେ କାର୍ଯ୍ୟକ୍ଷମ ହେବ ?

କାଶୀନଗର,୫।୧୦(ନିପ୍ର):କାଶୀନଗର ବ୍ଲକ ଅନ୍ତର୍ଗତ କେ. ସୀତାପୁର ପଞ୍ଚାୟତ ଅଧୀନରେ ଥିବା ମିନି ଗାଁ ଠାରେ ନିର୍ମିତ ହୋଇଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଜି ଯାଏଁ ସମ୍ପୂର୍ଣ ହୋଇ ନ ଥିବାରୁ ପଞ୍ଚାୟତ ବାସୀଙ୍କୁ ଏକ ସାଧାରଣ ଚିକିତ୍ସା ନିମନ୍ତେ ବହୁ ଦୂର ଯିବାକୁ ପଡୁଛି। ଏବଂ ସ୍ୱାସ୍ଥ୍ୟ ସେବା ଏକ ମୌଳିକ ସେବା ପାଇବାରୁ ବଂଚିତ ହେଉଥିବା ହେତୁ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନା ମୁତାବକ ଦୀର୍ଘ ତିନି ବର୍ଷରୁ ଆରମ୍ଭ ହୋଇଥିବା ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଜି ଯାଏଁ ଅସମ୍ପୂର୍ଣ ଅବସ୍ଥାରେ ପଡି ରହିଥିବାରୁ ସେଠାରେ ବହୁ ଅସାମାଜିକ କାର୍ଯକଳାପ ମଧ୍ୟ ହେଉଥିବା କିଛି ଲୋକ ଅଭିଯୋଗ ଆଣିଛନ୍ତି। ଏହି ପରିପ୍ରେକ୍ଷୀରେ ସୀତାପୁର ସରପଞ୍ଚ କେ. ତେଜେଶ୍ୱର ରାଓଙ୍କ ଯୋଗାଯୋଗ କରିବାରୁ ସେ କହିଲେ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ହେଲେ ପଞ୍ଚାୟତର ପ୍ରାୟ ୫୦ ଖଣ୍ଡ ଗ୍ରାମର ଲୋକ ମାନେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପାଇ ପାରିବେ । ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ର କୋଠା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି। ରୋଗୀ ସେବା ସକାଶେ ଯେଉଁ ଅନୁସଙ୍ଗିକ ମେଡିକାଲ ଉପକରଣ ସବୁ ଦରକାର ତାହା ସରକାର ସ୍ତରରେ ତୁରନ୍ତ ଯୋଗେଇ ଦେଲେ ଏହି ସେବା କେନ୍ଦ୍ର କାର୍ଯକ୍ଷମ ହୋଇପାରିବ ଏବଂ ସାଧାରଣ ଲୋକ ମାନେ ସ୍ୱାସ୍ଥ୍ୟ ସେବା ପାଇ ପାରିବେ ବୋଲି କହି ଥିଲେ। ଏହି ପଞ୍ଚାୟତ ର ଲୋକ ମନେ ସାଧାରଣ ଚିକିତ୍ସା ନିମନ୍ତେ ଜିଲ୍ଲା ଚିକିତ୍ସାଳୟ ଉପରେ ନିର୍ଭର କରୁଥିବା ବେଳେ ଜରୁରୀକାଳୀନ ପରିସ୍ଥିତିରେ ସେମାନେଙ୍କୁ ଅସୁବିଧା ହେଉଥିବା ରୁ ଜିଲ୍ଲା ପ୍ରଶାସନ ନିକଟରେ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯକ୍ଷମ କରିବା ପାଇଁ ସରପଞ୍ଚଙ୍କ ସହ ପଞ୍ଚାୟତ ବାସୀ ଦାବି ଉପସ୍ଥାପନା କରିଛନ୍ତି।

# ବଡ଼ ଖମାରରେ ପିଏମଏସୱାଇ ସଡ଼କ ଯୋଜନାରେ ବ୍ୟାପକ ଦୁର୍ନୀତି
## ନୂଆ ପୋଲ ବଦଳରେ ଲାଗିଲା ପୁରୁଣା, ୮ବଦଳରେ ୫ ଇଞ୍ଚ କଂକ୍ରିଟ୍

ସୋନପୁର,୫।୧୦ (ନିପ୍ର): ବୀରମହାରାଜପୁର ବ୍ଲକ ବଡ଼ ଖମାର କାଳୀ ମଣ୍ଡପଠାରୁ କପା ମଣ୍ଡି ପର୍ଯ୍ୟନ୍ତ ପିଏମଏସୱାଇ ସଡ଼କ ଯୋଜନା ଅଧୀନରେ ନିର୍ମାଣ ହେଉଥିବା କଂକ୍ରିଟ୍ ରାସ୍ତା କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ଅର୍ଥର କିପରି ହରିଲୁଟ୍ କରାଯାଉଛି ଏବଂ ନିମ୍ନମାନର କାମ ହେଉଛି, ତାହାର ଏକ ଜ୍ୱଳନ୍ତ ଉଦାହରଣ ଏଠାରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଏହି ରାସ୍ତା କାମରେ ନୂଆ ପୋଲ ଦେବାର ବ୍ୟବସ୍ଥା ରହିଥିଲା। କିନ୍ତୁ ନିର୍ମାଣକାରୀ ସଂସ୍ଥା ବା ଠିକାଦାର ନୂଆ ପୋଲ ଦେବା ସ୍ଥାନରେ ଏକ ପୁରୁଣା ତଥା ଭଙ୍ଗା ପୋଲ (ହ୍ୟୁମ୍ ପାଇପ୍) ବ୍ୟବହାର କରିଛନ୍ତି। ସେହି ପୁରୁଣା ପୋଲ ଭିତରେ ପୂର୍ବରୁ ମାଟି ଓ ପଥର ଖଣ୍ଡ ପଡ଼ି ରହିଥିବା ସ୍ପଷ୍ଟ ଦେଖିବାକୁ ମିଳୁଛି। କେବଳ ପୋଲ ନୁହେଁ, କଂକ୍ରିଟ୍ କାମରେ ମଧ୍ୟ ବିରାଟ ଠକେଇ କରାଯାଇଛି। ନିୟମ ଅନୁଯାୟୀ ଏହି କଂକ୍ରିଟ୍‌ର ଚଉଡ଼ା (ମୋଟେଇ) ୮ ଇଞ୍ଚ ହେବା କଥା, କିନ୍ତୁ ବାସ୍ତବରେ ତାହା ମାତ୍ର ୫ ଇଞ୍ଚ କରାଯାଇଛି। ସ୍ଥାନୀୟ ଲୋକେ ଇଞ୍ଚି ଟେପ୍ ପକାଇ ମାପିବା ପରେ ଏହି ସତ୍ୟ ସାମ୍ନାକୁ ଆସିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି କଂକ୍ରିଟ୍ ନିର୍ମାଣରେ କୌଣସି ଲୁହା ଛଡ଼ର ମଧ୍ୟ ବ୍ୟବହାର କରାଯାଉନାହିଁ ବୋଲି ଅଭିଯୋଗ ହୋଇଛି। ବିନା ଲୁହା ଛଡ଼ରେ ଏବଂ ଏପରି ନିମ୍ନମାନର ସାମଗ୍ରୀ ବ୍ୟବହାର ଯୋଗୁଁ ଏହି ନିର୍ମାଣ କାର୍ଯ୍ୟ ବେଶି ଦିନ ତିଷ୍ଠିବ ନାହିଁ ଏବଂ ଅଳ୍ପ ଦିନରେ ଭାଙ୍ଗିଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ଖୋଲାଖୋଲି ଦୁର୍ନୀତି ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ନଦେବା ସନ୍ଦେହ ଘେରକୁ ଆସିଛି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ତୁରନ୍ତ ଏହି କାର୍ଯ୍ୟର ତଦନ୍ତ କରି ସମ୍ପୃକ୍ତ ଠିକାଦାର ଓ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ



ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଏନ୍. ଝାଲରସିଂରେ ପାନୀୟଜଳ ସଙ୍କଟ, ପାଣି ନାହିଁ ତ ଭୋଟ ନାହିଁ

ପାରଳାଖେମୁଣ୍ଡି ,୫।୧୦ (ନିପ୍ର): ଦୀର୍ଘବର୍ଷ ଧରି ପାନୀୟ ଜଳ ସମସ୍ୟାରେ ଜୁଝୁଛନ୍ତି ନୂଆଗଡ଼ ବ୍ଲକ ସମ୍ବଲପୁର ପଞ୍ଚାୟତ ଅଧୀନ ଏନ୍. ଝାଲରସିଂ ଗ୍ରାମବାସୀ । ପ୍ରାୟ ୩ ଶହ ପରିବାର ଓ ୯ ଶହରୁ ଊର୍ଦ୍ଧ୍ୱ ଭୋଟର ଥିବା ଏହି ଗ୍ରାମରେ ଆଜି ପର୍ଯ୍ୟନ୍ତ ନିୟମିତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇ ପାରିନାହିଁ। ଏଣୁ, ‘ପାଣି ନାହିଁ ତ ଭୋଟ ନାହିଁ’ ସ୍ଲୋଗାନ ଦେଇ ସେମାନେ ନିଜ ଅସନ୍ତୋଷ ଜଣାଇଛନ୍ତି । ପ୍ରାୟ ୩୦୦ ବର୍ଷ ପୁରୁଣା ଏହି ଆଦିବାସୀ ଅଧ୍ୟୁଷିତ ଗ୍ରାମ ନିଜର ପାରମ୍ପରିକ ଜୀବନଶୈଳୀ ଓ ସଂସ୍କୃତିକୁ ଆଜି ମଧ୍ୟ ବଜାୟ ରଖିଛି। ହେଲେ, ମୌଳିକ ସୁବିଧା ଯୋଗାଣ କ୍ଷେତ୍ରରେ ଗ୍ରାମଟି ଅବହେଳିତ ହୋଇ ରହିଛି। ପାନୀୟ ଜଳ ପାଇଁ ଗ୍ରାମର ଅନେକ ପରିବାର ପୁରୁଣା ନଳକୂପ ଉପରେ ନିର୍ଭରଶୀଳ। ଆବଶ୍ୟକତା ଅନୁଯାୟୀ ଜଳ ନ ମିଳିବା ଯୋଗୁଁ ବିଶେଷକରି ମହିଳାମାନଙ୍କୁ ପାଣି ସଂଗ୍ରହ ପାଇଁ ଅଧିକ ଦୂର ଯିବାକୁ ପଡୁଛି । ଫଳରେ, ଦୈନନ୍ଦିନ ଜୀବନ ପ୍ରଭାବିତ ହେଉଛି। ଏହି ସମସ୍ୟା ନେଇ ଗ୍ରାମବାସୀ ବିଭିନ୍ନ ସମୟରେ ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଛନ୍ତି । ତଥାପି, ସ୍ଥାୟୀ ସମାଧାନ ହୋଇ ନଥିବାରୁ ଅସନ୍ତୋଷ ବଢ଼ିଛି। ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଯୋଜନା ରହିଥିବା ସତ୍ତ୍ୱେ ଏନ୍. ଝାଲରସିଂରେ ଏହାର କାର୍ଯ୍ୟାନ୍ୱୟନ ନ ହେବାକୁ ନେଇ ପ୍ରଶ୍ନ ଉଠିଛି। ଗ୍ରାମର କିଛି ମହିଳାଙ୍କ ସମେତ ସମ୍ବଲପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଜଗନ୍ନାଥ ଗମାଙ୍ଗ ପ୍ରଶାସନ ଓ ଜନପ୍ରତିନିଧିଙ୍କ ନିକଟରେ ଏ ନେଇ ଦାବି ଜଣାଇଛନ୍ତି। ତୁରନ୍ତ ଗ୍ରାମର ସ୍ଥିତି ଅନୁଧ୍ୟାନ କରି ପାନୀୟଜଳ ମେଗା ପ୍ରକଳ୍ପର କାମ ଆରମ୍ଭକରିବା ସହ ପ୍ରତ୍ୟେକ ପରିବାରକୁ ସ୍ୱଚ୍ଛ ଓ ସୁରକ୍ଷିତ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ସେମାନେ ଦାବି କରିଛନ୍ତି। ସମସ୍ୟାର ଶୀଘ୍ର ସମାଧାନ ନହେଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି

# ନବରାତ୍ର ପାଇଁ ସଜେଇ ହେଉଛି ଆସିକାର ଖମ୍ବେଶ୍ୱରୀ ପୀଠ

ଆସିକା,୫।୧୦ (ନିପ୍ର): ଗଞ୍ଜାମ ଜିଲ୍ଲା ତଥା ଦକ୍ଷିଣ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା’ ଖମ୍ବେଶ୍ୱରୀ ଅନ୍ୟତମ ପ୍ରସିଦ୍ଧ ଶକ୍ତି ପୀଠ । ଆସିକା ସହରର ଶକ୍ତି ସ୍ୱରୂପିଣୀ ମା ଖମ୍ବେଶ୍ୱରୀ ଠାକୁରାଣୀ ଜଗତଜନନୀ ହେଉଛନ୍ତି ଆସିକା ସହରବାସୀଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ। ଭକ୍ତ ଡାକିଲେ ଓ କରନ୍ତି ମାଆ। ସହରର ଅଧିଷ୍ଠାତ୍ରୀ ଦେବୀ ଲକ୍ଷ ଲକ୍ଷ ଲୋକଙ୍କ ଇଷ୍ଟଦେବୀ ଏବଂ ସର୍ବଜନବିଦିତ। ଆପଦ ବିପଦରେ ମାଆଙ୍କ ଶରଣରେ ଯାଇଥାନ୍ତି ସହରବାସୀ। ପ୍ରତିବର୍ଷ ଆଶ୍ୱିନ ପ୍ରତିପଦା ତିଥିରୁ ନବରାତ୍ର ପୂଜା ଏହି ପୀଠରେ ନିଷ୍ଠାର ସହ ପାଳିତ ହୋଇଥାଏ। ଏହି ସମୟରେ ପ୍ରତିଦିନ ମାଆଙ୍କ ବିଶେଷ ପୂଜାର୍ଚ୍ଚନା ହୋଇଥାଏ। ନଅ ଦିନ ବ୍ୟାପୀ ଏହି ପୂଜାରେ ପ୍ରତିଦିନ ଅଲଗା ଅଲଗା କର୍ତ୍ତା ପୂଜାରେ ବସିଥାନ୍ତି ସପରିବାର ।

ଚଳିତ ମାସ ୧୧ ତାରିଖରୁ ମାଆଙ୍କ ପୀଠରେ ଆରମ୍ଭ ହେବ ନବରାତ୍ରି ପୂଜା ଅନୁଷ୍ଠିତ ହେବ। ପ୍ରତ୍ୟେହ ମା’ ନୂଆ ବେଶରେ ପୂଜା ପାଇବାସହ ଭକ୍ତଜନମାନଙ୍କୁ ଦର୍ଶନ ଦେବେ। ପ୍ରଥମ ଦିନ ଶୈଳପୁତ୍ରୀ, ଦ୍ୱିତୀୟ ଦିନ ବ୍ରହ୍ମଚାରିଣୀ, ତୃତୀୟ ଦିନ ଚନ୍ଦ୍ର ଘଣ୍ଟା, ଚତୁର୍ଥ ଦିନରେ କୁଷ୍ମାଣ୍ଡା, ପଞ୍ଚମ ଦିନରେ ସ୍କନ୍ଦମାତା, ଷଷ୍ଠଦିନରେ କାତ୍ୟାୟନୀ, ମହା ସପ୍ତମୀ ତିଥିରେ କାଳରାତ୍ରୀ, ମହା ଅଷ୍ଟମୀ ତିଥିରେ ମହାଗୌରୀ ଓ ମହା ନବମୀ ତିଥିରେ ମାଆ ସିଦ୍ଧିଦାତ୍ରୀ ଭାବେ ପୂଜା କରାଯାଏ। ଏହି ନବରାତ୍ରୀ



ପାଳନ ସମୟରେ ଅଖଣ୍ଡ ଦୀପ ସ୍ଥାପନ ଓ ଦୁର୍ଗା ସପ୍ତଶତୀ ପାଠ, ଚଣ୍ଡୀପାଠ, ବିଲ୍ୱପତ୍ର ସହସ୍ରାର୍ଚ୍ଚନ ପରମ୍ପରା। ବିଶେଷ ମହତ୍ତ୍ୱ ରହିଛି । ଖମ୍ବେଶ୍ୱରୀ ଙ୍କ ସୁନାବେଶ ସପ୍ତମୀ ତିଥିରୁ ଆରମ୍ଭ ହୋଇ ଦଶହରା ପର୍ଯ୍ୟନ୍ତ ହୁଏ।

ଏହି ଦିବ୍ୟଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପୀଠରେ ଭିଡ଼ ଜମାଇଥାନ୍ତି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଆଳତି ମନ୍ଦିର ପରିସରରେ ଯଜ୍ଞକର୍ମ ଅତ୍ୟନ୍ତ ନିଷ୍ଠାର ସହ ପାଳନ କରାଯାଏ। ଏଠାରେ ମାଆଙ୍କ ପୀଠରେ ନବରାତ୍ରୀ ପାଇଁ ପ୍ରତିଦିନ ସ୍ୱତନ୍ତ୍ର ଭୋଗ ଲାଗି ହୋଇଥାଏ।। ଅଧିଷ୍ଠାତ୍ରୀ ଦେବୀ ମା’ଙ୍କ ଏହି ନବଦିନବ୍ୟାପୀ ବିଭିନ୍ନ ଦୁର୍ଲଭ ବେଶ ଓ ନବରାତ୍ର ପୂଜା ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ମହତ୍ତ୍ୱ ରଖିଥାଏ। ସପ୍ତମୀ, ମହାଷ୍ଟମୀ, ନବମୀର ସ୍ୱତନ୍ତ୍ର ପୂଜା ସହ ଦଶମୀରେ ଅପରାଜିତା ପୂଜା ହୋଇ ଆସୁଛି।ଏଥି ପାଇଁ ମନ୍ଦିର ପରିସର ବେଶ୍ ଚଳଚଞ୍ଚଳ ହୋଇ ଉଠିଛି। ଋଷିକୁଲ୍ୟା ଘାଟରୁ ପବିତ୍ର ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ ହୁଏ । ପୀଠରେ ପଞ୍ଚ କର୍ମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଷୋଡ଼ଶ ଉପଚାର ଓ ଚଣ୍ଡୀ ପାଠ କରାଯାଇ ବାଲଭୋଗ, ମଧ୍ୟାହ୍ନ ଭୋଗ, ରାତ୍ର ଭୋଗ କରାଯାଏ। ହୋମ ଘରେ ତଥା ପୂଜା ମଣ୍ଡପରେ ସ୍ୱତନ୍ତ୍ର ପୂଜା ପାଠ ଚଣ୍ଡୀ ପାଠ , ଘୃତ ଯଜ୍ଞ ଓ ଅନ୍ନ ଯଜ୍ଞ ଆଦି ହୁଏ । ଅଗଣିତ ଭକ୍ତ ଅଖଣ୍ଡ ଦୀପ ଖଣ୍ଡିଏ ଲଗାଇ ମାନସିକ ପୂରଣ ପାଇଁ ପୂଜା ପାଠ କରିଥାନ୍ତି।ମହାଷ୍ଟମୀ ମଧ୍ୟ ରାତ୍ରରେ ମହାଦୀପ ଉଠିଥାଏ। ଏହି ବିରଳ ଦୃଶ୍ୟକୁ ଦର୍ଶନ ପାଇଁ ଅଗଣିତ ଶ୍ରଦ୍ଧାଳୁ ଅପେକ୍ଷା କରିଥାନ୍ତି। ଏହି ନବଦିନାତ୍ମକ ଉତ୍ସବକୁ ଧୂମଧାମରେ ପାଳନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। କର୍ତ୍ତା ଭାବେ ମୁଖ୍ୟ ସେବାୟତ ମନୋଜ କୁମାର ମୁନୀ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପୁରୋହିତ ରାଜେନ୍ଦ୍ର ପାଢ଼ୀ, ସନ୍ତୋଷ ତ୍ରୀପାଠୀ, ମହେନ୍ଦ୍ର ଶତପଥୀ ପୂଜା ଦାୟିତ୍ୱ ନିର୍ବାହ କରୁଛନ୍ତି।

# ପୂର୍ତ୍ତ ବିଭାଗ ରାସ୍ତା ମରାମତି କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ

କାକଟପୁର,୫।୧୦ (ନିପ୍ର): ନିମାପଡା ପୂର୍ତ୍ତ ବିଭାଗ ସବଡିଭିଜନ ଅଧୀନସ୍ଥ କାକଟପୁର ପୂର୍ତ୍ତ ବିଭାଗ ସେକ୍ସନ ପକ୍ଷରୁ କାକଟପୁର ନିମାପଡା ମୁଖ୍ୟ ରାସ୍ତାର ଦୀର୍ଘ ୨୧ କିମି ରାସ୍ତାରେ ସୃଷ୍ଟି ହୋଇଥିବା ଅସଂଖ୍ୟ ଖାଲଖମାକୁ ବିଭାଗ ପକ୍ଷରୁ ସେଲମାକ୍ସ ପିଚୁରେ ଚାଲିଥିବା ମରାମତି କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ । ଏନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଦେଶ ତଥା ଦେଶ ବାହାରୁ ମା ମଙ୍ଗଳା , ଦେଉଳି ମଠ ଓ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପୀରଜାହାନିଆଁ ଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ଅଶ୍ୱସ୍ତି ପ୍ରକାଶ କରିଛନ୍ତି । କାକଟପୁର ନିମାପଡା ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ଅସଂଖ୍ୟ ଖାଲଖମା ସାଙ୍ଗକୁ ରାସ୍ତା ମଝିରେ ଏବଂ ରାସ୍ତାର ଦୁଇ ପାର୍ଶ୍ୱରେ ସୃଷ୍ଟି ହୋଇଥିବା ବଡ଼ବଡ଼ ଗର୍ତ୍ତର ମରାମତି କାର୍ଯ୍ୟ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘ ଦିନ ଧରି ଦାବୀ ହୋଇଆସୁଥିଲା । ଏହି ରାସ୍ତାରେ ପ୍ରତ୍ୟହ ଶହଶହ ସଂଖ୍ୟାରେ ଯାତ୍ରୀବାହୀ ବସ , ଅନ୍ୟାନ ଯାନବାହନ ଚଳାଚଳ ସାଙ୍ଗକୁ ମାଲବାହୀ ଟ୍ରକ ଟ୍ରାକ୍ଟର ଓ ପର୍ଯ୍ୟଟକଙ୍କ ଗାଡି ଚଳାଚଳ କରିଥାଏ । ଏପରିସ୍ଥଳେ



ଖରାଦିନ କଥା ଛାଡ଼ ବର୍ଷାଦିନେ ଏହି ବିରାଟ ବିରାଟ ଗର୍ତ୍ତରେ ବର୍ଷା ପାଣି ଜମି ରହିଥିବାରୁ ପଥଚାରି ଓ ଗାଡି ଚାଳକମାନେ ଜାଣି ନପାରି ଏହି ଗର୍ତ୍ତ ପଡି ଅନେକ ସମୟ ଦୁର୍ଘଟଣାର ଶିକାର ହେବାର ବହୁ ନଜିର ରହିଛି । ସ୍ଥାନୀୟ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବୀ ଓ ଆଗାମୀ ଦୁର୍ଗା ପୂଜାକୁ ଆଖିରେ ରଖି ନିମାପଡା ପୂର୍ତ୍ତ ବିଭାଗ ସବଡ଼ିଭିଜନର ଏସଡିଓ କୁଶଳ କୁମାର ହେମ୍ବ୍ରମଙ୍କ ନିର୍ଦ୍ଦେଶ କ୍ରମେ କାକଟପୁର ପୂର୍ତ୍ତ ବିଭାଗ ସେକ୍ସନର କନିଷ୍ଠ ଯନ୍ତ୍ରୀ ଜ୍ୟୋତିଶ୍ରୀ ସେନାପତିଙ୍କ ଉପସ୍ଥିତିରେ ବିଭାଗ ପକ୍ଷରୁ ଏହି ମରାମତି କାର୍ଯ୍ୟଚାଲିଥିବା ବେଳେ କାକଟପୁରରୁ ନୂଆଗଡ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା ଏହି ରାସ୍ତା ଭଳି ବିଭାଗ ତୁରନ୍ତ ମରାମତି କରିବାକୁ ସେଠାକାର ଜନସାଧାରଣ ଦୃଢ଼ ଦାବୀ କରିଛନ୍ତି ।

# ନାଇଜରରେ ଟିକା ପ୍ରତି ଅନିଚ୍ଛାର ସାମାଜିକ ନିର୍ଦ୍ଧାରକ ଉପରେ ଜାତୀୟ ସମ୍ମିଳନୀ

ଜଟଣୀ,୫।୧୦(ନିପ୍ର) : ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ନାଇଜର), ଭୁବନେଶ୍ୱର ପକ୍ଷରୁ ଏହାର ମାନବୀୟ ଓ ସାମାଜିକ ବିଜ୍ଞାନ ବିଦ୍ୟାଳୟ ଠାରେ ୨ରୁ ୪ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ “ଟିକା ପ୍ରତି ଅନିଚ୍ଛାର ସାମାଜିକ ନିର୍ଦ୍ଧାରକ ବ୍ୟବହାର, ବିଶ୍ୱାସ ଓ ଜନସ୍ୱାସ୍ଥ୍ୟକୁ ବୁଝିବା” ଶୀର୍ଷକରେ ଏକ ତିନିଦିନିଆ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଥିଲା।ଏହି ସମ୍ମିଳନୀରେ ସମାଜଶାସ୍ତ୍ରୀ, ସାମାଜିକ ବିଜ୍ଞାନୀ, ଜୀବବିଜ୍ଞାନୀ, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଓ ଯୁବ ଗବେଷକମାନେ ଏକତ୍ର ହୋଇ ଟିକା ଗ୍ରହଣ ଓ ଟିକା ପ୍ରତି ଅନିଚ୍ଛାକୁ ପ୍ରଭାବିତ କରୁଥିବା ଜଟିଳ ସାମାଜିକ, ସାଂସ୍କୃତିକ ଓ ବୈଜ୍ଞାନିକ କାରଣଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଇଣ୍ଡିଆନ୍ ସୋସିଓଲୋଜିକାଲ ସୋସାଇଟିର ପରିଚାଳନା କମିଟି ଓ ଗବେଷଣା କମିଟିର ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଆଇଏସଏସ ର ସଭାପତି ପ୍ରଫେସର ଡି. ଆର ସାହୁ ସମ୍ମିଳନୀର ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଯୋଗଦେଇଥିଲେ। ନାଇଜର ନିର୍ଦ୍ଦେଶକ ପ୍ରଫେସର ଏଚ୍. ଏନ୍. ଘୋଷ ମୁଖ୍ୟ ପୃଷ୍ଠପୋଷକ ଥିବାବେଳେ ପ୍ରଫେସର ପ୍ରଣୟ କୁମାର ସ୍ୱାଇଁ ଆୟୋଜନ ସଚିବ ଭାବେ ଦାୟିତ୍ୱ ତୁଲାଇଥିଲେ। ସମ୍ମିଳନୀରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଭି. ସୁଜାତା ଚିକିତ୍ସା ବହୁଳତାବାଦ ଓ ସ୍ୱାସ୍ଥ୍ୟ ଆଚରଣ ପରିପ୍ରେକ୍ଷିତରେ ଟିକାର ପ୍ରାସଙ୍ଗିକତା ଉପରେ ଏବଂ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟର ପ୍ରଫେସର ମଧୁ ନାଗଲା ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ ଟିକା ପ୍ରତି ଅନିଚ୍ଛାକୁ ବୁଝିବା ଉପରେ ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହିତ ଜନସାଧାରଣଙ୍କ ବିଶ୍ୱାସ, ଟିକା ପ୍ରତି ଦ୍ୱିଧା, ସମାନତା ଓ ସୁବିଧା, ଭୁଲ ତଥ୍ୟ, ପାରମ୍ପରିକ ସଂସ୍କୃତି, ସ୍ୱାସ୍ଥ୍ୟ ଆଚରଣ ଏବଂ ପ୍ରମାଣଭିତ୍ତିକ ପଦକ୍ଷେପ ଆଦି ବିଷୟ ଉପରେ ବିଭିନ୍ନ ଅଧିବେଶନରେ ଆଲୋଚନା ହୋଇଥିଲା।ସମ୍ମିଳନୀର ଏକ ବିଶେଷ ଦିଗ ଥିଲା ସାମାଜିକ ବିଜ୍ଞାନ ଓ ଜୀବବିଜ୍ଞାନ ମଧ୍ୟରେ ଅନ୍ତଃବିଷୟକ ଆଲୋଚନା। ନାଇଜରର ବୈଜ୍ଞାନିକମାନେ ଟିକାର ବିଜ୍ଞାନ, ଜନସାଧାରଣଙ୍କ ବିଶ୍ୱାସ ଏବଂ ଟିକା ବିକାଶ ସମ୍ପର୍କରେ ନିଜସ୍ୱ ଦୃଷ୍ଟିକୋଣ ରଖିଥିଲେ। ଏକ ପ୍ୟାନେଲ ଆଲୋଚନାରେ ଟିକାକରଣ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ସୁଦୃଢ଼ କରିବାରେ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନଗୁଡ଼ିକର ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଏହାସହିତ ଯୁବ ଗବେଷକ ଓ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ସେମାନଙ୍କ ଗବେଷଣା ଓ ଅଧ୍ୟୟନ ଉପସ୍ଥାପନ ପାଇଁ ଏକ ମଞ୍ଚ ପ୍ରଦାନ କରାଯାଇଥିଲା।ସମ୍ମିଳନୀର ଉଦ୍ ?ଯାପନୀ ଆଲୋଚନାରେ ଜନସାଧାରଣଙ୍କ ସହ ଅଧିକ ସଂପୃକ୍ତି, ପ୍ରମାଣଭିତ୍ତିକ ଯୋଗାଯୋଗ ଏବଂ ବୈଜ୍ଞାନିକ ପ୍ରତିଷ୍ଠାନ, ସମୁଦାୟ ଓ ସାଧାରଣ ଜନତାଙ୍କ ମଧ୍ୟରେ ଅଧିକ ସୁଦୃଢ଼ ବିଶ୍ୱାସର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଟିକା ପ୍ରତି ଅନିଚ୍ଛାର ସମାଧାନ ପାଇଁ ସାମାଜିକ ଆଚରଣ, ସଂସ୍କୃତି, ସମାନତା ଓ ଜନସାଧାରଣଙ୍କ ବିଶ୍ୱାସ ସହିତ ବୈଜ୍ଞାନିକ ବୁଝାମଣାକୁ ସମନ୍ୱିତ କରୁଥିବା ଏକ ଅନ୍ତଃବିଷୟକ ଦୃଷ୍ଟିକୋଣର ଆବଶ୍ୟକତା ରହିଛି ବୋଲି ଆୟୋଜକମାନେ ମତ ପ୍ରକାଶ କରିଥିଲେ।ଦେଶର ବିଭିନ୍ନ ପ୍ରତିଷ୍ଠାନରୁ ସମାଜଶାସ୍ତ୍ରୀ, ଜୀବବିଜ୍ଞାନୀ ଓ ଅନ୍ୟାନ୍ୟ ବିଦ୍ୱାନମାନେ ଏହି ସମ୍ମିଳନୀରେ ଯୋଗଦେଇଥିଲେ। ଜନସ୍ୱାସ୍ଥ୍ୟ କ୍ଷେତ୍ରର ଏକ ପ୍ରମୁଖ ସମସାମୟିକ ଆହ୍ୱାନ ଉପରେ ଆଲୋଚନା ଓ ଚିନ୍ତନ ପାଇଁ ଏହି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥିଲା।

# ବୟସ ୮୦ ପାର୍, ୪ ମାସ ହେଲା ମିଳୁନି ଭତ୍ତା

ଧାମନଗର,୫।୧୦ (ନିପ୍ର): ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପାହାଡ଼ପୁର ଗ୍ରାମର ୮୦ ବର୍ଷୀୟ ଅସହାୟ ବୃଦ୍ଧ ହରିହର ମାଝୀ।ପ୍ରକୃତ ରେ ଯେଉଁ ବୟସରେ ଟିକିଏ ବିଶ୍ରାମ ଓ ସାହାରା ଆବଶ୍ୟକତା ଥାଏ, ସେହି ବୟସରେ ସେ ସରକାରୀ ଯୋଜନାର ଲାଭ ପାଇବା ପାଇଁ ତହଲବିକଳ ହେଉଥାଏ। ୪ ମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ବନ୍ଦ। ଗତ ଚାରି ମାସ ଧରି ତାଙ୍କୁ ଟଙ୍କାଟିଏ ବି ମିଳିନାହିଁ। ଶାରୀରିକ ଅକ୍ଷମତା: ବୟସାଧିକ କାରଣରୁ ନିଜେ ଚାଲିଚାଲି ବ୍ଲକ ଅଫିସ୍ ଯିବାକୁ ସେ ଆଦୌ ସକ୍ଷମ ନୁହନ୍ତି। ପଞ୍ଚାୟତ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ି ନୟାନ୍ତ ହେଲେଣି, ହେଲେ କେହି ଗୁହାରି ଶୁଣୁନାହାନ୍ତି। ଘରେ ବି କେହି ଠିକ୍ ଭାବେ ପଚାରୁ ନାହାନ୍ତି,କେତେବେଳେ ଖାଇବାକୁ ମିଳୁଛି ତ କେତେବେଳେ ଉପାସ। ନିର୍ବାଚନ ଆସିଲେ ହାତଯୋଡ଼ି ଭୋଟ ମାଗିବାକୁ ଆସୁଥିବା ନେତାମାନେ ଏବେ ସମ୍ପୂର୍ଣ୍ଣ ଗାଏବ। ଜଣେ ୮୦ ବର୍ଷର ନିରୀହ ବୃଦ୍ଧଙ୍କ ଏହି ଦୁର୍ଦ୍ଦଶା କ’ଣ ଆମ ସମାଜ ଓ ପ୍ରଶାସନ ପାଇଁ ଲଜ୍ଜାର ବିଷୟ ନୁହେଁ ? ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ବିଡିଓଙ୍କୁ ବିନମ୍ର ଅନୁରୋଧ, ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ହରିହର ମାଝୀଙ୍କ ବକେୟା ଭତ୍ତା ତାଙ୍କ ଘରେ ପହଞ୍ଚାଇବାର ବ୍ୟବସ୍ଥା କରାଯାଉ। ଏହି ପରି ଉକ୍ତ ବ୍ଲକ ର ଅନେକ ଲୋକ ଭତ୍ତା ଟଙ୍କା ପାଇବାକୁ ଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି ସନ୍ତୋଷ ଜନକ ଉତ୍ତର ଦେଉନାହାନ୍ତି। ଏପଟେ ବିଡ଼ିଓଙ୍କ ପ୍ରମୋଶନ ଖୁବ ଶୀଘ୍ର ହେବାକୁ ଥିବାରୁ କୌଣସି ବିବାଦରେ ପସୁ ନାହାନ୍ତି ଫଳରେ ସାଧାରଣ ଲୋକ ମାନେ ସରକାରୀ ଯୋଜନାରେ ପାଇବାରେ ନାନାଦି ହଇରାଣ ହେଉଛନ୍ତି। ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବା ଦାବିହେଉଛି।

## ସୁପ୍ରିମକୋର୍ଟକୁ ମିଳିଲେ ୩ ନୂଆ ଜଜ୍

ନୂଆଦିଲ୍ଲୀ,୫।୧୦: ସୁପ୍ରିମକୋର୍ଟରେ ନୂଆ ବିଚାରପତିଙ୍କ ନିଯୁକ୍ତି ହୋଇଛି । ଶୀର୍ଷ ଅଦାଲତକୁ ୩ ନୂଆ ବିଚାରପତି ମିଳିବା ପରେ ଏବେ ସୁପ୍ରିମକୋର୍ଟରେ କାର୍ଯ୍ୟରତ ଜଜ୍‌ଙ୍କ ସଂଖ୍ୟା ୩୭ରେ ପହଞ୍ଚିଛି। ସୁପ୍ରିମକୋର୍ଟରେ ମୋଟ ୩୮ଟି ବିଚାରପତି ପଦ ଅନୁମୋଦିତ ଥିବାରୁ ଏବେ ମାତ୍ର ଗୋଟିଏ ପଦ ଖାଲି ରହିଛି। ନୂଆ ନିଯୁକ୍ତ ବିଚାରପତିମାନେ ହେଉଛନ୍ତି ଜଷ୍ଟିସ୍ ସୁନୀତା ଅଗ୍ରୱାଲ, ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ଜଷ୍ଟିସ୍ ଅପରେଶ କୁମାର ସିଂହ। ସୁପ୍ରିମକୋର୍ଟ କଲେଜିୟମ୍ ସେପ୍ଟେମ୍ବର ୨୮ରେ ଏହି ତିନିଜଣଙ୍କ ନାମ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପାରିସ୍ କରିଥିଲା। ପରେ କେନ୍ଦ୍ର ସରକାର ଏହାକୁ ମଞ୍ଜୁର କରିଥିବା ବେଳେ ରାଷ୍ଟ୍ରପତିଙ୍କ ଅନୁମୋଦନ ମଧ୍ୟ ମିଳିଛି। ଜଷ୍ଟିସ୍ ସୁନୀତା ଅଗ୍ରୱାଲ ପୂର୍ବରୁ ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ସେହିପରି ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଜଷ୍ଟିସ୍ ଅପରେଶ କୁମାର ସିଂହ ତେଲେଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ଜଷ୍ଟିସ୍ ସୁନୀତା ଅଗ୍ରୱାଲ ଏବଂ ଜଷ୍ଟିସ୍ ଡି.କେ. ଉପାଧ୍ୟାୟଙ୍କ ସମ୍ପର୍କ ଆହ୍ଲାବାଦ ହାଇକୋର୍ଟ ସହ ରହିଛି । ଅନ୍ୟପକ୍ଷରେ ଜଷ୍ଟିସ୍ ଅପରେଶ କୁମାର ସିଂହ ଝାଡ଼ଖଣ୍ଡ ହାଇକୋର୍ଟରୁ ଆସିଛନ୍ତି। ଜଷ୍ଟିସ୍ ସୁନୀତା ଅଗ୍ରୱାଲ ସୁପ୍ରିମକୋର୍ଟରେ ଯୋଗଦେବା ପରେ ଶୀର୍ଷ ଅଦାଲତରେ ମହିଳା ବିଚାରପତିଙ୍କ ସଂଖ୍ୟା ୩କୁ ବୃଦ୍ଧି ପାଇବ। ବର୍ତ୍ତମାନ ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଜଷ୍ଟିସ୍ ଭି. ମୋହନା ସୁପ୍ରିମକୋର୍ଟରେ ମହିଳା ବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି। ଏହି ତିନି ନୂଆ ବିଚାରପତିଙ୍କ ନିଯୁକ୍ତି ସହ ସୁପ୍ରିମକୋର୍ଟରେ ଜଜ୍‌ଙ୍କ ସଂଖ୍ୟା ୩୪ରୁ ବଢ଼ି ୩୭ ହୋଇଛି। ଅନୁମୋଦିତ ୩୮ଟି ପଦ ମଧ୍ୟରୁ ଏବେ ମାତ୍ର ଗୋଟିଏ ପଦ ଖାଲି ରହିଛି ।

## ୟୁପି ରାଜ୍ୟସଭା ନିର୍ବାଚନ
## ୮ ନୂଆ ପ୍ରାର୍ଥୀ ଦେଲା ବିଜେପି

ନୂଆଦିଲ୍ଲୀ,୫।୧୦: ଉତ୍ତରପ୍ରଦେଶ ରାଜ୍ୟସଭା ନିର୍ବାଚନକୁ ନେଇ ବଡ଼ ଘୋଷଣା କରିଛି ବିଜେପି। ଆସନ୍ତା ୧୬ ଅକ୍ଟୋବରରେ ହେବାକୁ ଥିବା ନିର୍ବାଚନ ପାଇଁ ଦଳ ୮ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ବିଶେଷ କଥା ହେଉଛି, ଉତ୍ତରପ୍ରଦେଶରୁ ବିଜେପିର ବର୍ତ୍ତମାନର କୌଣସି ଅବସରପ୍ରାପ୍ତ ରାଜ୍ୟସଭା ସଦସ୍ୟଙ୍କୁ ପୁଣି ଟିକେଟ୍ ଦିଆଯାଇନାହିଁ। ଏଥିରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଓ ବିଏଲ୍ ବର୍ମାଙ୍କ ନାମ ମଧ୍ୟ ରହିଛି। ବିଜେପିର ୮ ଜଣିଆ ତାଲିକାରେ ଧର୍ମପାଲ ସିଂ, ରାଧାକାନ୍ତ ଓଝା, ପ୍ରକାଶ ପାଲ, ବିଦ୍ୟାସାଗର ସୋନକର, ଗୋପୀ କୃଷ୍ଣ ପାଣ୍ଡେ, ପ୍ରିୟଙ୍କା ସିଂ ରାୱତ, ରାମ ପ୍ରତାପ ସିଂ ଚୌହାନ ଓ ଶ୍ରୁତି ଗଙ୍ଗୱାର ସାମିଲ ଅଛନ୍ତି। ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ଏହି ନାମଗୁଡ଼ିକୁ ଅନୁମୋଦନ କରିଛି। ଏହି ତାଲିକାରେ ସବୁଠାରୁ ଚର୍ଚ୍ଚିତ ନାମ ହେଉଛି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କର। ତାଙ୍କ ସହ ବିଏଲ୍ ବର୍ମାଙ୍କୁ ମଧ୍ୟ ପୁଣି ରାଜ୍ୟସଭା ପାଇଁ ପ୍ରାର୍ଥୀ କରାଯାଇନାହିଁ । ଏହା ସହ ବିଜେପିର ଅନ୍ୟ ଅବସରପ୍ରାପ୍ତ ସଦସ୍ୟ ଅରୁଣ ସିଂ, ଗୀତା ଶାକ୍ୟ, ନୀରଜ ଶେଖର, ବ୍ରିଜଲାଲ ଓ ସୀମା ଦ୍ୱିବେଦୀ ମଧ୍ୟ ତାଲିକାରୁ ବାଦ ପଡ଼ିଛନ୍ତି। ପାର୍ଟି ପକ୍ଷରୁ ନୂଆ ପ୍ରାର୍ଥୀ ଚୟନରେ ସାମାଜିକ ଓ ଆଞ୍ଚଳିକ ସନ୍ତୁଳନକୁ ଗୁରୁତ୍ୱ ଦିଆଯାଇଥିବା କୁହାଯାଇଛି। ରିପୋର୍ଟ ଅନୁସାରେ ତାଲିକାରେ ତିନି ଜଣ ଓବିସି, ଦୁଇ ଜଣ ଅନୁସୂଚିତ ଜାତି ଓ ତିନି ଜଣ ସାଧାରଣ ବର୍ଗର ପ୍ରାର୍ଥୀ ଅଛନ୍ତି। ଦୁଇ ଜଣ ମହିଳାଙ୍କୁ ମଧ୍ୟ ସୁଯୋଗ ମିଳିଛି।

## ପୁତୁରା ଆକାଶ ଆନନ୍ଦଙ୍କୁ ପୁଣି ଦଳକୁ ଫେରାଇଲେ ମାୟାବତୀ



ନୂଆଦିଲ୍ଲୀ,୫।୧୦: ବହୁଜନ ସମାଜ ପାର୍ଟି ବା ବିଏସପିରେ ବଡ଼ ଧରଣର ରାଜନୈତିକ ହଲଚଲ ଦେଖିବାକୁ ମିଳିଛି। ଦଳର ସୁପ୍ରିମୋ ମାୟାବତୀ ତାଙ୍କ ପୁତୁରା ଆକାଶ ଆନନ୍ଦଙ୍କୁ ମାତ୍ର ୨୫ ଦିନ ଭିତରେ ପୁଣିଥରେ ଦଳକୁ ଫେରାଇଛନ୍ତି ଏବଂ ତାଙ୍କୁ 'ରାଷ୍ଟ୍ରୀୟ ସଂଯୋଜକ ଭଳି ଗୁରୁଦାୟିତ୍ୱ ପ୍ରଦାନ କରିଛନ୍ତି। ଗତ ସେପଟ୍ମେର ୧୦ ତାରିଖରେ ଯେଉଁ ମାୟାବତୀ ନିଜ ପୁତୁରା ଆକାଶ ଆନନ୍ଦଙ୍କୁ ଦଳରୁ ବହିଷ୍କାର କରିଥିଲେ, ଆଜି ସେହି ମାୟାବତୀ ହିଁ ତାଙ୍କୁ ପୁଣି ଦଳର ମୁଖ୍ୟ ଧାରାକୁ ଫେରାଇ ଆଣିଛନ୍ତି। ଏହା ହେଉଛି ବିଏସପିରେ ଆକାଶ ଆନନ୍ଦଙ୍କ ତୃତୀୟ ଥର ପ୍ରତ୍ୟାବର୍ତ୍ତନ। ଗତ ଅକ୍ଟୋବର ୨ ତାରିଖରେ ଆକାଶ ଆନନ୍ଦ ସୋସିଆଲ ମିଡିଆ 'ଏକ୍ସ'ରେ ଏକ ଭାବପ୍ରବଣ ପୋଷ୍ଟ ଲେଖିଥିଲେ। ସେଥିରେ ସେ ମାୟାବତୀଙ୍କୁ ନିଜର ରାଜନୈତିକ ଗୁରୁ, ପ୍ରେରଣା ଏବଂ 'ବୁଆ ମାଆ' ବୋଲି ସମ୍ବୋଧନ କରିଥିଲେ। ଏପରିକି ସେ କୌଣସି ଅନ୍ୟ ଦଳକୁ ଯିବେ ନାହିଁ ଏବଂ ବିଏସପି ହିଁ ତାଙ୍କ ପରିବାର ବୋଲି ସ୍ପଷ୍ଟ କରିଥିଲେ। ନିଜ ସସୁର ଅଶୋକ ସିଦ୍ଧାର୍ଥଙ୍କ ରାଜନୈତିକ ସନ୍ନ୍ୟାସ ନିଷ୍ପତ୍ତିକୁ ସମର୍ଥନ କରିବା ସହ, ମାୟାବତୀଙ୍କ ନିଷ୍ପତ୍ତିକୁ ସେ ସମ୍ମାନ ଜଣାଇଥିଲେ ଏବଂ ଭୁଲ୍ ପାଇଁ କ୍ଷମା ମାଗିଥିଲେ। ଆକାଶଙ୍କ ଏହି ଭାବପ୍ରବଣ ଅପିଲ ଏବଂ ଦଳର ଅଧିକାଂଶ ନେତା ଓ କର୍ମୀଙ୍କ ଚାପ ପରେ ମାୟାବତୀ ଏକ ବଡ଼ ହୃଦୟର ପରିଚୟ ଦେଇଛନ୍ତି। ସୋମବାର ଦିନ ମାୟାବତୀ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି ଯେ, ଆକାଶ ଆନନ୍ଦଙ୍କ କାର୍ଯ୍ୟଶୈଳୀ ଓ ବ୍ୟକ୍ତିତ୍ୱରେ ଏବେ ବହୁ ପରିବର୍ତ୍ତନ ଆସିଛି।

## ନଦୀରେ ଡଙ୍ଗା ଓଲଟି ୩୦ ମୃତ

ନୂଆଦିଲ୍ଲୀ,୫।୧୦: କଙ୍ଗୋର ଏକ ନଦୀରେ ଦୁଇଟି ମୋଟରଚାଳିତ କାଠ ଡଙ୍ଗା ମଧ୍ୟରେ ଏକ ଭୟଙ୍କର ଧକ୍କାରେ ଅତି କମରେ ୩୦ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଡଜନ ଡଜନ ନିଖୋଜ ଅଛନ୍ତି। ସ୍ଥାନୀୟ କର୍ତ୍ତୃପକ୍ଷ ସୋମବାର ଏହି ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଇକ୍ୱାଟୁର ପ୍ରଦେଶର ପ୍ରାଦେଶିକ ଗୃହମନ୍ତ୍ରୀ କ୍ରିସ୍ଟିନ୍ ମୁଟୁଙ୍କ ଅନୁଯାୟୀ, ଦୁର୍ଘଟଣାଟି ନଗୋମ୍ବେ-ଲୁକୋଲେଲା ଅଞ୍ଚଳ ନିକଟରେ ଘଟିଛି। ଦୁର୍ଘଟଣାର କାରଣ ତୁରନ୍ତ ଜଣାପଡିନାହିଁ। ମୁଟୁ କହିଛନ୍ତି ଯେ ଦୁର୍ଘଟଣାରେ ମୃତ ୩୦ ଜଣଙ୍କୁ କବର ଦିଆଯାଇଛି। ନିଖୋଜ ଏବଂ ସମ୍ଭାବ୍ୟ ବଞ୍ଚିଥିବା ଲୋକଙ୍କୁ ଖୋଜିବା ପାଇଁ ଏକ ସନ୍ଧାନ ଅଭିଯାନ ଚାଲିଛି। ଅଧିକାରୀଙ୍କ ଅନୁଯାୟୀ, ଗୋଟିଏ ଡଙ୍ଗା ଉତ୍ତର-ପଶ୍ଚିମ ଉବାଙ୍ଗି ଅଞ୍ଚଳରୁ ରାଜଧାନୀ କିନଶାସା ଅଭିମୁଖେ ଯାତ୍ରା କରୁଥିଲା, ଯେତେବେଳେ ଅନ୍ୟଟି କିନଶାସାରୁ ଲୁକୋଲେଲା ଅଭିମୁଖେ ଯାତ୍ରା କରୁଥିଲା । ଲୁକୋଲେଲା ପ୍ରବେଶ ସ୍ଥାନ ନିକଟରେ ଏହି ଧକ୍କା ହୋଇଥିଲା । ଅଧିକାରୀ ମାନେ ଆଶଙ୍କା କରୁଛନ୍ତି ଯେ ମୃତ୍ୟୁ ସଂଖ୍ୟା ବଢ଼ିପାରେ, କାରଣ ଅନେକ ଲୋକ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି । ଉଦ୍ଧାର ଏବଂ ରିଲିଫ୍ ଦଳ କଙ୍ଗୋ ନଦୀରେ ସନ୍ଧାନ ଅଭିଯାନ ଚଳାଇଛନ୍ତି ।

### ଦିଲ୍ଲୀ ପୋଲିସକୁ ସୁପ୍ରିମକୋର୍ଟଙ୍କ ତାଗିଦ

# ମହିଳା ନୁହେଁ, ଅପରାଧୀଙ୍କ ମନରେ ଭୟ ରହିବା ଦରକାର



ନୂଆଦିଲ୍ଲୀ,୫।୧୦: ଦିଲ୍ଲୀରେ ବଢୁଥିବା ଦୁଷ୍କର୍ମ ଓ ଯୌନ ନିର୍ଯାତନା ଘଟଣାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ମହିଳାଙ୍କ ସୁରକ୍ଷାକୁ ନେଇ ଦିଲ୍ଲୀ ପୋଲିସ ଓ କେନ୍ଦ୍ର ସରକାରଙ୍କୁ ଅଧିକ ପ୍ରଭାବଶାଳୀ ପଦକ୍ଷେପ ନେବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଶୀର୍ଷ ଅଦାଲତ। କୋର୍ଟ କହିଛନ୍ତି ଯେ, ରାଜଧାନୀରେ ପ୍ରତ୍ୟେକ ମହିଳା ସାର୍ବଜନୀନ ସ୍ଥାନ କିମ୍ବା ସାର୍ବଜନୀନ ପରିବହନରେ ଯାତାୟାତ କରିବା ସମୟରେ ନିଜକୁ ସୁରକ୍ଷିତ ଅନୁଭବ କରିବା ଦରକାର। ଦିଲ୍ଲୀ-ଏନସିଆରରେ ସାମ୍ପ୍ରତିକ ଦୁଷ୍କର୍ମ ଓ ଯୌନ ନିର୍ଯାତନା ଘଟଣାକୁ ନେଇ ସ୍ୱତଃପ୍ରବୃତ୍ତ ମାମଲାର ଶୁଣାଣି କରୁଥିବା ବିଚାରପତି ଜେବି ପାରଦିୱାଲାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି, ଦିଲ୍ଲୀର ପ୍ରତ୍ୟେକ ମହିଳା ରାତି ୧୦ଟାରେ ମଧ୍ୟ ମେଟ୍ରୋ କିମ୍ବା ରାସ୍ତାରେ ଯାତ୍ରା କରିବା ସମୟରେ ନିଜକୁ ସୁରକ୍ଷିତ ମନେ କରିବା ଉଚିତ । ଶୁଣାଣି ସମୟରେ କୋର୍ଟ ଅପରାଧୀଙ୍କ ମନରେ ଆଇନ ଓ ପୁଲିସର ଭୟ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଅପରାଧ କଲେ କଠୋର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଅପରାଧୀଙ୍କ ମନରେ ଭୟ ରହିବା ଆବଶ୍ୟକ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି। ଅପରାଧ ରୋକିବା ପାଇଁ ଦିଲ୍ଲୀ ପୁଲିସକୁ ଦୃଢ଼ ଓ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ମଧ୍ୟ କୁହାଯାଇଛି। ଜାତୀୟ ରାଜଧାନୀ ଅଞ୍ଚଳରେ ମହିଳା ଓ ନାବାଳିକାଙ୍କ ସହ ଘଟୁଥିବା ଅନେକ ଅପରାଧିକ ଘଟଣା ପରେ ସୁପ୍ରିମକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିଛନ୍ତି । ସେପ୍ଟେମ୍ବର ୨୮ରେ କୋର୍ଟ କାଲକାଜି ନିକଟସ୍ଥ ଆସ୍ଥା କୁଞ୍ଜ ପାର୍କରେ ୧୭ ବର୍ଷୀୟା ନାବାଳିକାଙ୍କ ସହ ଗଣଦୁଷ୍କର୍ମ, ସ୍ୱରୂପ ନଗରରେ ଜଣେ ନାବାଳିକାଙ୍କ ସହ ଗଣଦୁଷ୍କର୍ମ ଏବଂ ଗ୍ରେଟର ନୋଏଡାରୁ ଦିଲ୍ଲୀ ଆସୁଥିବା ବସ୍‌ରେ ୧୬ ବର୍ଷୀୟା ଝିଅଙ୍କ ସହ ଯୌନ ନିର୍ଯାତନା ଭଳି ଘଟଣାକୁ ନେଇ ସ୍ୱତଃପ୍ରବୃତ୍ତ ତଦନ୍ତ ଆରମ୍ଭ କରିଥିଲେ। କୋର୍ଟ କହିଛନ୍ତି ଯେ ପାର୍କ, ରାସ୍ତା ଓ ବସ୍ ଭଳି ସାର୍ବଜନୀନ ସ୍ଥାନଗୁଡ଼ିକୁ ମହିଳାଙ୍କ ପାଇଁ ବିପଦପୂର୍ଣ୍ଣ ସ୍ଥାନ ହେବାକୁ ଦିଆଯାଇପାରିବ ନାହିଁ । ୨୦୧୨ର ନିର୍ଭୟା ଘଟଣା ପରେ ଦେଶ କ'ଣ ଶିକ୍ଷା ନେଇଛି, ତାହା ନେଇ ମଧ୍ୟ କୋର୍ଟ ପ୍ରଶ୍ନ ଉଠାଇଛନ୍ତି। ସମ୍ବିଧାନର ଧାରା ୨୧ ଅନୁଯାୟୀ ସମ୍ମାନ ଓ ହିଂସାମୁକ୍ତ ଜୀବନ ବଞ୍ଚିବାର ଅଧିକାର ସହ ସାଧାରଣ ନାଗରିକଙ୍କ ସୁରକ୍ଷା ମଧ୍ୟ ଜଡ଼ିତ ବୋଲି କୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ସେପ୍ଟେମ୍ବର ୨୧ରେ ଆସ୍ଥା କୁଞ୍ଜ ପାର୍କରେ ୧୭ ବର୍ଷୀୟା ନାବାଳିକାଙ୍କ ସହ ଗଣଦୁଷ୍କର୍ମ ଘଟଣା ପରେ ଦିଲ୍ଲୀରେ ବ୍ୟାପକ ପ୍ରତିବାଦ ହୋଇଥିଲା । ଏହାପରେ ଦିଲ୍ଲୀର ପାର୍କଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ ନେଇ ଅଡିଟ୍ କରାଯାଇଥିଲା। ଅଡିଟରେ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଥିଲା । ଦିଲ୍ଲୀ ଡିଭେଲପମେଣ୍ଟ ଅଥରିଟି ପରିଚାଳିତ ୭୩୬ଟି ପାର୍କ ମଧ୍ୟରୁ ମାତ୍ର ୧୬ଟି ପାର୍କରେ ସିସିଟିଭି କ୍ୟାମେରା ଥିବା ଜଣାପଡ଼ିଥିଲା । ଅଡିଟ୍ ଅନୁଯାୟୀ, ପ୍ରାୟ ୧୯୦ଟି ପାର୍କକୁ ଅଧିକ ବିପଦପୂର୍ଣ୍ଣ ଭାବେ ଚିହ୍ନଟ କରାଯାଇଥିଲା । ୫୨୦ଟି ପାର୍କରେ ଅତିରିକ୍ତ ଆଲୋକ ବ୍ୟବସ୍ଥା ଏବଂ ୩୨୩ଟି ପାର୍କରେ ଅଧିକ ସିସିଟିଭି କ୍ୟାମେରାର ଆବଶ୍ୟକତା ଥିବା ଜଣାପଡ଼ିଥିଲା । ଏହାଛଡ଼ା ଅନେକ ପାର୍କରେ ସୀମା ସୁରକ୍ଷା, ଗେଟ୍, ଶୌଚାଳୟ ଏବଂ ପରିତ୍ୟକ୍ତ ନିର୍ମାଣକୁ ନେଇ ମଧ୍ୟ ସମସ୍ୟା ରହିଥିବା ଅଡିଟରେ ଚିହ୍ନଟ ହୋଇଛି । ଆସ୍ଥା କୁଞ୍ଜ ପାର୍କରେ ୩୦ରୁ ଅଧିକ ସ୍ଥାନକୁ ସିସିଟିଭି ସ୍ଥାପନ ପାଇଁ ଚିହ୍ନଟ କରାଯାଇଛି। ପାର୍କରେ ଅନେକ ଏକାନ୍ତ ଓ ଜଙ୍ଗଲିଆ ସ୍ଥାନ ଥିବାରୁ ସେଗୁଡ଼ିକ ଉପରେ ନଜର ରଖିବା କଷ୍ଟକର ବୋଲି ଅଧିକାରୀମାନେ କହିଛନ୍ତି। ମହିଳାଙ୍କ ସୁରକ୍ଷା ନେଇ ବ୍ୟବସ୍ଥାଗତ ଅବହେଳାକୁ ଗୁରୁତ୍ୱର ସହ ନେଇ ସୁପ୍ରିମକୋର୍ଟ କହିଛନ୍ତି ଯେ ଦିଲ୍ଲୀ ସରକାର ଓ ପୁଲିସ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ବ୍ୟବସ୍ଥାଗତ ଭାବେ ବିଫଳ ହୋଇଛନ୍ତି । ରାଜଧାନୀରେ ମହିଳାମାନେ ଦିନ ହେଉ କି ରାତି, ଭୟମୁକ୍ତ ଭାବେ ଯାତାୟାତ କରିପାରିବା ଭଳି ପରିବେଶ ସୃଷ୍ଟି କରିବା ଏବେ ପୁଲିସ ଓ ପ୍ରଶାସନ ପାଇଁ ବଡ଼ ଦାୟିତ୍ୱ ହୋଇଛି ।

## ଜ୍ଞାନେଶ କୁମାର ଫର୍ମ୬ ବେଆଇନ ଭାବେ ବଦଳାଇଛନ୍ତି: ରାହୁଲ



ନୂଆଦିଲ୍ଲୀ,୫।୧୦: ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଅଭିଯୋଗ କରିଛନ୍ତି ଯେ, ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାର ବେଆଇନ ଓ ଏକପାଖିଆ ଭାବରେ ଫର୍ମ ୬ରେ ପରିବର୍ତ୍ତନ କରିଛନ୍ତି। ସୋମବାର ରାହୁଲ ଆହୁରି ଅଭିଯୋଗ କରିଛନ୍ତି ଯେ, ବିଜେପିକୁ ସାହାଯ୍ୟ କରିବା ପାଇଁ ଜ୍ଞାନେଶ କୁମାର ତାଙ୍କ ପଦବୀର ଅପବ୍ୟବହାର କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଉତ୍ତରଦାୟୀ ହେବାକୁ ପଡ଼ିବ। କଂଗ୍ରେସ ପାର୍ଟି ପକ୍ଷରୁ 'ଏକ୍ସ'ରେ ଏକ ପୋଷ୍ଟ କରଯାଇ ସିଇସି ଜ୍ଞାନେଶ କୁମାର ଜଣେ ଠକ ବୋଲି କୁହାଯାଇଛି। ପୋଷ୍ଟରେ କୁହାଯାଇଛି, ସେପ୍ଟେମ୍ବର ୨୬ ତାରିଖରେ ଜ୍ଞାନେଶ କୁମାର ଏକ ପ୍ରେସ୍ ନୋଟ୍ ଜାରି କରି କହିଥିଲେ ଯେ, ଫର୍ମ ୬ରେ ପରିବର୍ତ୍ତନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କରାଯାଇଥିଲା। କିନ୍ତୁ ଏବେ ସୁପ୍ରିମକୋର୍ଟ ସ୍ପଷ୍ଟ ଭାବରେ ମନାକରିଦେଇଛନ୍ତି। ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଭୋଟରଙ୍କ ନାମ କାଟିବା ସମ୍ବିଧାନ ଓ ଭାରତର ନିର୍ବାଚନ ପ୍ରକ୍ରିୟା ବିରୋଧରେ ବୋଲି ଅଭିଯୋଗ କରିଛନ୍ତି। କଂଗ୍ରେସ ସାଂସଦ କହିଛନ୍ତି ଯେ, ଜନସାଧାରଣ ଜାଣିପାରିଛନ୍ତି ଯେ, ନିର୍ବାଚନକୁ ହାସଲ କରାଯାଉଛି ଓ ତାଙ୍କ ଦଳ ଏହାର ପ୍ରତିବାଦ ଜାରି ରଖିବ।

## ଜମ୍ମୁ କାଶ୍ମୀରରେ ହାଇ ଆଲର୍ଟ

ଶ୍ରୀନଗର,୫।୧୦: ଜାମ୍ମୁ କାଶ୍ମୀରର ବଡ଼ଗାମ ଜିଲ୍ଲାରେ ଏକ ମିଳିତ ଅପରେସନରେ ଶୀର୍ଷ ଏଲ୍‌ଇଟି (ଲସ୍କର ଏ ତଏବା) କମାଣ୍ଡର ହଶିମ ମୁସା ଓରଫ୍ ଅସିଫ୍ ଫୌଜୀ ନିପାତ ହୋଇଥିଲା। ଏଲ୍‌ଇଟି ପାଇଁ ଏହା ଏକ ଶକ୍ତ ଧକ୍କା ଥିଲା। ମୁସା ନିପାତ ହେବା ଜାମ୍ମୁ କାଶ୍ମୀରରେ ଏଲ୍‌ଇଟି ଇକୋସିଷ୍ଟମ୍ ପାଇଁ ଏକ ଶକ୍ତ ଧକ୍କା ବୋଲି ଗୃହ ମନ୍ତ୍ରାଳୟ ବର୍ଣ୍ଣନା କରିଥିଲା। ତେବେ ମୁସା ନିପାତ ହେବା ଘଟଣାର ପ୍ରତିଶୋଧ ନେବାପାଇଁ ଏଲ୍‌ଇଟି ଜାମ୍ମୁ କାଶ୍ମୀରରେ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଯୋଜନା କରିପାରେ ବୋଲି ଗୁଇନ୍ଦା ସୂଚନା ମିଳିବାପରେ ଜମ୍ମୁ କାଶ୍ମୀରରେ ହାଇ ଆଲର୍ଟ ଜାରି କରାଯାଇଛି। ପାକିସ୍ତାନ ସମର୍ଥିତ ଏହି ଆତଙ୍କବାଦୀ ଗୋଷ୍ଠୀ ସୁରକ୍ଷା ପ୍ରତିଷ୍ଠାନ, ଧାର୍ମିକ ସ୍ଥଳ, ଭିଭିଆଇପି, ପ୍ରବାସୀ ଶ୍ରମିକ ଏବଂ ମୁଖ୍ୟ ଓ ଗହଳିପୂର୍ଣ୍ଣ ବଜାରକୁ ଟାର୍ଗେଟ୍ କରିପାରେ ବୋଲି ଗୁଇନ୍ଦା ଅଧିକାରୀ କହିଛନ୍ତି। ଏଥିପାଇଁ ଜମ୍ମୁ କାଶ୍ମୀରରେ ସୁରକ୍ଷା କଡ଼ାକଡ଼ି କରାଯାଇଛି।

## ଶୃଙ୍ଖଳା ନାମରେ ୮୨ ଜଣ ଛାତ୍ରଙ୍କୁ ଅଧା ଲଣ୍ଡା




ନୂଆଦିଲ୍ଲୀ,୫।୧୦: ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲ୍ଲାରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଚିମୁର ତାଲୁକାର ଜାମ୍ଭୁଲଘାଟରେ ଅବସ୍ଥିତ ଏକ ସରକାରୀ ମାଧ୍ୟମିକ ଆଶ୍ରମ ସ୍କୁଲରେ ଶୃଙ୍ଖଳା ନାମରେ ପ୍ରାୟ ୮୨ ଜଣ ଛାତ୍ରଙ୍କୁ ଅଧା ଲଣ୍ଡା କରିଦିଆଯାଇଛି । ଅଭିଯୋଗ ହୋଇଛି ଯେ ଶନିବାର ଦିନ ପିଲାମାନେ କେଶ କାଟିବା ସମୟରେ ଖେଳୁଥିଲେ, ଯାହା ଫଳରେ ସୁପରିଣ୍ଟେଣ୍ଡେଣ୍ଟ ରାଗି ଯାଇ ଏଭଳି ଅଜବ ଦଣ୍ଡ ନିର୍ଦ୍ଦେଶ ଦେଇଥିଲେ। ଘଟଣା ପରେ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁପରିଣ୍ଟେଣ୍ଡେଣ୍ଟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି, କିନ୍ତୁ ଅଭିଭାବକମାନେ ସମଗ୍ର ଘଟଣାର ତଦନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୂଚନା ଅନୁଯାୟୀ,ଜାମ୍ଭୁଲଘାଟର ସରକାରୀ ମାଧ୍ୟମିକ ଆଶ୍ରମ ସ୍କୁଲରେ ଶନିବାର ଛାତ୍ରମାନଙ୍କ କେଶ କାଟିବା କାମ ଚାଲିଥିଲା। ଏହି ସମୟରେ କିଛି ଛାତ୍ର ସେଠାରେ ଖେଳୁଥିଲେ। ସ୍କୁଲ ସୁପରିଣ୍ଟେଣ୍ଡେଣ୍ଟ ଛାତ୍ରମାନଙ୍କ ଖେଳ ନେଇ ଅସନ୍ତୁଷ୍ଟ ହେବା ସହ କ୍ରୋଧିତ ହୋଇ ଶୃଙ୍ଖଳା ନାମରେ ନାପିତଙ୍କୁ ଛାତ୍ରମାନଙ୍କ କେବଳ ଅଧା କେଶ କାଟିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁପରିଣ୍ଟେଣ୍ଡେଣ୍ଟଙ୍କ ମନମୁଖୀ ନିର୍ଦ୍ଦେଶ ପରେ, ଛାତ୍ରଙ୍କ କେଶ ଟ୍ରିମରରେ ଅଧା କାଟି ଦିଆଯାଇଥିଲା। ଏଭଳି କେଶ କାଟିବା ନେଇ ଖବର ଏବଂ ଫଟୋ ପ୍ରକାଶ ପାଇବା ପରେ, ଅଭିଭାବକମାନେ କ୍ରୋଧିତ ହୋଇଥିଲେ। ଫଟୋଗୁଡ଼ିକ ଭାଇରାଲ ହେବା ପରେ ଉପରିସ୍ଥ କାର୍ଯ୍ୟାଳୟରୁ ଫୋନ୍ ଆସିଥିଲା। ତୁରନ୍ତ ସମସ୍ତ ପିଲାଙ୍କ କେଶ କାଟିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ସ୍ୱିସ୍ ରାଷ୍ଟ୍ରପତିଙ୍କ ସହ ମୋଦିଙ୍କ ବ୍ୟାପକ ଆଲୋଚନା
### ସ୍ୱିଜରଲ୍ୟାଣ୍ଡରେ ଭାରତୀୟ ରପ୍ତାନି ପାଇଁ ଅଧିକ ବଜାର ସୁଯୋଗ ଉପରେ ଗୁରୁତ୍ୱ



ନୂଆଦିଲ୍ଲୀ,୫।୧୦: ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତି ଗାଇ ପାର୍ମେଲିନଙ୍କ ସହ ଆଜି ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସରେ ପ୍ରତିନିଧିସ୍ତରୀୟ ବୈଠକ ପରେ ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ସ୍ୱିଜରଲ୍ୟାଣ୍ଡରେ ଭାରତୀୟ ରପ୍ତାନି ପାଇଁ ବଜାର ପ୍ରବେଶ ବୃଦ୍ଧି କରିବା ଏବଂ ଦୁଇ ଦେଶ ମଧ୍ୟରେ ନିବେଶକୁ ଆହୁରି ସୁଗମ କରିବା ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଏହା ଦ୍ୱାରା ସ୍ୱିଜରଲ୍ୟାଣ୍ଡକୁ ଭାରତର କୃଷିଜାତ ଦ୍ରବ୍ୟ, ଔଷଧ, ବୟନ ସାମଗ୍ରୀ ଏବଂ ଇଞ୍ଜିନିୟରିଂ ସାମଗ୍ରୀର ରପ୍ତାନି ବୃଦ୍ଧି ପାଇବ। ସେ କହିଛନ୍ତି, "ଏଥିସହିତ ବାୟୋଟେକ୍ନୋଲୋଜି, ଲାଇଫ୍ ସାଇନ୍ସ, ବ୍ୟାଙ୍କିଂ, ବୀମା, ଫୁଡ୍ ପ୍ରୋସେସିଂ ଏବଂ ସଷ୍ଟେନେବିଲିଟି ଭଳି ଭାରତର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନୂଆ ସ୍ୱିସ୍ ନିବେଶକୁ ଆମେ ଆକର୍ଷିତ କରିବୁ। ଏହି ପଦକ୍ଷେପ ମାଧ୍ୟମରେ ଆମେ ମିଳିତ ଭାବେ ସମଗ୍ର ବିଶ୍ୱ ପାଇଁ ବିଶ୍ୱସନୀୟ ସପ୍ଲାଇ ଚେନ୍ ଏବଂ ଭରସାଯୋଗ୍ୟ ସମାଧାନ ବିକଶିତ କରିବୁ।"

## ଆଶ୍ରମ ଛାଡ଼ି ଚାଲିଗଲେ ପ୍ରେମାନନ୍ଦ ମହାରାଜ !



ନୂଆଦିଲ୍ଲୀ,୫।୧୦: ସନ୍ଥ ପ୍ରେମାନନ୍ଦ ମହାରାଜଙ୍କ ଶିଷ୍ୟ ଦୀପକ ଲୋଧିଙ୍କ ମୃତ୍ୟୁକୁ ନେଇ ବିବାଦ ଥମିବାର ନାଁ ନେଉନାହିଁ। ସେପ୍ଟେମ୍ବର ୨୫ରେ ଦୀପକ ବୃନ୍ଦାବନସ୍ଥିତ ଗୁରୁ କୃପା କୁଞ୍ଜ ଆଶ୍ରମର ଚତୁର୍ଥ ମହଲାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହି ଘଟଣାର ଦୁଇଟି ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଥିବା ବେଳେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।ଏହାପରେ କେଲି କୁଞ୍ଜ ଆଶ୍ରମ ବାହାରେ ତିନିଟି ପରିବାର ନିଜ ନିଜ ପରିଜନ ନିଖୋଜ ଥିବା ଅଭିଯୋଗକୁ ନେଇ ହଙ୍ଗାମା କରିଥିଲେ। ପରିସ୍ଥିତି ଜଟିଳ ହେବାରୁ ଆଶ୍ରମ ପରିଚାଳନା ପକ୍ଷରୁ ଘଟଣାର ତଦନ୍ତରେ ସହଯୋଗ କରାଯିବ ବୋଲି କୁହାଯାଇଥିଲା। ଶ୍ରୀକୃଷ୍ଣ ଜନ୍ମଭୂମି ସଂଘର୍ଷ ନ୍ୟାସର ଅଧ୍ୟକ୍ଷ ଦିନେଶ ଶର୍ମା ଫଳାହାରୀ ଦାବି କରିଛନ୍ତି ଯେ ପ୍ରେମାନନ୍ଦ ମହାରାଜ କେଲି କୁଞ୍ଜ ଛାଡ଼ି ପ୍ରାୟ ୨୦ କିଲୋମିଟର ଦୂର ବେଲବନ ଆଶ୍ରମକୁ ଚାଲିଯାଇଥିବା ଚର୍ଚ୍ଚା ହେଉଛି।

## ଏନ୍‌ଏସୟୁଆଇର ପ୍ରତିବାଦ କାର୍ଯ୍ୟକ୍ରମରେ ହିଂସା
## ୪ ଏତଲା ରୁଜୁ; ୧୮ ଗିରଫ

ନୂଆଦିଲ୍ଲୀ,୫।୧୦: ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ସୋମବାର କଂଗ୍ରେସ ପାର୍ଟିର ଛାତ୍ର ସଙ୍ଗଠନ ଏନ୍‌ଏସୟୁଆଇ ଓ ଯୁବ କଂଗ୍ରେସ ପକ୍ଷରୁ ଜୋରଦାର ପ୍ରତିବାଦ କରାଯାଇଥିବା ବେଳେ ହିଂସା ଦେଖାଯାଇଥିବା ଅଭିଯୋଗ ହୋଇଛି। ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଅଞ୍ଚଳରେ ଏନ୍‌ଏସୟୁଆଇର ପ୍ରତିବାଦ ସମୟରେ ହୋଇଥିବା ହିଂସା ଘଟଣାରେ ଦିଲ୍ଲୀ ପୁଲିସ ୪ଟି ଏତଲା ପଞ୍ଜୀକୃତ କରିଛି। ଏଥିରେ ଜଣେ ସିଆଇଏସ୍ଏଫ୍ କର୍ମଚାରୀଙ୍କୁ କଥିତ ଛୁରାମାଡ଼, ଦଙ୍ଗା, ସରକାରୀ କର୍ମଚାରୀଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିବା ମାମଲା ଅନ୍ତର୍ଭୁକ୍ତ। ୧୮ ଜଣ କର୍ମୀଙ୍କୁ ହିଂସା ସୃଷ୍ଟି କରିବା ଅଭିଯୋଗରେ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଛି। ପ୍ରତିବାଦକାରୀମାନେ ରାଇସିନା ରୋଡରେ ଥିବା ଏନ୍‌ଏସୟୁଆଇ ମୁଖ୍ୟାଳୟ ନିକଟରେ ପ୍ରତୀକାତ୍ମକ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଯନ୍ତର ମନ୍ତର ଆଡକୁ ଯିବାକୁ ଚେଷ୍ଟା କରିଥିଲେ। ପ୍ରତିବାଦ ସମୟରେ ବିକ୍ରମ କୁମାର ନାମକ ଜଣେ ସିଆଇଏସ୍ଏଫ୍ କନଷ୍ଟେବଲ ଏକ ବ୍ୟାରିକେଡ୍ ନିକଟରୁ ଜଣେ ପ୍ରତିବାଦକାରୀଙ୍କୁ ନେଇ ଯାଉଥିବା ସମୟରେ କନଷ୍ଟେବଲଙ୍କୁ ଛୁରିରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କର ଡାହାଣ କହୁଣୀରେ ଆଘାତ ଲାଗିଥିଲା ଓ ତାଙ୍କୁ ଚିକିତ୍ସା ପାଇଁ ଆରଏମଏଲ୍ ହସ୍ପିଟାଲକୁ ନିଆଯାଇଥିଲା।

### ଭାରତୀୟ ଧନୀ ବିଦେଶମୁହାଁ

# ବିଦେଶରେ ରହୁଛନ୍ତି ୧୫୬ ଜଣ, ଆମେରିକାରେ ସର୍ବାଧିକ ୯୦ ଜଣ



ନୂଆଦିଲ୍ଲୀ,୫।୧୦: ବିଦେଶରେ ବସବାସ କରିବା ପାଇଁ ଦେଶ ଛାଡୁଥିବା ଧନୀ ଭାରତୀୟଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବିଦେଶରେ ବସବାସ କରୁଥିବା ଧନୀ ଭାରତୀୟଙ୍କ ସଂଖ୍ୟା ଚଳିତବର୍ଷ ୧୫୬ରେ ପହଞ୍ଚିଛି। ଗତବର୍ଷ ସେମାନଙ୍କ ସଂଖ୍ୟା ୧୦୧ରେ ଥିଲା। ଅର୍ଥାତ୍ ବର୍ଷକ ମଧ୍ୟରେ ଉକ୍ତ ସଂଖ୍ୟାରେ ୫୪ ପ୍ରତିଶତ ବୃଦ୍ଧି ଦେଖାଦେଇଛି। ଏମ୍‌୩ଏମ୍ ହୁରୁନ୍ ଇଣ୍ଡିଆ ରିଚ୍ ଲିଷ୍ଟ ୨୦୨୬ରୁ ଏହା ଜଣାଯାଇଛି। ଉକ୍ତ ତାଲିକାରେ ଧନୀ ଭାରତୀୟଙ୍କ ସଂଖ୍ୟା ୧୮୧୦ ରହିଛି। ସେମାନଙ୍କ ମଧ୍ୟରୁ ୧୬୫୪ ଜଣ ଭାରତରେ ବସବାସ କରୁଥିବାବେଳେ ଅବଶିଷ୍ଟ ୧୫୬ ଜଣ ବିଦେଶରେ ରହୁଛନ୍ତି। ୧୫୬ ଜଣଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକାରେ ସର୍ବାଧିକ ୯୦ ଜଣ ରହୁଛନ୍ତି। ଏହା ପଛକୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ୩୧ ଜଣ ଏବଂ ବ୍ରିଟେନରେ ୧୬ ଜଣ ବସବାସ କରୁଛନ୍ତି। ସେହିଭଳି ସିଙ୍ଗାପୁରରେ ୭ ଜଣ, କାନାଡାରେ ୪ ଜଣ ଏବଂ ଚୀନରେ ୨ ଜଣ ବିତ୍ତଶାଳୀ ଭାରତୀୟ ରହୁଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା, ୟୁଏଇ ଓ ବ୍ରିଟେନକୁ ମିଶାଇଲେ ସେମାନଙ୍କ ସଂଖ୍ୟା ୧୩୭। ବିଦେଶରେ ବସବାସ କରୁଥିବା ଧନୀ ଭାରତୀୟଙ୍କ ମଧ୍ୟରୁ ଲଣ୍ଡନରେ ରହୁଥିବା ଲକ୍ଷ୍ମୀ ନିବାସ ମିତ୍ତଲ ଓ ତାଙ୍କ ପରିବାରର ସମ୍ପତ୍ତି ହେଉଛି ସବୁଠୁ ଅଧିକ ଅର୍ଥାତ୍ ୩,୩୯,୩୦୦ କୋଟି ଟଙ୍କା। ୭୬ ବର୍ଷୀୟ ମିତ୍ତଲ ଭାରତୀୟ ଧନୀ ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ଆର୍ସେଲର ମିତ୍ତଲ କମ୍ପାନିର ମୁଖ୍ୟ ମିତ୍ତଲଙ୍କ ସମ୍ପତ୍ତି ଚଳିତବର୍ଷ ୯୩ ପ୍ରତିଶତ ବଢ଼ିଛି। ବିଦେଶରେ ରହୁଥିବା ଧନୀ ଭାରତୀୟଙ୍କ ମଧ୍ୟରେ ଅନିଲ ଅଗ୍ରୱାଲ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ତାଙ୍କ ପରିବାରର ସମ୍ପତ୍ତି ୨,୦୮,୩୦୦ କୋଟି ଟଙ୍କା। ବେଦାନ୍ତ ରିସୋର୍ସେସ ମୁଖ୍ୟ ୭୩ ବର୍ଷୀୟ ଅନିଲ ମଧ୍ୟ ଲଣ୍ଡନରେ ରହୁଛନ୍ତି। ତୃତୀୟ ସ୍ଥାନରେ ଖୋସଲା ଭେଞ୍ଚର୍ସର ବିନୋଦ ଖୋସଲା ଥିବାବେଳେ ତାଙ୍କର ସମ୍ପତ୍ତି ୧,୧୬,୨୦୦ କୋଟି ଟଙ୍କା ରହିଛି। ୭୧ ବର୍ଷୀୟ ଖୋସଲା ଆମେରିକାରେ କାଲିଫର୍ଣ୍ଣିଆରେ ବସବାସ କରନ୍ତି।

### ବାଲିଅନ୍ତା ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

## ଦୁଇ ଯୁବତୀଙ୍କ ହେବ ଲାଏ ଡିଟେକ୍ସନ ଟେଷ୍ଟ !



କଟକ(ନିପ୍ର): ଆରପିଏଫ୍ କନେଷ୍ଟବଳ ସୌମ୍ୟ ରଞ୍ଜନ ହତ୍ୟା ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରହିଛି । ଏହିକ୍ରମରେ ଦୁଇ ଯୁବତୀଙ୍କର ଲାଏ ଡିଟେକ୍ସନ ଟେଷ୍ଟ କରିବାକୁ ଚାହୁଁଛି କ୍ରାଇମବ୍ରାଞ୍ଚ । କିନ୍ତୁ ଦୁଇ ଯୁବତୀ ଏ ନେଇ ସହମତି ଦେଇନଥିବା କ୍ରାଇମବ୍ରାଞ୍ଚ ସୂତ୍ରରୁ ସୂଚନା ମିଳିଛି । ଏହା ପୂର୍ବରୁ ମାମଲାରେ କ୍ରାଇମବ୍ରାଞ୍ଚ ସୌମ୍ୟଙ୍କ ସମ୍ପର୍କୀୟ ଓମଙ୍କର ଲାଏ ଡିଟେକ୍ସନ କରିଥିଲା । ଓମଙ୍କ ଲାଏ ଡିଟେକ୍ସନ ଟେଷ୍ଟରୁ ସେଭଳି କିଛି ତଥ୍ୟ ମିଳିନଥିବା କ୍ରାଇମବ୍ରାଞ୍ଚ କର୍ତ୍ତୃପକ୍ଷ କହିଛନ୍ତି । ଜେରା ବେଳେ ଓମ୍ ଯାହା ସବୁ କ୍ରାଇମବ୍ରାଞ୍ଚକୁ କହିଥିଲେ । ଲାଏ ଡିଟେକ୍ସନ ଟେଷ୍ଟରେ ତାହାହିଁ କହିଥିବା ଜଣାପଡ଼ିଛି । ତେଣୁ ଓମ୍ କୌଣସି ଷଡ଼ଯନ୍ତ୍ର କରିନଥିବା ଏକ ପ୍ରକାର ସ୍ପଷ୍ଟ ହୋଇଛି । ସୂଚନାଥାଉକି, ଗତ ମେ ମାସ ୭ ତାରିଖ ଦିନ ବାଲିଅନ୍ତା ଥାନା ରାମଚନ୍ଦ୍ରପୁର କାଜ ନିକଟରେ କଟକ ଜିଆରପିର ନିଲମ୍ବିତ କନଷ୍ଟେବଳ ସୌମ୍ୟ ରଞ୍ଜନ ସ୍ୱାଇଁ ଭିଡ଼ ହିଂସାର ଶିକାର ହୋଇଥିଲେ । ଅଭିଯୋଗ ହୋଇଥିଲା ଯେ, ସୌମ୍ୟ ଏବଂ ଓମ ମୋଟର ସାଇକେଲରେ ଯାଉଥିବା ବେଳେ ଦୁଇ ଜଣ ଯୁବତୀଙ୍କ ସ୍କୁଟିକୁ ସାମାନ୍ୟ ଧକ୍କା ଦେଇଥିଲେ । ଏହାକୁ କେନ୍ଦ୍ରକରି ସେଠାରେ ବଡ଼ ଧରଣର ଯୁକ୍ତିତର୍କ ହୋଇଥିଲା । ଯୁବତୀଙ୍କୁ ଦୁର୍ବ୍ୟବହାର ଓ ଶାରୀରିକ ଆକ୍ରମଣ କରାଯାଇଥିବା ଅଭିଯୋଗ ଆଣି ସ୍ଥାନୀୟ ଲୋକେ ସୌମ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରି ପିଟିପିଟି ଗୁରୁତର କରିଦେଇଥିଲେ । ଏହି ଭିଡ଼ ହିଂସାରେ ଗୁରୁତର ଆଘାତ ଯୋଗୁଁ ସୌମ୍ୟ ରଞ୍ଜନଙ୍କର ମୃତ୍ୟୁ ଘଟିଥିଲା । ପୋଷ୍ଟମର୍ଟମ ରିପୋର୍ଟ ଅନୁଯାୟୀ, ସୌମ୍ୟଙ୍କ ଶରୀରରେ ୨୧ଟି ସ୍ଥାନରେ ଗଭୀର ଆଘାତ ଚିହ୍ନ ଥିଲା । କୌଣସି ଶକ୍ତ ଓ ଭାରି ବସ୍ତୁରେ ବାରମ୍ବାର ଆକ୍ରମଣ କରାଯିବା ଫଳରେ ମସ୍ତିଷ୍କରେ ପ୍ରବଳ ରକ୍ତସ୍ରାବ ଓ ଗଭୀର ଆଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଥିଲା । ସୌମ୍ୟଙ୍କ ପରିବାର ଏହାକୁ ଏକ ସୁଚିନ୍ତିତ ଚକ୍ରାନ୍ତ ବୋଲି ଅଭିଯୋଗ କରିଥିଲେ । ଅନ୍ୟପଟେ ଘଟଣା ସମୟରେ ପିସିଆର ବା ପୋଲିସ ଉପସ୍ଥିତ ଥିଲେ ମଧ୍ୟ ସୌମ୍ୟଙ୍କୁ ଉଦ୍ଧାର କରାଯାଇ ନଥିବା ନେଇ ରାଜ୍ୟବ୍ୟାପୀ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ପରିସ୍ଥିତି ଗମ୍ଭୀର ହେବାରୁ ରାଜ୍ୟ ସରକାର ଏହି ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ । ରାଷ୍ଟ୍ରୀୟ ମାନବାଧିକାର କମିଶନ ମଧ୍ୟ ଏହାର ସ୍ୱତନ୍ତ୍ର ତଦନ୍ତ କରିଛନ୍ତି । ଏପର୍ଯ୍ୟନ୍ତ, କ୍ରାଇମବ୍ରାଞ୍ଚ ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରଦୀପ ମଙ୍ଗରାଜ ଓ ରଞ୍ଜିତ ପାତ୍ରଙ୍କ ସମେତ ୧୮ ଜଣରୁ ଅଧିକ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି । ସେହିଭଳି କ୍ରାଇମବ୍ରାଞ୍ଚ ପକ୍ଷରୁ କୋର୍ଟରେ ଏକ ବିସ୍ତୃତ ୭୬୭ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଛି । ଯେଉଁଥିରେ ପ୍ରାଥମିକ ଭାବେ ୧୧ ଜଣଙ୍କ ବିରୋଧରେ ସାଙ୍ଘାତିକ ପ୍ରମାଣ ଥିବା ଦର୍ଶାଯାଇ ମାମଲାକୁ ଆଗକୁ ବଢ଼ାଯାଉଛି ।

### ପାରିଜହର ବୋମାମାଡ଼ ଘଟଣା

## ଅଭିଯୋଗ ପରେ ଆଗତ ହେଲା ମାମଲା

ପିପିଲି(ନିପ୍ର): କୌଶଲ୍ୟାଗଙ୍ଗ ଫାଣ୍ଡି ଅଞ୍ଚଳ ପାରିଜହର ବୋମାମାଡ଼ ଘଟଣାରେ ପିପିଲି ପୋଲିସ ଅଭିଯୋଗ ପାଇ ମାମଲା ଆଗତ କରିଛି। ଏନେଇ ପିପିଲି ଥାନା କେସ୍ ନଂ ୩୧୦/୨୬ରେ ମାମଲା ଆଗତ କରିଛି । ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ମିନତୀ ପ୍ରଧାନ ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କର ନଣନ୍ଦ ସହ ଠିଆ ହୋଇଥିବା ବେଳେ ସେହି ସମୟରେ ଜଣେ ଯୁବକ ଓ ତାର ସହଯୋଗୀମାନେ ବୋମାମାଡ଼ କରିଥିଲେ । ସେହି ବୋମା ତାଙ୍କ ଉପରେ ନ ପଡ଼ି ଘର ପାର୍ଶ୍ୱରେ ପଡିଥିଲା । ବୋମାମାଡ଼ ପରେ ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ଏହା ପୂର୍ବରୁ ଦୁର୍ବୃତ୍ତମାନେ ଗ୍ରାମରେ ଗଣେଶ ଭସାଣୀରେ ଡିଜେ ସାଉଣ୍ଡ ଅଧିକ ମାତ୍ରାରେ ବଜାଉଥିବା ବେଳେ ଅଭିଯୋଗ କାରିଣୀ ମିନତୀ ଘରେ ରୋଗାକ୍ରାନ୍ତ ଲୋକ ଅଛନ୍ତି, ସାଉଣ୍ଡ କମକରି ବଜାଅ କହିବାରୁ ସେହି ବ୍ୟକ୍ତି ମାନେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜକରି ବିଭିନ୍ନ ଧମକ ଦେଇଥିବା ଅଭିଯୋଗରେ ମିନତୀ ଦର୍ଶାଇଛନ୍ତି ।

## ବାଲିପାଟଣା ହତ୍ୟା ମାମଲା: ୯ ଦୋଷୀଙ୍କୁ ଆଜୀବନ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱରସ୍ଥିତ ମାନ୍ୟବର ତୃତୀୟ ଜିଲ୍ଲା ଓ ଦୌରା ଜଜ୍ ଅଦାଲତ ଆଜି ବାଲିପାଟଣା ଅଞ୍ଚଳରେ ଘଟିଥିବା ଏକ ସୁଚିନ୍ତିତ ତଥା ବର୍ବରୋଚିତ ହତ୍ୟା ମାମଲାର ଚୂଡ଼ାନ୍ତ ବିଚାର କରି ମୁଖ୍ୟ ଅଭିଯୁକ୍ତ ଦିଲ୍ଲୁ କୁମାର ଭୋଇ ସମେତ ମୋଟ ୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସମସ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଘଟଣାର ବିବରଣୀ: ଗତ ୨୩.୦୩.୨୦୨୪ ତାରିଖ ସନ୍ଧ୍ୟା ପ୍ରାୟ ୭.୦୦ ରୁ ୭.୩୦ ମଧ୍ୟରେ ଅଭିଯୋଗକାରିଣୀ ଶ୍ରାବଣୀ ମାଝୀ ଖବର ପାଇଥିଲେ ଯେ, ବାଲିପାଟଣା ସ୍ଥିତ ଗାଗି ଫର୍ଟିଲାଇଜର୍ ଦୋକାନ ନିକଟରେ ଅଭିଯୁକ୍ତମାନେ ସଙ୍ଘବଦ୍ଧ ଭାବେ ମୃତକ ଅକ୍ଷୟ କୁମାର ମାଝୀଙ୍କୁ ଆକ୍ରମଣ କରୁଛନ୍ତି । ଏହି ଖବର ପାଇ ପରିବାର ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅକ୍ଷୟଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରିଥିଲେ । ତାଙ୍କୁ ପଚାରିବାରୁ ସେ ଜଣାଇଥିଲେ ଯେ ସମସ୍ତ ଅଭିଯୁକ୍ତ ମିଶି ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି । ପରିବାର ଲୋକେ ତାଙ୍କୁ ପ୍ରଥମେ ଅଠାନ୍ତର ସିଏଚସି ଏବଂ ପରେ ହାଇଟେକ୍ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେହି ରାତିରେ ଅକ୍ଷୟଙ୍କର ମୃତ୍ୟୁ ଘଟିଥିଲା । ଏହାପରେ ଅଭିଯୋଗକାରିଣୀ ବାଲିପାଟଣା ଥାନାରେ ଏତଲା ଦେଇଥିଲେ । ବାଲିପାଟଣା ଥାନାର ତତ୍କାଳୀନ ଆଇଆଇସି ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ଏହି ହତ୍ୟାକାଣ୍ଡର ତଦନ୍ତ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ । ମାମଲାର ବିଚାର ସମୟରେ ସରକାରୀ ଓକିଲ ଶ୍ରୀମତୀ ଶୁଭଶ୍ରୀ ଜେନା ମୋଟ ୧୦ ଜଣ ସାକ୍ଷୀଙ୍କୁ ଅଦାଲତରେ ଉପସ୍ଥାପନ କରି ବଳିଷ୍ଠ ପ୍ରମାଣ ଯୋଗାଡ଼ କରିଥିଲେ । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଅନୁଧ୍ୟାନ କରି ମାନ୍ୟବର ବିଚାରପତି ହିମାଂଶୁ ଶେଖର ମଲ୍ଲିକ୍ ଆଜି ଅଭିଯୁକ୍ତ ଦିଲ୍ଲୁ କୁମାର ଭୋଇ ଏବଂ ଅନ୍ୟ ୮ ଜଣ ସହଯୋଗୀଙ୍କୁ ଆଇପିସି ଧାରା ୩୦୨, ୧୨୦-ଖ, ୩୪୧ ଏବଂ ୩୨୩ ଅନୁଯାୟୀ ହତ୍ୟା ତଥା ଅପରାଧିକ ଷଡ଼ଯନ୍ତ୍ର ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି । କୋର୍ଟ ସମସ୍ତ ୯ ଜଣ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ ସହିତ ପ୍ରତ୍ୟେକଙ୍କୁ ୨୦,୦୦୦ ଟଙ୍କା ଜୋରିମନା ଆଦେଶ ଶୁଣାଇଛନ୍ତି । ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସର ସଶ୍ରମ କାରାଦଣ୍ଡ ଭୋଗିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

## ସୁନା ବ୍ୟବସାୟୀଙ୍କଠାରୁ ୬ ଲକ୍ଷ ଟଙ୍କା ଠକେଇ, ଦୁଇ ଗିରଫ

ଭୁବନେଶ୍ୱର(ନି.ପ୍ର): ବନ୍ଧକ ସୁନା ମୁକୁଳାଇବା ନାଁରେ ଜାଲ୍ କାଗଜପତ୍ର ଦେଖାଇ ଜଣେ ସୁନା ବ୍ୟବସାୟୀଙ୍କ ଠାରୁ ପ୍ରାୟ ୬ ଲକ୍ଷ ଟଙ୍କା ଠକି ନେଇଥିବା ଘଟଣାରେ ଶହୀଦ ନଗର ପୋଲିସ ଦୁଇ ଜଣ ଠକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ପ୍ରଦୀପ ବିଶ୍ୱାଳ ଓ ରଂଜନ ବେହେରା । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ବିଜୟ ଖଟୁଆ କଟକ ବକ୍ସିବଜାର ଅଞ୍ଚଳରେ 'ଅନିମା ଜୁଏଲର୍ସ' ନାମରେ ଏକ ସୁନା ଦୋକାନ କରିଛନ୍ତି ଏବଂ ବନ୍ଧକ ପଡ଼ିଥିବା ସୁନା ମୁକାଳି କିଣିବା ବ୍ୟବସାୟ କରନ୍ତି । ଗତ ୨୭.୦୮.୨୦୨୬ ତାରିଖରେ ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟରମାଇଣ୍ଡ ରଞ୍ଜନ କୁମାର ବେହେରା ଏକ ଷଡ଼ଯନ୍ତ୍ର ରଚି ନିଜ ସାଙ୍ଗ ପ୍ରଦୀପ ବିଶ୍ୱାଳକୁ ଅଭିଯୋଗକାରୀଙ୍କ ପାଖକୁ ପଠାଇଥିଲା । ଅଭିଯୁକ୍ତ ରଞ୍ଜନ ପୂର୍ବରୁ ମଧ୍ୟ ଅଭିଯୋଗକାରୀଙ୍କ ଠାରୁ ୨.୫ ଲକ୍ଷ ଟଙ୍କା ଏହିପରି ଭାବରେ ଠକିଥିଲା । ପ୍ରଦୀପ ନିଜକୁ ଗ୍ରାହକ ସଜାଇ ମୁଥୁଟ୍ ଫାଇନାନ୍ସ ରେ ୭୫ ଗ୍ରାମ୍ ସୁନା ବନ୍ଧକ ଥିବା ଏବଂ ତାକୁ ମୁକୁଳାଇବା ପାଇଁ ୫,୮୨,୦୭୦/- ଟଙ୍କା ଦରକାର ବୋଲି ଏକ ଜାଲ୍ କାଗଜପତ୍ର ଅଭିଯୋଗକାରୀଙ୍କୁ ଦେଖାଇଥିଲା । ଅଭିଯୋଗକାରୀ ତାଙ୍କ କଥା ବିଶ୍ୱାସ କରି ଆରଟିଜିଏସ୍ ମାଧ୍ୟମରେ ଲୋନ୍ ଶୁଝିବା ପାଇଁ ୬,୧୨,୦୪୫/- ନଗଦ ଟଙ୍କା ଧରି ପ୍ରଦୀପ ସହ ତା' ବାଇକରେ ମହର୍ଷି କଲେଜ ରୋଡ୍ ସ୍ଥିତ ଉଜ୍ଜୀବନ ବ୍ୟାଙ୍କ୍ କୁ ଯାଇଥିଲେ । ବାଟରେ ପ୍ରଦୀପ ଚାଲାକି କରି ଟଙ୍କା ବ୍ୟାଗଟି ନିଜ ପାଖରେ ରଖିଥିଲା । ବ୍ୟାଙ୍କ ପାଖରେ ପହଞ୍ଚିବା ପରେ ପ୍ରଦୀପ ଗାଡ଼ି ପାର୍କିଂ କରିବା ବାହାନାରେ ଅଭିଯୋଗକାରୀଙ୍କୁ ଓହ୍ଲାଇ ଦେଇ ଟଙ୍କା ବ୍ୟାଗ୍ ସହ ଫେରାର ହୋଇଯାଇଥିଲା । ଏନେଇ ଅଭିଯୋଗକାରୀ ଶହୀଦ ନଗର ଥାନାରେ ଏତଲା ଦେଇଥିଲେ । ଶହୀଦ ନଗର ପୋଲିସ ଘଟଣାର ତଦନ୍ତ କରି ପ୍ରଥମେ ପ୍ରଦୀପ ବିଶ୍ୱାଳକୁ ପୁରୀରୁ କାବୁ କରିବା ସହ ତା' ନିକଟରୁ ଠକେଇରେ ବ୍ୟବହୃତ ବାଇକ୍ ଏବଂ ୨୦ ହଜାର ଟଙ୍କା ଜବତ କରିଥିଲା । ପରେ ତା'ର ମୋବାଇଲ୍ ଯାଞ୍ଚ କରିବା ଏବଂ ପଚରାଉଚରା କରିବା ପରେ ମାଷ୍ଟରମାଇଣ୍ଡ ରଞ୍ଜନ ବେହେରାକୁ ମଧ୍ୟ ପୋଲିସ ଗିରଫ କରିଛି । ସଂଗୃହୀତ ପ୍ରମାଣ ଆଧାରରେ ଉଭୟ ଅଭିଯୁକ୍ତଙ୍କୁ ଆଜି ୦୫.୧୦.୨୦୨୬ ରେ ଗିରଫ କରାଯାଇ ୧୫ ଦିନିଆ ରିମାଣ୍ଡ ପ୍ରାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି ।

## ଗୁଳିମାଡ଼ରେ ଯୁବକ ଗୁରୁତର



ପୁରୀ(ନିପ୍ର): ପୁରୀ ବ୍ରହ୍ମଗିରିରେ ଗୁଳିମାଡ଼ ହୋଇଛି । ଗୁଳି ମାଡ଼ରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାଯାଇଛି । ଗୁରୁତରଙ୍କ ନାମ ତୋଫାନ କୁମାର ପାହାଳ । ତୋଫାନଙ୍କ ପେଟରେ ବାଜିଛି ଗୁଳି । ଗୁରୁତର ଅବସ୍ଥାରେ ତାଙ୍କୁ ପୁରୀ ମେଡିକାଲରେ ଭର୍ତ୍ତି କରାଯାଇଛି । କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ରେଫର କରାଯାଇଛି । ଗୁଳିମାଡ଼ର କାରଣ ଅସ୍ପଷ୍ଟ ରହିଥିବା ବେଳେ ତୋଫାନଙ୍କ ଦାଦାଙ୍କ କହିବା ମୁତାବକ, ଆଜି ଦିନ ୧୨ଟା ସମୟରେ ଗ୍ରାମ ସମ୍ମୁଖରେ କଥା ହେଉଥିବା ସମୟରେ ୨ଜଣ ଦୁର୍ବୃତ୍ତ ମୋଟର ସାଇକେଲରେ ଆସି ୪ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇଯାଇଥିଲେ । ଏହି ଗୁଳିକାଣ୍ଡ ପୂର୍ବ ଶତ୍ରୁତାକୁ ନେଇ ହୋଇଥିବା କୁହାଯାଉଥିବା ବେଳେ ବ୍ରହ୍ମଗିରି ଥାନା ତରଫରୁ ଦୁଇଟି ଟିମ ଗଠନ କରାଯାଇ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚେଷ୍ଟା କରାଯାଉଛି ।

## ଦାଦାବଟି ଆଦାୟ, ଦୁଇ ଗିରଫ

ଭୁବନେଶ୍ୱର(ନି.ପ୍ର): ବଜରଙ୍ଗ ଦଳର ସଦସ୍ୟ ପରିଚୟ ଦେଇ ରାତି ଅଧରେ ଗାଈ ବୋଝେଇ ଗାଡ଼ିକୁ ଅଟକାଇବା, ଦାଦାବଟି ଦାବି କରିବା, ମାରପିଟ୍ କରିବା ଏବଂ ଗାଈଗୋରୁଙ୍କୁ ହଇରାଣ କରିଥିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଦୁଇ ଜଣ ନିଶାସକ୍ତ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଅମିତ ପଣ୍ଡା ଓ ରମୟା ରଂଜନ ପ୍ରଧାନ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

## ୭ ଲକ୍ଷ ଟଙ୍କା ଠକେଇ: ନକଲି ବୀମା ଏଜେଣ୍ଟ ଗିରଫ

ଭୁବନେଶ୍ୱର(ନି.ପ୍ର): ବୀମା ପଲିସି କରାଇଦେବା ନାଁରେ ଜାଲ୍ ରସିଦ୍ ଦେଇ ଜଣେ ବ୍ୟକ୍ତିଙ୍କ ଠାରୁ ପ୍ରାୟ ୭ ଲକ୍ଷ ଟଙ୍କା ଠକି ନେଇଥିବା ଜଣେ ନକଲି ବୀମା ଏଜେଣ୍ଟଙ୍କୁ ଧଉଳି ଥାନା ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଗୌରବ ପଟ୍ଟନାୟକ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଗୌରବ ପଟ୍ଟନାୟକ ବର୍ତ୍ତମାନ ସେଣ୍ଟ୍ରାଲ୍ ଜେନେରାଲି ଲାଇଫ୍ ଇନ୍ସୁରାନ୍ସ ର ଜଣେ ଏଜେଣ୍ଟ ଏବଂ ସେ ନିଜକୁ 'ଫ୍ୟୁଚର ଜେନେରାଲି ଇଣ୍ଡିଆ ଲାଇଫ୍ ଇନ୍ସୁରାନ୍ସ' ର ଏକ ଏଜେଣ୍ଟ ବୋଲି ପରିଚୟ ଦେଇ ଅଭିଯୋଗକାରୀ ସନ୍ଦୀପ ସାହୁଙ୍କୁ ବୀମାରେ ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଇଥିଲା । ଅଭିଯୋଗକାରୀ ତାଙ୍କ କଥା ବିଶ୍ୱାସ କରି ବୀମା ପ୍ରିମିୟମ୍ ବାବଦକୁ ବିଭିନ୍ନ ପର୍ଯ୍ୟାୟରେ ମୋଟ ୬,୯୯,୧୯୨/- ଟଙ୍କା ଅଭିଯୁକ୍ତକୁ ଦେଇଥିଲେ । ବଦଳରେ ଅଭିଯୁକ୍ତ ତାଙ୍କୁ ବୀମା କମ୍ପାନୀ ନାଁରେ କିଛି ନକଲି ରସିଦ ଧରାଇ ଦେଇଥିଲା । କିଛି ମାସ ପରେ ଅଭିଯୋଗକାରୀ ବୀମା କମ୍ପାନୀ ଅଫିସକୁ ଯାଇ ବୁଝିବାରୁ ଜାଣିବାକୁ ପାଇଥିଲେ ଯେ ତାଙ୍କ ଟଙ୍କା ଜମା ହୋଇନାହିଁ ଏବଂ ଦିଆଯାଇଥିବା ରସିଦଗୁଡ଼ିକ ସମ୍ପୂର୍ଣ୍ଣ ଜାଲ୍ ଅଟେ । ଟଙ୍କା ଫେରାଇବାକୁ ଦାବି କରିବାରୁ ଅଭିଯୁକ୍ତ ମାତ୍ର ୧,୨୦,୦୦୦/- ଟଙ୍କା ଫେରାଇଥିଲା ଏବଂ ବାକି ଟଙ୍କା ଦେବାକୁ ଆଳ ଦେଖାଇ ଠକି ଚାଲିଥିଲା । ଏନେଇ ଅଭିଯୋଗକାରୀ ଧଉଳି ଥାନାରେ ଏତଲା ଦେଇଥିଲେ । ଧଉଳି ପୋଲିସ ତଦନ୍ତ ଆରମ୍ଭ କରି ଜାଲ୍ ରସିଦ୍, ବ୍ୟାଙ୍କ୍ ଷ୍ଟେଟମେଣ୍ଟ୍ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରିବା ସହ ଅଭିଯୁକ୍ତର ବ୍ୟାଙ୍କ୍ ଆକାଉଣ୍ଟକୁ ଡେବିଟ୍ ଫ୍ରିଜ୍ କରିଛି । ଗତକାଲି ତା ୦୪.୧୦.୨୦୨୬ ରେ ଏକ ଚଢ଼ାଉ ବେଳେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ତା'ର ହ୍ୟୁଣ୍ଡାଇ ଭର୍ନା କାରକୁ ପୋଲିସ ଜବତ କରିଥିଲା । ଗତ କାଲି ପୁନର୍ବାର ସୂଚନା ଆଧାରରେ ଫେରାର ଠକକୁ ଧଉଳି ପୁଲିସ କାବୁ କରିବାରେ ସଫଳ ହୋଇଥିଲା ଏବଂ ପଚରାଉଚରା ବେଳେ ସେ ନିଜ ଦୋଷ ସ୍ୱୀକାର ମଧ୍ୟ କରିଛି ।

## ହତ୍ୟାକାରୀ ସାଙ୍ଗଙ୍କୁ ଆଜୀବନ କାରାଦଣ୍ଡ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱରସ୍ଥିତ ମାନ୍ୟବର ଜିଲ୍ଲା ଓ ଦୌରା ଜଜ୍ ବିରଞ୍ଚି ନାରାୟଣ ମହାନ୍ତିଙ୍କ ଅଦାଲତ ଆଜି ଏକ ହତ୍ୟା ମାମଲାର ଚୂଡ଼ାନ୍ତ ବିଚାର କରି ନିଜର ସାଙ୍ଗଙ୍କୁ ହତ୍ୟା କରିଥିବା ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଘଟଣାର ବିବରଣୀ: ଗତ ୧୧.୦୬.୨୦୨୪ ତାରିଖ ସକାଳ ପ୍ରାୟ ୮ଟା ସମୟରେ ମୃତକ ସୁଶାନ୍ତ କୁମାର ଟୁଡୁ ତାଙ୍କର ଦୁଇ ସାଙ୍ଗ ରାଜେନ୍ଦ୍ର ଏବଂ ମୋହନଙ୍କ ସହ ନିଜ ସ୍କୁଟି ରେ ଚୁଡଙ୍ଗଗଡ଼କୁ ଦେଶୀ ମଦ ପିଇବାକୁ ଯାଇଥିଲେ । ଦିନ ୧.୩୦ରୁ ୨.୦୦ ମଧ୍ୟରେ ଫେରିବା ବାଟରେ ପଞ୍ଚମାଣିଆ ଜଙ୍ଗଲ ନିକଟରେ ସ୍କୁଟିର ତେଲ ସରିଯାଇ ଗାଡ଼ିଟି ଅଟକି ଯାଇଥିଲା । ଏହି କଥାକୁ ନେଇ ସୁଶାନ୍ତ ଏବଂ ତାଙ୍କ ସାଙ୍ଗ ରାଜେନ୍ଦ୍ର ମଧ୍ୟରେ ପ୍ରବଳ ବଚସା ହୋଇଥିଲା । ରାଗିଯାଇ ରାଜେନ୍ଦ୍ର ହଠାତ୍ ଏକ ସୁତା ଗାମୁଛାରେ ସୁଶାନ୍ତଙ୍କ ବେକକୁ ଜୋରରେ ଚିପି ଦେଇଥିଲେ । ଫଳରେ ସୁଶାନ୍ତ ତଳେ ପଡ଼ିଯାଇ ଚେତାଶୂନ୍ୟ ହୋଇ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ । ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଉଭୟ ଅଭିଯୁକ୍ତ ଶବକୁ ଜଙ୍ଗଲର ଏକ ବୁଦା ମୂଳେ ଲୁଚାଇ ଦେଇ ଗାଁକୁ ଫେରିଆସିଥିଲେ । ସୁଶାନ୍ତ ଘରକୁ ନଫେରିବାରୁ ଏବଂ ତାଙ୍କ ମୋବାଇଲ୍ ବନ୍ଦ ଥିବାରୁ ପରିବାର ଲୋକେ ଉଭୟ ଅଭିଯୁକ୍ତଙ୍କୁ ପଚରାଉଚରା କରିଥିଲେ, କିନ୍ତୁ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ ଏବଂ ସୁଶାନ୍ତ ଅନ୍ୟ ଆଡେ ପଳେଇଲା ବୋଲି ମିଛ କହିଥିଲେ । ନିରାଶ ହୋଇ ସୁଶାନ୍ତଙ୍କ ବାପା ରାମଚନ୍ଦ୍ର ଟୁଡୁ ଗତ ୧୨.୦୬.୨୦୨୪ ରିଖରେ ବାରଙ୍ଗ ଥାନାରେ ଏକ ନିଖୋଜ ରିପୋର୍ଟ ଦେଇଥିଲେ । ପରଦିନ ବେକରେ ଗାମୁଛା ଗୁଡ଼ା ହୋଇଥିବା ଅବସ୍ଥାରେ ପଞ୍ଚମାଣିଆ ଜଙ୍ଗଲରୁ ଶବ ଉଦ୍ଧାର ହେବା ପରେ ଏନେଇ ଚନ୍ଦକା ଥାନାରେ ହତ୍ୟା ମାମଲା ରୁଜୁ ହୋଇଥିଲା । ଚନ୍ଦକା ଥାନା ଇନ୍ସପେକ୍ଟର ପ୍ରଦୀପ କୁମାର ଜେନା ଏହି ମାମଲାର ତଦନ୍ତ କରି ମୃତକଙ୍କ ସ୍କୁଟି, ଚାବି ଓ ମୋବାଇଲ୍ ଫୋନ୍ ଇତ୍ୟାଦି ଜବତ କରିଥିଲେ । ଅଭିଯୁକ୍ତମାନଙ୍କୁ ଗତ ୧୫.୦୬. ୨୦୨୪ ତାରିଖରେ ଗିରଫ କରାଯାଇଥିଲା ଏବଂ ତଦନ୍ତକାରୀ ଅଧିକାରୀ ତତ୍ପରତାର ସହ ତଦନ୍ତ ଶେଷ କରି ୧୧.୧୦.୨୦୨୪ ତାରିଖରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ । ମାମଲାର ବିଚାର ସମୟରେ ସରକାରୀ ଓକିଲ ଶ୍ରୀମତୀ ସିପ୍ରାଞ୍ଜଳି ସ୍ୱାଇଁ ମୋଟ ୧୫ ଜଣ ସାକ୍ଷୀଙ୍କୁ ଅଦାଲତରେ ଉପସ୍ଥାପନ କରିବା ସହ ୩୦ ଗୋଟି ପ୍ରାସଙ୍ଗିକ ଦସ୍ତାବିଜ ଏବଂ ୯ ଗୋଟି ମ୍ୟାଟେରିଆଲ୍ ଅବଜେକ୍ଟସ୍ ଭଳି ବଳିଷ୍ଠ ପ୍ରମାଣ ସ୍ୱରୂପ ଦାଖଲ କରିଥିଲେ । ସମସ୍ତ ପରିସ୍ଥିତିଗତ ସାକ୍ଷ୍ୟ ପ୍ରମାଣ ଏବଂ ମେଡିକାଲ୍ ରିପୋର୍ଟକୁ ଅନୁଧ୍ୟାନ କରି ମାନ୍ୟବର ଜଜ୍ ଆଜି ଉଭୟ ଅଭିଯୁକ୍ତ ରାଜେନ୍ଦ୍ର ହାଁସଦା ଏବଂ ମୋହନ ମାରାଣ୍ଡିଙ୍କୁ ଆଇପିସି ଧାରା ୩୦୨/୩୪ ଅନୁଯାୟୀ ହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ କରିଛନ୍ତି । କୋର୍ଟ ଉଭୟଙ୍କୁ ଆଜୀବନ କାରାଦଣ୍ଡ ସହିତ ପ୍ରତ୍ୟେକଙ୍କୁ ୧୦,୦୦୦ ଟଙ୍କା ଜୋରିମନା ଆଦେଶ ଶୁଣାଇଛନ୍ତି । ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସର ସଶ୍ରମ କାରାଦଣ୍ଡ ଭୋଗିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷର ଏହା ହେଉଛି ୧୦୭ ତମ ମାମଲା ।

## ସଡ଼କ ଦୁର୍ଘଟଣା: ଦୁଇ ସ୍ଥାନରେ ୨ ମୃତ

ବରଗଡ଼/ସୋର: ଅଧା ରହିଲା ଜଗା ଦର୍ଶନ । ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୬ ଆହତ । ଏଭଳି ଅଭାବନୀୟ ଘଟଣା ଘଟିଛି ବରଗଡ ସୋହେଲ ବ୍ଲକ ମଧୁପୁର ଅଞ୍ଚଳରେ । ସୂଚନାମୁତାବକ ଇନ୍ଦୋରରୁ ପୁରୀ ଜଗନ୍ନାଥ ଧାମ ଦର୍ଶନ ପାଇଁ ଏକ ପରିବାର କାରରେ ଆସୁଥିବା ବେଳେ ସଡ଼କ ଦୁର୍ଘଟଣା ହୋଇଥିଲା । ଭାରସାମ୍ୟ ହରାଇ କାରଟି ଏକ ଗଛରେ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ହେବା ସହ ୬ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ୩ ଜଣଙ୍କୁ ସୋହେଲା ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ବରଗଡର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି । ତେବେ କେଉଁଭଳି ସ୍ଥିତିରେ ଦୁର୍ଘଟଣା ଘଟିଲା ସେ ନେଇ ସୋହେଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅନ୍ୟପଟେ, ସୋର ୧୬ ନମ୍ବର ଜାତୀୟ ରାଜପଥର ଖନ୍ତାପଡ଼ା ଦାଣ୍ଡକାଳୀ ନିକଟରେ ଦୁର୍ଘଟଣା ଘଟିଛି । ସ୍କୁଟିକୁ ପଛରୁ ଧକ୍କା ଦେଇଛି ଅଜଣା ଗାଡ଼ି । ଦୁର୍ଘଟଣାରେ ଜଣେ ଯୁବତୀଙ୍କ ଜୀବନ ଚାଲିଯାଇଛି । ଘଟଣାସ୍ଥଳରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଥିବା ବେଳେ, ସ୍କୁଟିରେ ପଛରେ ବସିଥିବା ତାଙ୍କ ସମ୍ପର୍କୀୟ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ସୂଚନାଅନୁସାରେ, ବାଲେଶ୍ୱର ସହରର ଚୁନାଭାଟି ଅଞ୍ଚଳର ପ୍ରିୟଙ୍କା ମହାପାତ୍ର ନିଜ ସ୍କୁଟିରେ ସୋର ଅଭିମୁଖେ ଆସୁଥିଲେ । ତାଙ୍କ ସହ ଜଣେ ସମ୍ପର୍କୀୟ ପଛରେ ବସିଥିଲେ । ତେବେ ଦାଣ୍ଡକାଳୀ ନିକଟରେ ପଛପଟୁ ଏକ ଅଜଣା ଗାଡ଼ି ସ୍କୁଟିକୁ ଧକ୍କା ଦେଇଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ ପ୍ରିୟଙ୍କା ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ପଛରେ ବସିଥିବା ସମ୍ପର୍କୀୟ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଖବର ପାଇ ଖନ୍ତାପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି । ଧକ୍କା ଦେଇଥିବା ଗାଡ଼ିକୁ ଚିହ୍ନଟ କରିବାକୁ ପୋଲିସ ତଦନ୍ତ ଜାରି ରଖିଛି ।

## ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

ଗଣିଆ(ନି.ପ୍ର.): ସୋମବାର ଅପରାହ୍ନରେ ବାଇକ୍‌ରୁ ପଡ଼ି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ ଜଣକ ହେଉଛନ୍ତି ଗଣିଆ ବ୍ଲକ ଅନ୍ତର୍ଗତ କରଡାପଡା ପଞ୍ଚାୟତ ଅଧୀନ ଗୋପିବଲ୍ଲଭପୁର ଗ୍ରାମର ପ୍ରସନ୍ନ ପଣ୍ଡାଙ୍କ ପୁଅ ଶୁଭାଶିଷ ପଣ୍ଡା (୨୪) ବୋଲି ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଶୁଭାଶିଷ ଦିନ ପ୍ରାୟ ୪ଟା ସମୟରେ ନିଜ ବାଇକ୍ ଯୋଗେ ଆଡକଟାପଟୁ ଗାଁକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ଧୁଆଁମଡା ପ୍ରାଥମିକ ବିଦ୍ୟାଳୟ ପାଖରେ ବାଇକ୍‌ରୁ ଛିଟିକ୍ ପଡ଼ିଥିଲେ । ତତକ୍ଷଣାତ୍ ଶିକ୍ଷକ ବିନୋଦ କୁମାର ସାହୁ ଓ ଗ୍ରାମବାସୀଙ୍କ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ ।

## ବାର୍‌ହା ମାଂସ ବିକ୍ରି ଅଭିଯୋଗ: ଜଣେ ଗିରଫ, ମାଂସ ଜବତ



ଆସିକା(ନିପ୍ର): କାଳଷଣ୍ଢପୁର ଛକରେ ବାରହା ମାଂସ ବିକ୍ରି ଅଭିଯୋଗରେ ମାଂସ ଜବତ କରିବା ସହ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି ଆସିକା ବନ ବିଭାଗ । ପ୍ରକାଶ ଥାଉକି ଗତକାଲି ଆସିକା ବନବିଭାଗ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅପରାହ୍ନ ୩ଘଣ୍ଟ .୪୫ ମିନଟ ସମୟରେ ଆସିକା କାଳଷଣ୍ଢପୁର ଛକରେ ଚଢ଼ାଉ କରି କୋଟିନଡ଼ା ଥାନା ଅଧୀନ ହରିଡ଼ାପଦର ଗ୍ରାମର କବିରାଜ ନାଇକ (୫୦) ବାରହା ମାଂସ ବିକ୍ରି କରୁଥିବା ଅଭିଯୋଗରେ ମାଂସ ଜବତ କରିବା ସହ ଆସିକା ରେଞ୍ଜ ପକ୍ଷରୁ କେସ୍ ନମ୍ବର ୧୦୪/୨୬ ଧାରା ୨(୧୬), ୩୯(୧)(ବି), ୯୪(୧), ୪୯ବି, ୫୦, ୫୭ ବାନ୍ୟଜନ୍ତୁ ସଂରକ୍ଷଣ ଆଇନ ଆକ୍ଟ ୧୯୭୨ ଆମେନମେଣ୍ଟ ୨୦୨୨ଧାରା ୫୧(୧) ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଏସିଏଫ ପ୍ରଶାନ୍ତ କୁମାର ସାହୁ, ରେଞ୍ଜର ଅନିଲ କୁମାର ପଣ୍ଡା, ଫରେଷ୍ଟର ଶରତ କୁମାର ବେହେରା, ରାଜେନ୍ଦ୍ର ଗୌଡ଼, ପୁଷ୍ପାଞ୍ଜଳି ଜେନା, ଫରେଷ୍ଟ ଗାର୍ଡ ବିଷ୍ଣୁପ୍ରିୟା ପ୍ରଧାନ, ରାଜକିଶୋର ବେହେରା ପ୍ରମୁଖ ସାମିଲ ଥିଲେ । ଦିନକୁ ଦିନ ଆସିକା ରେଞ୍ଜରେ ବାରହା ସଂଖ୍ୟା ବୃଦ୍ଧି ଯୋଗୁଁ କର୍ଣ୍ଣଳି, ଖଣ୍ଡାଦେଉଳି, ନୂଆଗାଁ, ନଳବଣ୍ଟା, ପାଟିଲିଗୁଡା, ପଢାଲ, ଜୟପୁର, ମଣ୍ଟାପଡା, କେନ୍ଦୁପଦର ଅଞ୍ଚଳରେ ଅବାଧରେ ବିଚରଣ କରିବା ସହ ଫସଲ କ୍ଷତି କରୁଥିବା ଯୋଗୁଁ କେତେକ ଚାଷୀ ଓ ଶିକାରୀ ଯୋଜନାବଦ୍ଧ ଭାବେ ବିଦ୍ୟୁତ, ମାରାତ୍ମକ ପଟାସ ବୋମା ପକାଇ ଶିକାର କରୁଥିବା ଜଣାଯାଇଛି । ଅନ୍ୟପଟରେ ପୂର୍ବରୁ ଜଗଦଳପୁର, ନବରନ୍‌ପୁର, କୈବଲପୁର, ସାହସପୁର ଅଞ୍ଚଳରେ ବାରହା ମାରି ମାଂସ ବିକ୍ରି ହେଉଥିବା ଘଟଣା ପାଦକୁ ଆସିଥିଲା । ଏହି ବାରହା ବିଦ୍ୟୁତ ଫାସରେ ନବରନ୍‌ପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି ।

### କୁଲଡିହା ଅଭୟାରଣ୍ୟରେ ବନ ବିଭାଗର ଚଢ଼ଉ

## ଧରାପଡ଼ିଲେ ୬ ଶିକାରୀ: ୫ ବନ୍ଧୁକ ସହ ବିସ୍ଫୋରକ ଜବତ




ନୀଳଗିରି: ନୀଳଗିରି ଉପଖଣ୍ଡସ୍ଥ କୁଲଡିହା ଅଭୟାରଣ୍ୟରେ ଶିକାରୀଙ୍କ ବିରୋଧରେ ବନ ବିଭାଗକୁ ସଫଳତା ମିଳିଛି । ଔପଦା ସେକ୍ସନ ବେତେଇ ବିଟ୍ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ କବାଟଘାଇ ଗାଁ ନିକଟରୁ ଜଣେ ଶିକାରୀ ଭୂୟାଁ ସିଂ (୩୦)କୁ ଧରିଥିଲା । ତା' ପାଖରୁ ୧୦୦ ଗ୍ରାମ କଳା ବାରୁଦ ଓ ୩୦ଟି ଲୁହା ଗୁଳି ଜବତ ହୋଇଥିଲା । ପଚରାଉଚରା ବେଳେ ସେ ଅନ୍ୟ ସହଯୋଗୀଙ୍କ ନାଁ କହିଥିଲା । ଡିଏଫଓଙ୍କ ନିର୍ଦ୍ଦେଶରେ ସୋର ୱାଇଲ୍ଡଲାଇଫ୍ ରେଞ୍ଜ ଓ କୁଲଡିହା ରେଞ୍ଜ ମିଳିତ ଟିମ୍ ଗତ ଶନିବାର ରାତି ୧୧ଟା ୩୦ରେ ଚଢ଼ଉ କରି ୫ ଶିକାରୀଙ୍କୁ ଧରିବାରେ ସଫଳ ହୋଇଛନ୍ତି । ଗିରଫ ହୋଇଥିବା ଶିକାରୀ ଲକ୍ଷ୍ମଣ ସିଂ ଠାରୁ ଗୋଟିଏ ବନ୍ଧୁକ, ୨୩୦ ଗ୍ରାମ କଳା ବାରୁଦ, ୭୦ ଗ୍ରାମ ଧଳା ବାରୁଦ, ୫୦ଟି ଲୁହା ଗୁଳି ଜବତ ହୋଇଥିବା ବେଳେ ଜଟିଆ ସିଂ ଠାରୁ ଗୋଟିଏ ବନ୍ଧୁକ, ଜାଙ୍ଘରାଇ ସିଂ ଠାରୁ ଗୋଟିଏ ବନ୍ଧୁକ, ୧ ଧନୁ ଓ ୩ଟି ତୀର ଜବତ ହୋଇଛି । ସେହିପରି ଗୋପାଳ ସିଂ ଠାରୁ ୧୩ ସେଟ୍ ଫାନ୍ଦ ବନ୍ଧୁକ ଏବଂ ବିରା ଜାରକା ଠାରୁ ବନ୍ଧୁକ ଜବତ ହୋଇଛି । ସମୁଦାୟ ୬ ଶିକାରୀଙ୍କ ଠାରୁ ୫ଟି ହାତ ତିଆରି ବନ୍ଧୁକ ଜବତ ହୋଇଥିବା ଜଣାପଡିଛି । ୬ଜଣଙ୍କୁ ଗିରଫ କରାଯାଇ ତଦନ୍ତ ଜାରି ରହିଛି । ଏହି ଚଢ଼ଉରେ ସୋର ରେଞ୍ଜ ଅଫିସର ଭାଗ୍ୟଶ୍ରୀ ଦାସ, କୁଲଡିହା ଭାରପ୍ରାପ୍ତ ରେଞ୍ଜର ସୌମ୍ୟରଞ୍ଜନ ମାଝୀ, କୁପାରୀ ସେକ୍ସନ ଫରେଷ୍ଟର ଦୁଷ୍ମନ୍ତ କୁମାର ଜେନା, ଔପଦା ଫରେଷ୍ଟର ଇତିଶ୍ରୀ ମହାପାତ୍ର, ଖୁଣ୍ଟାପାଟଣା ଫରେଷ୍ଟର ମିନତୀ ମାଝୀ, ଦାନ୍ତୁରା ବିଟ୍ ଫରେଷ୍ଟ ଗାର୍ଡ ଶଶୀକଳା ସାହୁ, ସୀତାମଣି ଟୁଡୁ, ରାଜଶ୍ରୀ ରାଜନନ୍ଦିନୀ ରାଉତ, ମନୋରଞ୍ଜନ ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

## ସ୍କୁଟି ଚାଳକଙ୍କୁ ମାଡମାରି ଟଙ୍କା ଲୁଟିଲେ ଦୁର୍ବୃତ୍ତ

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ଥାନା ଅଞ୍ଚଳରେ ଚୋର, ଲୁଟେରା ଗ୍ୟାଙ୍ଗର ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି । ହିଞ୍ଜିଳି ଥାନା ଅଞ୍ଚଳ ଏବେ ଅପରାଧିଙ୍କ ଚରାଭୂଇଁ ପାଲଟି ଯାଇଥିବା ବିଗତ ଦିନର କିଛି ଅପରାଧିକ ଘଟଣାରୁ ଜଣାପଡିଛି । ଗତ ଶନିବାର ହିଞ୍ଜିଳି ଥାନା ଜାତୀୟ ରାଜପଥ ନଂ ୫୯ ପାର୍ଶ୍ୱ ଖଣ୍ଡରା ଛକଠାରେ ରାତ୍ର ପ୍ରାୟ ଆଠ ଘଣ୍ଟା ସମୟରେ ଦୁର୍ବୃତ୍ତମାନେ ଜଣେ ସ୍କୁଟି ଚାଳକଙ୍କୁ ମାଡ ମାରିଥିଲେ । ତାଙ୍କ ପାଖରେ ଥିବା ୧୧୦୦ ଟଙ୍କା ଲୁଟି ନେବା ପରେ ସେ ହାତରେ ପିନ୍ଧିଥିବା ସୁନାମୁଦିକୁ ଟାଣି ଓଟାରି ନେବା ପାଇଁ ଉଦ୍ୟମ କରିଥିଲେ । ସେହି ସମୟରେ କିଛି ଲୋକଙ୍କ ଗହଳି ଦେଖି ଦୁର୍ବୃତ୍ତମାନେ ଏକ ପଲସର ବାଇକରେ ଘଟଣା ସ୍ଥଳରୁ ଚମ୍ପଟ୍ ମାରିଥିଲେ । ସ୍କୁଟି ଚାଳକ ଜଣକ ହିଞ୍ଜିଳି ଥାନା ପୌରାଞ୍ଚଳର ଜଣେ କଲେଜ ଛାତ୍ର ବୋଲି ଜଣାପଡିଛି । ଗତ କିଛି ଦିନ ଧରି ଖଣ୍ଡରା-ପିତଳ ରାସ୍ତା ମଧ୍ୟରେ ବିଭିନ୍ନ ଛୋଟ ବଡ଼ ଅସାମାଜିକ କାର୍ଯ୍ୟକଳାପ ଘଟିଥିବା ଜଣାପଡ଼ିଛି । ଛକଠାରେ ଥିବା ଏକ ପାନ ଦୋକାନ ଅସାମାଜିକ ଗୋଷ୍ଠୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ନିଶାଦ୍ରବ୍ୟ ସେବନ ସହ ଦୁର୍ବୃତ୍ତମାନେ ସୁଯୋଗ ଉଣ୍ଡି ଲୁଟ୍, ରାହାଜାନୀ କରି ପଲସର ବାଇକରେ ଘଟଣା ସ୍ଥଳରୁ ଫେରାର ହେବାରେ ସଫଳ ହେଉଥିବା ସୂଚନା ମିଳିଛି । ଏହା ବ୍ୟତୀତ ଅନ୍ଧାରର ସୁଯୋଗ ନେଇ ସମ୍ପୃକ୍ତ ରାସ୍ତା ଦେଇ ବହୁ ବେଆଇନ କାର୍ଯ୍ୟକଳାପ, ଚୋରା ଚାଲାଣ ହେଉଥିବା ଜଣାପଡ଼ିଛି । ଅପରାଧୀଙ୍କ ଆତଙ୍କ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଜୀବିକା ଅସୁରକ୍ଷିତ ହୋଇପଡିଛି । ଏ ଦିଗରେ ପୁଲିସ ଅଧିକ ତତ୍ପରତା ପ୍ରକାଶ କରି ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।




ପୁନର୍ବିକଶିତ ଓ ନବୀକୃତ କଳିଙ୍ଗ ଷ୍ଟୁଡ଼ିଓର ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ଫଟୋ-ଦିନଲିପି)



ଶହୀଦ ବାଜି ରାଉତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାଲ୍ୟାର୍ପଣ

# ଭିଜିଲାନ୍ସ ଜାଲରେ ପ୍ରଧାନ ଶିକ୍ଷକ

ବାଲିପାଟଣା, ୫/୧୦(ନିପ୍ର): ଜଣେ ପ୍ରଧାନ ଶିକ୍ଷକଙ୍କୁ ଧରଛି ଭିଜିଲାନ୍ସ। ତାଙ୍କ ନିକଟରୁ ଜବତ କରାଯାଇଛି ୧୫୦୦୦ ଲାଞ୍ଚ ଟଙ୍କା। ମଧ୍ୟାହ୍ନ ଭୋଜନ ବିଲ୍ ପାସ କରାଇବା ପାଇଁ ସେ ଏହି ଲାଞ୍ଚ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ବାଲିପାଟଣା ବ୍ଲକ ଗୁଆପୁର ସରକାରୀ ପ୍ରାଥମିକ ସ୍କୁଲରେ ପ୍ରଧାନ ଶିକ୍ଷକ ମଧ୍ୟାହ୍ନ ଭୋଜନ ବିଲ୍ ପାସ କରାଇବା ପାଇଁ ସେହି ସ୍କୁଲରେ ଶିକ୍ଷକ ପ୍ରଭାକର ମଲିକ ଯେ କି ବିଶ୍ୱନାଥପୁର ପ୍ରାଥମିକ ସ୍କୁଲକୁ ବଦଳି ହୋଇ ଆସିଛନ୍ତି ତାଙ୍କ ଠାରୁ ୧୫୦୦୦ ଟଙ୍କା ଦାବି କରିଥିଲେ। ସେ ଏହି ବିଷୟ ଭିଜିଲାନ୍ସରେ ଜଣାଇବା ପରେ ଯୋଜନା ଅନୁସାରେ ଭିଜିଲାନ୍ସ ଟିମ ଉତ୍ତରା ନିମାପଡା ରାସ୍ତାର ଗୁଆପୁରଠାରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଲୁଚିଥିବା ଭିଜିଲାନ୍ସ ଟିମ ପ୍ରଧାନ ଶିକ୍ଷକ ରିଆଜ ଅଲିଙ୍କୁ କାବୁ କରିବା ସହିତ ତାଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିଥିଲେ ।

# ଗାଁ ସାଥୀ ମେଟ୍ ସଂଘ ପକ୍ଷରୁ ବିଡିଓଙ୍କୁ ୧୦ ଦଫା ଦାବିପତ୍ର

ନିମାପଡ଼ା, ୫/୧୦(ନିପ୍ର): ଗାଁ ସାଥୀଙ୍କ ଚୟନ, ନିଯୁକ୍ତି ସଂପର୍କୀୟ ରେକର୍ଡ଼ ଓ ଦୀର୍ଘ ବର୍ଷର କାର୍ଯ୍ୟସ୍ଥିତିକୁ ନେଇ ପ୍ରଶାସନିକ ହସ୍ତକ୍ଷେପ ଦାବିରେ ନିମାପଡ଼ା ବ୍ଲକ୍ ଗାଁ ସାଥୀ ମେଟ ସଂଘ ପକ୍ଷରୁ ସ୍ଥାନୀୟ ବିଡ଼ିଓଙ୍କୁ ଏକ ୧୦ ଦଫା ସ୍ମାରକପତ୍ର ପ୍ରଦାନ କରାଯାଇଛି। ୨୦୦୮ ମସିହାରୁ ଅଦ୍ୟାବଧି ହୋଇଥିବା ଚୟନ, ନିଯୁକ୍ତି ଓ କାର୍ଯ୍ୟ ବଂଟନର ମୂଳ ରେକର୍ଡ଼ ଯାଞ୍ଚ କରିବା ସହ ସଦସ୍ୟମାନଙ୍କୁ ନିଷ୍କ୍ରିୟ କରାଯିବାର ଲିଖିତ ଆଦେଶ ପ୍ରଦାନ, ମୋବାଇଲ ଆପ୍ ପଞ୍ଜୀକରଣ ଏବଂ ଆବଶ୍ୟକ ପ୍ରଶିକ୍ଷଣ ବ୍ୟବସ୍ଥା କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ସଂଘ ସଭାପତି ରମା ରଂଜନ ନାୟକ ଓ ସଂପାଦକ ପ୍ରକାଶ କୁମାର ବଳ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ମେଟ୍ ମାନଙ୍କ ଜୀବିକା ଓ କାର୍ଯ୍ୟ ସୁଯୋଗକୁ ଦୃଷ୍ଟିରେ ରଖି ଏହି ଦାବିଗୁଡ଼ିକ ଉପରେ ତୁରନ୍ତ ନିଷ୍ପତ୍ତି ନିଆଯାଉ। ଯଦି ନିରପେକ୍ଷ ତଦନ୍ତ କରାଯାଇ ସଭ୍ୟମାନଙ୍କୁ ନ୍ୟାୟ ନ ମିଳେ, ତେବେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ। ଦାବିପତ୍ର ପ୍ରଦାନ ସମୟରେ ଉପ-ସଭାପତି ଶ୍ରୀଧର ବେହେରା, ସହ ସଂପାଦକ ଲକ୍ଷ୍ମୀଧର ବେହେରା, ସୁକାନ୍ତ ବେହେରା, ମୀନତି ବେହେରା, ପ୍ରତିମା ପାଟସାହାଣୀ ଓ ଶ୍ରଦ୍ଧାଞ୍ଜଳି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ତରଭା ସହରରେ ଅଜବ ପୋଷ୍ଟର
# ସରକାରୀ ଜମି ଦୁର୍ନୀତିରେ ବିଧାୟକଙ୍କ ସମ୍ପୃକ୍ତି ଅଭିଯୋଗ: ଭିଜିଲାନ୍ସ ତଦନ୍ତ ଦାବି

**ସୁବର୍ଣ୍ଣପୁର/ତରଭା, ୫/୧୦(ନିପ୍ର):** ସୁବର୍ଣ୍ଣପୁର ଜିଲ୍ଲା ତରଭା ସହରରେ ଆଜି ଏକ ଅଜବ ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚାଞ୍ଚଲ୍ୟ ଖେଳାଇ ଦେଇଛି। ସହରର ବିଭିନ୍ନ ମୁଖ୍ୟ ଛକ ଓ ରାସ୍ତାଘାଟରେ ସରକାରୀ ଜମି କେଳେଙ୍କାରୀକୁ ନେଇ କିଛି ପୋଷ୍ଟର ଏବଂ ବ୍ୟାନର ରାତାରାତି ଲଗାଯାଇଥିବା ଦେଖିବାକୁ ମିଳିଛି। ଏହି ପୋଷ୍ଟରରେ ସୋନପୁରର ୬ ଥରର ବର୍ତ୍ତମାନର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ତତ୍କାଳୀନ ଏଡିଏମ୍ (ବର୍ତ୍ତମାନର ପଞ୍ଚାୟତିରାଜ୍ ବିଭାଗ ଯୁଗ୍ମ ସଚିବ) ସୂର୍ଯ୍ୟନାରାୟଣ ଦାସଙ୍କ ଫଟୋଚିତ୍ର ସ୍ଥାନ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, 'ପାଣିମୋରା ଇଥାନଲ ଫ୍ୟାକ୍ଟରୀ ଜମି ଦୁର୍ନୀତି'ରେ ଏହି ଦୁଇ ବରିଷ୍ଠ ନେତା ଓ ଅଧିକାରୀଙ୍କ ସମ୍ପୃକ୍ତି ଥିବା ପୋଷ୍ଟରରେ ସିଧାସଳଖ ଅଭିଯୋଗ କରାଯାଇଛି। ଏହା ସହିତ ଏହି ଜମି କେଳେଙ୍କାରୀର ତୁରନ୍ତ ଏକ ଉଚ୍ଚସ୍ତରୀୟ 'ଭିଜିଲାନ୍ସ ତଦନ୍ତ' କରାଯିବାକୁ ଦାବି ଉଠିଛି। ପୋଷ୍ଟରଗୁଡ଼ିକର ତଳ ଭାଗରେ 'ନିବେଦକ: ତରଭା ବ୍ଲକ ଓ ଏନଏସି ଜନସାଧାରଣ' ବୋଲି ଉଲ୍ଲେଖ ରହିଛି। ତେବେ କିଏ ଓ କେଉଁ ଉଦ୍ଦେଶ୍ୟରେ ଏଭଳି ପୋଷ୍ଟରମାନ ଲଗାଇଛି, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରିନାହିଁ ଏବଂ ଏହି ଘଟଣାକୁ ନେଇ ସ୍ଥାନୀୟ ପୋଲିସ ନିକଟରେ ମଧ୍ୟ କୌଣସି ବିଧିବଦ୍ଧ ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

# ପ୍ରଯୁକ୍ତିବିଦ୍ୟା ବଞ୍ଚାଇଲା ୨୫୫ ହାତୀ

କୋଲକାତା/ଗୁଆହାଟି,୫।୧୦: ହାତୀ ସହ ଟ୍ରେନ୍ ଦୁର୍ଘଟଣାକୁ ରୋକିବା ପାଇଁ ପ୍ରତିକ୍ରିୟା ସ୍ୱରୂପ ଉତ୍ତର-ପୂର୍ବ ସୀମାନ୍ତ ରେଳବାଇ ଏଆଇ-ଆଧାରିତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଆରମ୍ଭ କରିଛି। ଜାନୁଆରିରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ, ଏହି ପ୍ରଯୁକ୍ତିବିଦ୍ୟା ଏବଂ ସମୟୋଚିତ ପଦକ୍ଷେପ ୨୫୫ ହାତୀଙ୍କୁ ବଞ୍ଚାଇବାରେ ସାହାଯ୍ୟ କରିଛି। ରେଳବାଇ ଏଆଇ ସତର୍କତା, ଗତି ପ୍ରତିବନ୍ଧକ, ପାଟ୍ରୋଲିଂ ବୃଦ୍ଧି ଏବଂ 'ପ୍ଲାନ୍ ବି' ସିଷ୍ଟମ ବ୍ୟବହାର କରିଥିଲା।

# ନଭେମ୍ବରରେ ଏସଆଇ ପରୀକ୍ଷା !

ଭୁବନେଶ୍ୱର,୫।୧୦: ଏସଆଇ ପଦବୀ ଲାଗି ଅପେକ୍ଷା କରିଥିବା ଆଶାୟୀ ଆସନ୍ତା ନଭେମ୍ବରରେ ପରୀକ୍ଷା ଦେବେ । ଏକ ସୂତ୍ରରୁ ଏହି ସୂଚନା ମିଳିଛି। ଆଶାୟୀଙ୍କ ଡାଟାବେସ୍ ସଂଗ୍ରହ କାର୍ଯ୍ୟ ଶେଷ ହୋଇଛି । ଆସନ୍ତା ସପ୍ତାହେ ଭିତରେ ଆଶାୟୀଙ୍କୁ ଆସିବ ନୋଟିଫିକେସନ୍। ନଭେମ୍ବର ଭିତରେ ପରୀକ୍ଷା କରାଯାଇ ଡିସେମ୍ବରରେ ନିଯୁକ୍ତି ଶେଷ ହେବ ।ଭାଲିଡିଟେସନ ପାଇଁ ନୋଟିଫିକେସନ ଆସିବ । ଅଶାୟୀ ଆବେଦନପତ୍ରର ପୁନଃ ଯାଞ୍ଚ କରିବାକୁ ୱେବସାଇଟ ଖୋଲିବ । ଆଶାୟୀ ନିଜ ଆବେଦନ ଯାଞ୍ଚ କରି ସାରିବା ପରେ ଆଡମିଟ କାର୍ଡ ଆସିବ।

## ଜରୁରୀକାଳୀନ ସ୍ଥିତି ଘୋଷଣା
# ବ୍ରିଟିଶ୍ ଏୟାରୱେଜ୍‌ର ବିମାନ ଫେରିଲା ଲଣ୍ଡନ

ଲଣ୍ଡନ,୫।୧୦: ଫ୍ଲାଇଟ୍ ଟ୍ରାକିଂ ତଥ୍ୟ ଅନୁଯାୟୀ, ଲଣ୍ଡନରୁ ଚିକାଗୋ ଯାଉଥିବା ବ୍ରିଟିଶ୍ ଏୟାରୱେଜ୍‌ର ବିମାନ ବିଏ୨୯୫ ଆୟର୍ଲାଣ୍ଡ ଉପରେ ଥିବାବେଳେ ଜରୁରୀକାଳୀନ ସ୍ଥିତି ଘୋଷଣା କରିଥିଲା ଏବଂ ଏହାକୁ ଲଣ୍ଡନକୁ ଫେରାଇ ଅଣାଯାଇଥିଲା।ଏହି ବୋଇଂ ୭୭୭ ବିମାନଟି '୭୭୦୦' ସଙ୍କେତ (କୋଡ୍) ପ୍ରଦର୍ଶନ କରିଥିଲା, ଯାହା ଏକ ସାଧାରଣ ଜରୁରୀକାଳୀନ ସ୍ଥିତିର ସୂଚନା ଦେବା ପାଇଁ ବ୍ୟବହୃତ ହୁଏ। ଫ୍ଲାଇଟ୍ ଟ୍ରାକର୍‌ରୁ ଜଣାପଡ଼ିଛି ଯେ ଆୟର୍ଲାଣ୍ଡ ଉପରେ ଥିବା ସମୟରେ ବିମାନଟି ପ୍ରାୟ ୯,୦୦୦ ଫୁଟ୍ ଉଚ୍ଚତାକୁ ତଳକୁ ଓହ୍ଲାଇ ଆସିଥିଲା। ଉଡ଼ାଣ ଆରମ୍ଭ କରିବାର ଚାରି ଘଣ୍ଟା ୪୭ ମିନିଟ୍ ପରେ ବିମାନଟି ଲଣ୍ଡନର ହିଥ୍ରୋ ବିମାନବନ୍ଦରରେ ଅବତରଣ କରିଥିଲା।ଏହି ଜରୁରୀକାଳୀନ ସ୍ଥିତିର କାରଣ ବର୍ତ୍ତମାନ ସୁଦ୍ଧା ସାର୍ବଜନୀନ କରାଯାଇନାହିଁ, କିନ୍ତୁ କମ୍ ଉଚ୍ଚତାକୁ (ସାଧାରଣତଃ ୧୦,୦୦୦ ଫୁଟ୍‌ରୁ କମ୍) ନିୟନ୍ତ୍ରିତ ଓ ଦ୍ରୁତ ଗତିରେ ତଳକୁ ଓହ୍ଲାଇବାର ପ୍ରଚଳିତ ପ୍ରକ୍ରିୟା ପ୍ରାୟତଃ ବିମାନର କ୍ୟାବିନ୍ ମଧ୍ୟରେ ବାୟୁଚାପ ହ୍ରାସ ପାଇବା (ଡିପ୍ରେସୁରାଇଜେସନ୍) ଘଟଣାକୁ ସୂଚିତ କରିଥାଏ।

# ଆରପାରିରେ ଫିଲ୍ମ ନିର୍ଦ୍ଦେଶକ ଏସକେ ମୁରଲୀଧରନ

ଭୁବନେଶ୍ୱର,୫।୧୦: ଆଉ ନାହାନ୍ତି କୋରିଓଗ୍ରାଫରରୁ ଓଡ଼ିଆ ଫିଲ୍ମର ନିର୍ଦ୍ଦେଶକ ବନିଥିବା ଏସ୍ କେ ମୁରଲୀଧରନ। ସୋମବାର ଭୁବନେଶ୍ୱରସ୍ଥିତ ଗୋଟିଏ ହୋଟେଲ ଭିତରୁ ତାଙ୍କର ମୃତଦେହ ମିଳିଛି। କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା, ସେକଥା ଜଣାପଡ଼ିନାହିଁ। ପୋଲିସ ମୃତଦେହକୁ ଜବତ କରିଛି। ହୋଟେଲ୍‌ରେ ହୃଦ୍‌ଘାତ ଯୋଗୁଁ ମୁରଲୀଧରନ ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି। ହୋଟେଲର ଥିବା ବେଳେ ଗ୍ୟାସ ମେଡ଼ିସିନ ଓ ଅଙ୍ଗୁର ସହ କିଛି ଖାଦ୍ୟ ମଗାଇଥିଲେ। କିନ୍ତୁ କିଛି ସମୟ ପରେ ହଠାତ୍ ସେ ଅଚେତ୍ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଓଡ଼ିଆ ଫିଲ୍ମ ଜଗତର ଜଣେ ଜଣାଶୁଣା ନିର୍ଦ୍ଦେଶକ ଓ ନୃତ୍ୟ ନିର୍ଦ୍ଦେଶକ ଭାବେ ମୁରଲୀଧରନ ବେଶ ପରିଚିତ ଥିଲେ।


**AFFIDAVIT**

By virtue of an affidavit sworn before The Executive Magistrate, Dhamnagar dtd.29.09.2026, I, Pradeep Kumar Sutar S/o-Radhasyam Sutar At-Piteipur, Po-Sohara, Ps-Dhamnagar, Dist-Bhadrak, Odisha-756117 do hereby declare that, I have changed my name from Pradeep Sutara to Pradeep Kumar Sutar. Henceforth I shall be known as Pradeep Kumar Sutar for all purposes.

Sd/-Pradeep Kumar Sutar


## ବେଦାନ୍ତ ଆଲୁମିନିୟମର 'ବେଦକଳା' ପଦକ୍ଷେପ
# ସବାଇ ହସ୍ତଶିଳ୍ପ ପ୍ରଶିକ୍ଷଣ ଜରିଆରେ ଗ୍ରାମୀଣ ଜୀବିକା ସୁଦୃଢ଼

ଝାରସୁଗୁଡ଼ା, ୫/୧୦(ନିପ୍ର): ଓଡ଼ିଶାର ପାରମ୍ପରିକ ସବାଇ ଘାସ ହସ୍ତଶିଳ୍ପର ସଂରକ୍ଷଣ ଏବଂ ଗ୍ରାମୀଣ ମହିଳା ଓ କାରିଗରମାନଙ୍କ ଜୀବିକାକୁ ସୁଦୃଢ଼ କରିବା ପାଇଁ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଏକ ପ୍ରଶଂସନୀୟ ପଦକ୍ଷେପ ନିଆଯାଇଛି। କୁମୁଡ଼ାପାଲି ସବାଇ ପ୍ରଶିକ୍ଷଣ କେନ୍ଦ୍ରରେ ଆୟୋଜିତ ୬ ମାସିଆ ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ୩୨ ଜଣ ଗ୍ରାମୀଣ କାରିଗର ସଫଳତାର ସହ ସମ୍ପନ୍ନ କରିଛନ୍ତି। ଏହି ପଦକ୍ଷେପ ମାଧ୍ୟମରେ କାରିଗରମାନଙ୍କୁ ସବାଇ ଘାସରୁ ବିଭିନ୍ନ ପରିବେଶ ଅନୁକୂଳ ଆକର୍ଷଣୀୟ ସାମଗ୍ରୀ, ଯଥା ଟୋକେଇ, ଘରସଜ୍ଜା ଓ ଦୈନନ୍ଦିନ ବ୍ୟବହାର୍ଯ୍ୟ ଉପକରଣ ତିଆରି କରିବାର ନୂତନ କୌଶଳ ଶିଖାଯାଇଛି। ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସି. ଚନ୍ଦ୍ରୁ ଏହି ସଫଳତା ସମ୍ପର୍କରେ କହିଛନ୍ତି ଯେ, 'ପାରମ୍ପରିକ ହସ୍ତଶିଳ୍ପ ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଂଶ। କାରିଗରମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ



ବଜାର ସଂଯୋଗ ଯୋଗାଇ ଦେଇ ସ୍ଥାୟୀ ଜୀବିକା ପ୍ରଦାନ କରିବା ପାଇଁ ଆମର 'ବେଦକଳା' ପଦକ୍ଷେପ ସଦାସର୍ବଦା ପ୍ରତିବଦ୍ଧ।' ଉଲ୍ଲେଖଯୋଗ୍ୟ ଯେ, ବେଦାନ୍ତର ଏହି 'ବେଦକଳା' କାର୍ଯ୍ୟକ୍ରମ ଅଧୀନରେ ଝାରସୁଗୁଡ଼ା ଅଞ୍ଚଳର ପ୍ରାୟ ୧୭୫ରୁ ଅଧିକ କାରିଗରଙ୍କୁ ସବାଇ ଘାସ ହସ୍ତଶିଳ୍ପ, ବାଉଁଶ କାମ ଏବଂ ସଉରା ଚିତ୍ରକଳା ସହିତ ଯୋଡ଼ାଯାଇଛି। ଏହା ଗ୍ରାମୀଣ କାରିଗର ସମୁଦାୟର ସୃଜନଶୀଳତାକୁ ଉଜ୍ଜୀବିତ କରିବା ସହ ସେମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବାରେ ସହାୟକ ହେଉଛି।

## ନାଲ୍‌କୋର ସିଏସଆର ଏବଂ ଏଲଭି ପ୍ରସାଦର ମିଳିତ ପ୍ରୟାସ
# ଶୀଘ୍ର କାର୍ଯ୍ୟକ୍ଷମ ହେବ ପ୍ରତୀକ୍ଷିତ ଅନୁଗୋଳ ଚକ୍ଷୁ ଚିକିତ୍ସାଳୟ



ଭୁବନେଶ୍ୱର, ୫/୧୦(ନିପ୍ର): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ 'ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍' (ନାଲକୋ) ନିଜର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ଏକ ବଡ଼ ପଦକ୍ଷେପ ନେଇଛି। ଏହି କ୍ରମରେ ହାଇଦ୍ରାବାଦସ୍ଥିତ 'ଏଲ୍.ଭି. ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍' ସହ ପୂର୍ବରୁ ହୋଇଥିବା ଚୁକ୍ତିନାମାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅତିରିକ୍ତ ଚୁକ୍ତି ସ୍ୱାକ୍ଷର କରାଯାଇଛି। ଏହି ପଦକ୍ଷେପ ଅନୁଗୋଳସ୍ଥିତ ନାଲକୋ ନଗରରେ 'ସେକେଣ୍ଡାରୀ ପ୍ଲସ୍ ଆଇ କେୟାର ସେଣ୍ଟର' (ଚକ୍ଷୁ ଚିକିତ୍ସା କେନ୍ଦ୍ର) କାର୍ଯ୍ୟକ୍ଷମ ହେବା ପାଇଁ ବାଟ ଫିଟାଇଛି। ଉଲ୍ଲେଖନୀୟ ଯେ, ଏହି ଅଞ୍ଚଳରେ ସୁଲଭ ଚକ୍ଷୁ ଚିକିତ୍ସା ସେବା ଯୋଗାଇବା ଲକ୍ଷ୍ୟରେ ନାଲକୋ ଓ ଏଲ୍.ଭି. ପ୍ରସାଦର ସହଯୋଗରେ ଭିତ୍ତିଭୂମି ସ୍ଥାପନ କରାଯାଇଥିଲା। ତେବେ ପରିଚାଳନାଗତ ସମସ୍ୟା ଯୋଗୁଁ ଏହାର କାର୍ଯ୍ୟ ଆରମ୍ଭ ହେବାରେ ବିଳମ୍ବ ଘଟିଥିଲା। ପ୍ରକଳ୍ପର ଏକ ବିସ୍ତୃତ ସମୀକ୍ଷା ପରେ ଉଭୟ ସଂସ୍ଥା ମୁଖ୍ୟ ପ୍ରତିବନ୍ଧକଗୁଡ଼ିକର ସମାଧାନ କରି ଆଗାମୀ କିଛି ମାସ ମଧ୍ୟରେ ଏହି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ତତ୍ପରତା ପ୍ରକାଶ କରିଛନ୍ତି।

# ଏମସିଏଲ୍‌ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ନିର୍ମଳ କୁମାର ସିଂହ

**ଅନୁଗୁଳ/ସମ୍ବଲପୁର, ୫/୧୦(ନିପ୍ର):** ନିର୍ମଳ କୁମାର ସିଂହ ସୋମବାର ମହାନଦୀ କୋଲଫିଲ୍ଡ ଲିମିଟେଡ୍ (ଏମସିଏଲ୍)ର ନିର୍ଦ୍ଦେଶକ (ଅର୍ଥ) ଭାବେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ସିଂହ ଆର୍ଥିକ ପରିଚାଳନା, ଡିଜିଟାଲ୍ ରୂପାନ୍ତର ଏବଂ କୌଶଳଗତ ନିଷ୍ପତ୍ତି ନେବାରେ ୩୦ ବର୍ଷରୁ ଅଧିକ ଦୀର୍ଘ ଅଭିଜ୍ଞତା ରହିଛି । ସେ ୧୯୯୦ ମସିହାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠିତ ଶ୍ରୀ ରାମ କଲେଜ ଅଫ୍ କମର୍ସରୁ ଆକାଉଣ୍ଟିଂ ଆଣ୍ଡ ଫାଇନାନ୍ସରେ ସ୍ନାତକ ଏବଂ ୧୯୯୪ ମସିହାରେ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ସ ଅଫ୍ ଇଣ୍ଡିଆରୁ ଜଣେ ଯୋଗ୍ୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୯୫ ମସିହାରେ ସେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)- ବୋକାରୋ ଷ୍ଟିଲ୍ ପ୍ଲାଣ୍ଟରେ ଜୁନିୟର୍ ମ୍ୟାନେଜର୍ ଭାବେ ଯୋଗଦେଇ କ୍ରମଶଃ ପଦୋନ୍ନତି ପାଇ ମୁଖ୍ୟ ମହାପ୍ରବନ୍ଧକ ପଦବୀରେ ପହଞ୍ଚିଥିଲେ । ନିଜର ଅସାଧାରଣ ନେତୃତ୍ୱ ପ୍ରଦର୍ଶନ କରି ସେ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟରେ ପ୍ରଥମ ଥର ପାଇଁ ଇଣ୍ଡ୍ଏଏସ୍‌ର କାର୍ଯ୍ୟାନ୍ୱୟନ, ଏସଏପି କଷ୍ଟିଂ ମଡ୍ୟୁଲ୍ ଏବଂ କ୍ୟାସ୍ ମ୍ୟାନେଜମେଣ୍ଟର ଡିଜିଟାଇଜେସନ୍ ଆଦି କାର୍ଯ୍ୟ ସଫଳତାର ସହ କରିଥିଲେ।



ଏମସିଏଲ୍‌ର ନୂତନ ଦାୟିତ୍ୱ ନେବା ପରେ କମ୍ପାନୀକୁ ଜଣେ 'ଷ୍ଟ୍ରାଟେଜିକ୍ ଭାଲ୍ୟୁ କ୍ରିଏଟର' ଭାବେ ଆଗକୁ ନେବା ସହ କର୍ମଚାରୀ ଓ ହିତାଧିକାରୀମାନଙ୍କ ପାଇଁ ଏକ ଆର୍ଥିକ ଦୃଷ୍ଟିରୁ ଶକ୍ତିଶାଳୀ ଭାବେ ଗଢ଼ିତୋଳିବାକୁ ସେ ଦୂରଦୃଷ୍ଟି ରଖିଛନ୍ତି ।







Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ